R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୫୨
ତିଥି : ଦ୍ୱିତୀୟା
୧୭ ଜୁନ୍ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 252
17 June 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ଜି-୭ ସମ୍ମିଳନୀ ଆରମ୍ଭ

# ଏକତା-ସମାନତା ଆଧାରରେ ଆଗକୁ ବଢ଼ିବା : ମୋଦୀ



ନୂଆଦିଲ୍ଲୀ, ୧୬ ।୬ : ଫ୍ରାନ୍ସରେ ହେବାକୁ ଥିବା ଜି-୭ ସମ୍ମିଟ୍ ଆରମ୍ଭ ହେବାକୁ ଯାଉଛି । ଏଥିରେ ଯୋଗ ଦେବାପାଇଁ ବିଶ୍ୱର ନେତାମାନେ ସେଠାରେ ପହଞ୍ଚିବାରେ ଲାଗିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେଠାରେ ପହଞ୍ଚିଛନ୍ତି । ଉଭୟଙ୍କ ମଧ୍ୟରେ ୧୬ ମାସ ପରେ ଏକ ସାକ୍ଷାତ ହୋଇଛି । ପରସ୍ପରକୁ ସାକ୍ଷାତ କଲାବେଳେ ଉଭୟେ କରମର୍ଦ୍ଦନ କରିଛନ୍ତି । ବିଶ୍ୱ ଏକତା ଓ ସମାନତା ଉପରେ ଆଧାରିତ ଦାତା, ଗ୍ରହିତାଙ୍କ ଠାରୁ ସହଭାଗିତା ଆଡକୁ ଗତି କରିବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱ ଦେଇଛନ୍ତି ।

ଜି-୭ର ସଦସ୍ୟମାନେ ଋଷ୍ ଉପରେ ଚାପ ପକାଇ ୟୁକ୍ରେନ୍ ବିରୋଧରେ ଯୁଦ୍ଧକୁ ବନ୍ଦ କରିବା ପାଇଁ କହିବେ । ୟୁକ୍ରେନ୍ ମଧ୍ୟ ସେଠାରେ ପହଞ୍ଚିଛି ଓ ମସ୍କୋ ସହ ଏକ ବୁଝାମଣା ହୋଇପାରେ ବୋଲି ଟ୍ରମ୍ପ କହିଛନ୍ତି । ୧୫ ରୁ ୧୭ ଯାଏଁ ଇଭିଆନ୍ ଲେସ୍ ବେନ୍ସ ଠାରେ ଏକ ବଡଧରଣର ସମ୍ମିଳନୀ ହେବାକୁ ଯାଉଛି । ଏଥିରେ ଫ୍ରାନ୍ସ, ବ୍ରିଟେନ୍, କାନାଡା, ଜର୍ମାନ, ଇଟାଲୀ, ଜାପାନ ଓ ଆମେରିକା ଏବଂ ୟୁରୋପ ସମୂହର ସଦସ୍ୟମାନେ ଯୋଗଦେବେ । ମଙ୍ଗଳବାର ଜି-୭ର ପ୍ରଥମ ବିବୃତ୍ତି ଆସିଛି । ବିଶେଷ କରି ବିଶ୍ୱର ଅର୍ଥନୀତି ପାଇଁ ଯେଉଁ ବିପଦ ଦେଖାଦେଇଛି । ତାହା ଉପରେ ଫୋକସ କରାଯିବ ଓ ଜନସେବା ପାଇଁ ଆବଶ୍ୟକ ଅତ୍ୟାବଶ୍ୟକ ସାମଗ୍ରୀକୁ ଗୁରୁତ୍ୱ ଦିଆଯିବ । ଏହାଛଡା ଯେଉଁ ଦେଶଗୁଡ଼ିକର ଋଣ ଭାର ଅଧିକ ହୋଇଛି ସେହି ଦେଶଗୁଡ଼ିକୁ ସହଯୋଗ କରାଯିବ ଓ ନିବେଶର ସୁଯୋଗ ସୃଷ୍ଟି କରାଯାଇ ବହୁବିଧ ବିକାଶ ବ୍ୟାଙ୍କଗୁଡ଼ିକ ସହଯୋଗର ହାତ ବଢ଼ାଇବେ । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଖୁବ୍‌ଶୀଘ୍ର ଆମେ ଋଷ୍‌ର ତେଲ ଉପରେ ପୁଣି କଟକଣା ଲଗାଇବୁ । ୟୁକ୍ରେନ୍ ସହ ଯୁଦ୍ଧ ବନ୍ଦ ନ ହେଲେ ଏହି କଟକଣା ଲାଗୁ ରହିବ । ତେବେ ହର୍ମୁଜ୍ ପ୍ରଣାଳୀ ଇରାନ ସହ ଯୁଦ୍ଧ ସମାପ୍ତି ଘୋଷଣା ପରେ ଖୋଲିବାକୁ ନିଷ୍ପତ୍ତି ହୋଇଛି ।

- ଋଷ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ଲାଗି ପଡ଼ିବ ଚାପ
- ୧୬ ମାସ ପରେ ମୋଦୀ-ଟ୍ରମ୍ପ ସାକ୍ଷାତ
- ଋଷ୍ ତେଲ ଉପରେ ପୁନର୍ବାର ଲାଗିବ କଟକଣା

# ସପ୍ତାହେ ମଧ୍ୟରେ ଶାନ୍ତି ଚୁକ୍ତି ନେଇ ଆଲୋଚନା : ଇରାନ

ନୂଆଦିଲ୍ଲୀ, ୧୬ ।୬ : ମଧ୍ୟପ୍ରାଚ୍ୟରେ ଦେଖାଯାଇଥିବା ଉତ୍ତେଜନା ପରିସ୍ଥିତିକୁ ଶାନ୍ତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଇରାନ ପକ୍ଷରୁ କୁହାଯାଇଛି ଯେ, ଏହି ସପ୍ତାହରେ ଆମେରିକା ସହ ଚୁକ୍ତି ଆଲୋଚନା କରାଯିବ । ଏଥିରେ ପରମାଣୁ କାର୍ଯ୍ୟକ୍ରମ ଓ ଲଗାଯାଇଥିବା କଟକଣା ସମ୍ପର୍କରେ ଆଲୋଚନା ହେବ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଚୂଡାନ୍ତ ଚୁକ୍ତିପୂର୍ବରୁ କରାଯିବ । ୬୦ ଦିନ ମଧ୍ୟରେ ବିଭିନ୍ନ ସ୍ତରରେ ବୁଝାମଣା କରାଯାଇ ଚୂଡାନ୍ତ ଡିଲ ସ୍ୱାକ୍ଷର ହେବ ।

ଶୁକ୍ରବାର ପ୍ରଥମ ପର୍ଯ୍ୟାୟ ବୁଝାମଣା ଇରାନ ଓ ଆମେରିକା ମଧ୍ୟରେ କରାଯିବ ଏବଂ ଖୁବ୍ ଶୀଘ୍ର ଚୂଡାନ୍ତ ଚୁକ୍ତି ଆଡକୁ ଅଗ୍ରସର ହେବ । ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରଘାଚି କହିଛନ୍ତି ଯେ, ପରମାଣୁ ପ୍ରସଙ୍ଗ ଓ କଟକଣା ଉଚ୍ଛେଦ ନେଇ ଚୂଡାନ୍ତ ଚୁକ୍ତିରେ ଉଲ୍ଲେଖ କରାଯିବ ।ଇରାନର ଉପବୈଦେଶିକ ମନ୍ତ୍ରୀଙ୍କ କହିବାନୁଯାୟୀ ଇସଲାମିକ୍ ରିପବ୍ଲିକ୍ ମାନେ ପ୍ରମୁଖ ମଧ୍ୟସ୍ଥି ହୋଇଥିବାରୁ ସେମାନେ ମଧ୍ୟ ସ୍ୱିଜରଲାଣ୍ଡରେ ହେବାକୁ ଥିବା ଚୁକ୍ତି ସ୍ୱାକ୍ଷର ସମୟରେ ବୈଠକରେ ଉପସ୍ଥିତ ରହିବେ । ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ, ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହି ବୈଠକରେ ଯୋଗ ଦେବେ । ଟ୍ରମ୍ପ କହିଛନ୍ତି ଯେ, ହର୍ମୁଜ ପ୍ରଣାଳୀରେ ପ୍ରତିରୋଧ ଯୋଗୁଁ ତୈଳ ଓ ଗ୍ୟାସ ଆସିବାରେ ଗୁରୁତର ସଂକଟ ଦେଖାଦେଇଛି । ଏହାକୁ ସମ୍ପୂର୍ଣ୍ଣ ମୁକ୍ତ କରାଗଲେ ବିଶ୍ୱ ଅର୍ଥନୀତି ପାଇଁ ଏହା ବଳ ଯୋଗାଇବ । ଆମେରିକା ପକ୍ଷରୁ କୁହାଯାଇଛି ଯେ, ଇରାନର ବନ୍ଦର ଉପରେ ହୋଇଥିବା ପ୍ରତିରୋଧକୁ ମଧ୍ୟ ହର୍ମୁଜ ପ୍ରଣାଳୀ ଖୋଲିବା ମଧ୍ୟ ହଟାଇଦିଆଯିବ ।ସପ୍ତାହେ ମଧ୍ୟରେ ପରୋକ୍ଷ ବୁଝାମଣା ନେଇ ପାକିସ୍ତାନ ଓ କତାର ମଧ୍ୟସ୍ଥତା କରିଥିଲେ । ସେମାନେ ଏକ ଅନ୍ତରୀଣ ଚୁକ୍ତି ପାଇଁ ରାସ୍ତା ତିଆରି କରିଛନ୍ତି । ୱାଶିଂଟନର ଅତି (୯ ପୃଷ୍ଠାରେ)

# ନିଟ୍ ପୁନଃ ପରୀକ୍ଷା ଶୃଙ୍ଖଳିତ ଆୟୋଜନକୁ ଗୁରୁତ୍ୱ



ଭୁବନେଶ୍ୱର, ୧୬ ।୬ (ସବ୍ୟୁ): ନିଟ୍ ପରୀକ୍ଷା ପରିଚାଳନା ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସମସ୍ତ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ କୁହାଯାଇଛି । ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ର ନିକଟସ୍ଥ ରେଳ ଷ୍ଟେସନ ବା ବସ୍ ଷ୍ଟାଣ୍ଡରୁ ପରୀକ୍ଷା କେନ୍ଦ୍ରକୁ ଯିବା ଏବଂ ଫେରିବା ନିମନ୍ତେ ନିଃଶୁଳ୍କ ବସ୍ ସେବା ଯୋଗାଇ ଦେବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ନିଟ୍ ପରୀକ୍ଷା ଓ ଆନ୍ତର୍ଜାତିକ ଯୋଗ ଦିବସ ଗୋଟିଏ ଦିନରେ ଥିବାରୁ ଉଭୟ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ପାଇଁ ସମନ୍ୱିତ ପ୍ରସ୍ତୁତି କରିବାକୁ (୯ ପୃଷ୍ଠାରେ)

**ଜିଲ୍ଲାପାଳଙ୍କ ସହ ମୁଖ୍ୟ ସଚିବଙ୍କ ଆଲୋଚନା**

**ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ସୁନିଶ୍ଚିତ ନିର୍ଦ୍ଦେଶ**

## ପରୀକ୍ଷାର୍ଥୀଙ୍କୁ ମାଗଣା ବସ୍ ସେବା

ଭୁବନେଶ୍ୱର, ୧୬ ।୬ (ସବ୍ୟୁ): ଆସନ୍ତା ୨୧ତାରିଖରେ ନିଟ୍ (ୟୁଜି) ପରୀକ୍ଷାର୍ଥୀଙ୍କ ପାଇଁ ନିଃଶୁଳ୍କ ବସ୍ ସେବାର ବ୍ୟବସ୍ଥା କରାଯାଇଛି । ଯାହାକୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆରଟିସି) ଓ କମ୍ପ୍ରିହେନ୍ସିଭ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ମିଳିତ ଭାବେ ପରିଚାଳନା କରୁଛନ୍ତି । ଏହି ବ୍ୟବସ୍ଥା ଅଧୀନରେ ଓଏସ୍ଆରଟିସି, ମୁଖ୍ୟମନ୍ତ୍ରୀ ବସ୍ ସେବା ଓ ଆମ ବସ୍ ମାଧ୍ୟମରେ ପ୍ରମୁଖ ରେଳ ଷ୍ଟେସନ ଏବଂ ବସଷ୍ଟାଣ୍ଡ ଗୁଡ଼ିକରୁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ବସ୍ ସେବା ସିଧାସଳଖ ଉପଲବ୍ଧ ହେବ । ରାଜ୍ୟର ୧୩୪ଟି କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବା ସମସ୍ତ ପରୀକ୍ଷାର୍ଥୀ ସରକାରଙ୍କ ଦ୍ୱାରା ପରିଚାଳିତ ବସ୍ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ବସରେ ନିଜର ବୈଧ ପ୍ରବେଶ ପତ୍ର (ଆଡମିଟ କାର୍ଡ) ଦେଖାଇ ଏହି ସୁବିଧାର ଲାଭ ଉଠାଇପାରିବେ ।

ପରୀକ୍ଷାର୍ଥୀଙ୍କ (୯ ପୃଷ୍ଠାରେ)

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତର ପ୍ରସ୍ତୁତି ସମୀକ୍ଷା

# ତ୍ରୁଟିଶୂନ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୧୬ ।୬ (ସବ୍ୟୁ) : ରାଜ୍ୟ ସରକାରଙ୍କ ସଫଳ ୨ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଜୁନ୍ ୧୯ ଓ ୨୦ ତାରିଖରେ ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

ଏହି ହାଇପ୍ରୋଫାଇଲ୍ ଗସ୍ତକୁ ସୁଚାରୁରୂପେ ପରିଚାଳନା କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି ।

ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ବ୍ଲୁ-ପ୍ରିଣ୍ଟ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ବିଶେଷ କରି ମେଗା ସାଧାରଣ ସଭା ଏବଂ ଭିଭିଆଇପିମାନଙ୍କ ଗମନାଗମନ ସମୟରେ ଯେପରି କୌଣସି ତ୍ରୁଟି ନରହେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗକୁ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ଅନୁଯାୟୀ, ଆସନ୍ତା ଜୁନ୍ ୧୯ ତାରିଖରେ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଗସ୍ତରେ ନିଜ ଜିଲ୍ଲା ମୟୂରଭଞ୍ଜରେ ପହଞ୍ଚିବେ । ଏହି ଗସ୍ତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଭାବପୂର୍ଣ୍ଣ ଦିଗ ହେଉଛି ଆସନ୍ତା ଜୁନ୍ ୨୦ ତାରିଖରେ ରାଷ୍ଟ୍ରପତିଙ୍କ ଶୁଭ ଜନ୍ମଦିନ । ନିଜ ଜନ୍ମଦିନ ଅବସରରେ ମାନ୍ୟବର ରାଷ୍ଟ୍ରପତି ନିଜ ଜନ୍ମଭୂମି ଏବଂ ପ୍ରଥମ କର୍ମଭୂମି ରାଇରଙ୍ଗପୁରରେ ଉପସ୍ଥିତ ରହିବେ, ଯାହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଆନନ୍ଦର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଜନ୍ମମାଟିରେ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା (୯ ପୃଷ୍ଠାରେ)

**ରାଇରଙ୍ଗପୁରରେ ମେଗା ପ୍ରକଳ୍ପର ଶୁଭାରମ୍ଭ ହେବ**

## ଦାରିଦ୍ର୍ୟ ତାଡ଼ନା ଭିତରେ ଆଶାର ଆଲୋକ

# ବୃଦ୍ଧ ମା', ଦୃଷ୍ଟିହୀନ ପୁଅକୁ ସାମାଜିକ ସୁରକ୍ଷା ଦିଅ



ସୋନପୁର, ୧୬ ।୬ (ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲା ବିନିକାର ବୃଦ୍ଧ ମାଆ ଓ ଦୃଷ୍ଟିହୀନ ପୁଅଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ନେଇ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି । ରାଧିକାଙ୍କ ଅଭାବର ଫର୍ଦ୍ଦ ଓଲଟାଇଛନ୍ତି ସୁପ୍ରିମକୋର୍ଟ । ମାଆ ପୁଅଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଏବଂ ସମ୍ମାନଜନକ ଜୀବନ ସୁନିଶ୍ଚିତ କରିବାକୁ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି । ଜୀବନର କଠୋର ପରୀକ୍ଷା ଯେମିତି ଏମାନଙ୍କ ଭାଗ୍ୟରେ ଲେଖା ଥିଲା । ଦାରିଦ୍ରତାର ଗହନରେ ଜୀବନ ବଞ୍ଚିବାକୁ ବାଧ ହେଉଥିଲେ । ନା ଥିଲା ସାମାଜିକ ସୁରକ୍ଷା, ନା ସମ୍ମାନର ସହ ବଞ୍ଚିବାକୁ ପୁଞ୍ଜି । କପାଳକୁ ନିନ୍ଦି ଦିନ କଟୁଥିଲା ଜୀବନ । ଏବେ ଆତ୍ମସମ୍ମାନର ସହ ବଞ୍ଚିବାକୁ ରାହା ମିଳିଛି । ରାଧିକା ଓ ତାଙ୍କ ଦୃଷ୍ଟିହୀନ ପୁଅଙ୍କୁ ସାମାଜିକ ସୁରକ୍ଷା ଓ ନିରାପତ୍ତା ପାଇଁ ହାତ ବଢ଼ାଇଲେ ସର୍ବୋଚ୍ଚ ନ୍ୟାୟାଳୟ । ବିଡମ୍ବନାର ବିଷୟ ଏମାନଙ୍କ ଦୁଃଖ କାହା ଆଖିରେ ପଡୁନଥିଲା । ଅଭାବ ସହ ଘର କରିବା ଅଭ୍ୟାସ ପାଲଟିଥିଲା । ଘର ଭିତରୁ ହିଁ ଦିନରେ ସୂର୍ଯ୍ୟ ରାତିରେ ତାରା ଦେଖୁଥିଲେ । ପ୍ରଶାସନର ତଳ ସିଡ଼ିରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ କାହାରି ନଜରରେ ପଡିନି ଏମାନଙ୍କ ଦୁଃଖ । ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରିବା ସହ ମାଆ ପୁଅଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଏବଂ ସମ୍ମାନଜନକ ଜୀବନ ସୁନିଶ୍ଚିତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜପ ଭୁଏ ଏବଂ ତାଙ୍କ ମା' ସମ୍ମାନର ସହ ବଞ୍ଚିବା ପାଇଁ ଆବଶ୍ୟକୀୟ ସହାୟତା ପାଉଛନ୍ତି କି ନାହିଁ ? ରାଧିକା ଭୁଏ ବାର୍ଦ୍ଧକ୍ୟ ଭତ୍ତା ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ୟାନ୍ୟ କଲ୍ୟାଣକାରୀ ସୁବିଧା ପାଉଛନ୍ତି କି ନାହିଁ ? ଦିବ୍ୟାଙ୍ଗ ଜପ ଭୁଏଙ୍କୁ ଭିନ୍ନକ୍ଷମ ଭତ୍ତା ତଥା ଅନ୍ୟାନ୍ୟ ସାମାଜିକ ସୁରକ୍ଷା ସୁବିଧା ମିଳୁଛି କି ନାହିଁ ? ସେ ନେଇ ସତ୍ୟପାଠ ଦାଖଲ କରିବାକୁ କୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଜଣେ ଦୃଷ୍ଟିହୀନ ବ୍ୟକ୍ତି ଏବଂ ତାଙ୍କର ବୃଦ୍ଧା ମା'ଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ଏବଂ ଏକ ସମ୍ମାନଜନକ ଜୀବନ ସୁନିଶ୍ଚିତ କରିବାକୁ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ, ଜନ୍ମରୁ ଅନ୍ଧ ଥିବା ଜପ ଭୁଏ ଏବଂ ତାଙ୍କର ୮୦ ବର୍ଷର ବୃଦ୍ଧା ମା' ରାଧିକା ଭୁଏଙ୍କ ସାମଗ୍ରିକ କଲ୍ୟାଣ ଓ ଭରଣପୋଷଣକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । କୋର୍ଟ କହିଛନ୍ତି ଯେ, ଏହା କେବଳ "ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ଅଧୀନରେ ଘର ଖଣ୍ଡେ ବର୍ଣ୍ଟନ କରିବା ମଧ୍ୟରେ ସୀମିତ ନୁହେଁ । ଶୁଣାଣି ସମୟରେ ରାଜ୍ୟ ସରକାର କୋର୍ଟଙ୍କୁ ଜଣାଇଥିଲେ ଯେ ବୃଦ୍ଧା ମା'ଙ୍କୁ ଏକ ଆବାସ ଗୃହ ଯୋଗାଇ ଦିଆଯାଇଛି ଏବଂ ଜପ ଭୁଏଙ୍କ ଭାଇମାନଙ୍କୁ ମଧ୍ୟ ଅଲଗା ଅଲଗା ଘର ମିଳିଛି । (୯ ପୃଷ୍ଠାରେ)

# ଚାମେଲି ଓଝାଙ୍କୁ ଜାମିନ

କେନ୍ଦ୍ରାପଡା, ୧୬ ।୬ (ସବ୍ୟୁ) : ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କୁ ଜାମିନ ମିଳିଛି । କେନ୍ଦ୍ରାପଡା ଏସ୍‌ଡିଜେଏମ୍ କୋର୍ଟରୁ ତାଙ୍କୁ ଜାମିନ ପ୍ରଦାନ କରାଯାଇଛି । ତାଙ୍କ ବିରୋଧରେ ପୋଲିସକୁ ଆକ୍ରମଣ କରିବା, ଆଙ୍ଗୁଠି କାମୁଡି ଦେବାନେଇ ମହାକାଳପଡା ଏସ୍ଆଇ ମାମଲା ରୁଜୁ କରିଥିଲେ । ଚାମେଲିଙ୍କୁ ଗିରଫ କରାଯାଇଥିବାବେଳେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ସେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ (୯ ପୃଷ୍ଠାରେ)

## ଏସ୍‌ପି, ଜିଲ୍ଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର, ୧୬ ।୬ (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ୍ ଅଧୀନ ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ମାମଲାରେ ଏସ୍‌ପି, ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କରିଛନ୍ତି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) । କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଜଣାଇବାକୁ ଏନ୍‌ଏଚ୍‌ଆର୍‌ସି କହିଛନ୍ତି ।

ଗତ ୧୧ ତାରିଖ ଦିନ ଚାମେଲି ଓଝା ବିଡିଓଙ୍କ ପାଖକୁ ତାଙ୍କ ପଞ୍ଚାୟତ ସମସ୍ୟାକୁ ନେଇ ଆସିଥିବା ବେଳେ ସେଠାରେ ବିଡିଓଙ୍କ ସହ କିଛି କଥା କଟାକଟି ହୋଇଥିଲା । ଯାହାକୁ ଚାମେଲି ମୋବାଇଲ ମାଧ୍ୟମରେ ଫେସ୍‌ବୁକ୍ ଲାଇଭ୍ କରିଥିଲେ । ଏହି ସମୟରେ ବିଡିଓଙ୍କ (୯ ପୃଷ୍ଠାରେ)

# ଭତ୍ତା ନ ମିଳିବାରୁ ଜୀବନ ହାରିଲେ ବୃଦ୍ଧା

ବ୍ରହ୍ମପୁର, ୧୬ ।୬ (ସବ୍ୟୁ) : ଦୀର୍ଘ ୩ ମାସ ଧରି ଭତ୍ତା ନପାଇ ଶେଷରେ ଜୀବନ ହାରିଦେଲେ ୬୬ ବର୍ଷୀୟା ବୃଦ୍ଧା । ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦକୋଟ ଗ୍ରାମ ପଞ୍ଚାୟତର ଚଢିଆପଡା ଗ୍ରାମରେ । ଭତ୍ତା ଟଙ୍କା ଆକାଉଣ୍ଟକୁ ଆସିଲା କି ନାହିଁ ସେନେଇ ବାରମ୍ବାର ବ୍ୟାଙ୍କକୁ ଦୌଡୁଥିଲେ । ଦୀର୍ଘ ୩ ମାସ ଧରି ଭତ୍ତା ନଆସିବାରୁ ମାନସିକ ଭାରସାମ୍ୟ ହରାଇ ଗତ ରବିବାର ଆତ୍ମହତ୍ୟା କରିଦେଲେ ବୃଦ୍ଧା ମହିଳା । ବୃଦ୍ଧା ଜଣକ ହେଲେ ଚଢିଆପଡା ଗ୍ରାମର ବି ସାବିତ୍ରୀ ଦୋରା । ଗୁରୁତର ଅବସ୍ଥାରେ ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ତାଙ୍କର ମରଶରୀରକୁ ପୋଷ୍ଟମର୍ଟମ୍ କରାଯିବା ପରେ ଅନ୍ତିମ ସଂସ୍କାର କରାଯାଇଛି । ନିର୍ବାଚନ ସମୟରେ ଭତ୍ତା ବୃଦ୍ଧି ପାଇଁ ବିଜେପି (୯ ପୃଷ୍ଠାରେ)

## ଇତିହାସ

୧୭୫୬- ନବାବ ସିରାଜଦ୍ଦୋଲା ୫୦ ହଜାର ସୈନିକଙ୍କ ସହିତ କଲିକତା ଉପରେ ଆକ୍ରମଣ କଲେ ।

୧୭୯୯- ନେପୋଲିୟନ୍ ବୋନାପାର୍ଟ ଇଟାଲିକୁ ନିଜ ସାମ୍ରାଜ୍ୟରେ ସାମିଲ କଲା ।

୧୮୮୫- ଫ୍ରାନ୍ସ ତରଫରୁ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉପହାର ନ୍ୟୁୟର୍କ ବନ୍ଦରରେ ପହଞ୍ଚିଲା ।

୧୯୧୭- ମହାତ୍ମା ଗାନ୍ଧୀ ସାବରମତି ଆଶ୍ରମରେ ନିଜର ବାସସ୍ଥାନ ନିର୍ମାଣ କଲେ ।

୧୯୨୯- ଚୀନ୍ ସହିତ ଥିବା କୁଟନୀତିଜ୍ଞ ସମ୍ବନ୍ଧକୁ ସୋଭିଏତ୍ ସଂଘ ସମାପ୍ତ କଲା ।

୧୯୩୮- ଚୀନ୍ ବିରୋଧରେ ଜାପାନ ଯୁଦ୍ଧ ଘୋଷଣା କଲା ।

୧୯୪୪- ଆଇଲ୍ୟାଣ୍ଡ ଠାରୁ ଡେନ୍ମାର୍କକୁ ସ୍ୱାଧୀନତା ପ୍ରାପ୍ତ ହେଲା ।

୧୯୬୩- ସ୍କୁଲ୍ମାନଙ୍କରେ ବାଇବେଲ୍ର ଆବଶ୍ୟକ ପାଠ ପ୍ରସଙ୍ଗରେ ଆମେରିକା ସୁପ୍ରିମ୍କୋର୍ଟ ପ୍ରତିବନ୍ଧକ ଲାଗୁ କଲା ।

୧୯୭୦- ଚିକାଗୋରେ ପ୍ରଥମଥର ପାଇଁ କିଡନୀ ପ୍ରତିରୋପଣର ଅପରେସନ୍ ହେଲା ।

୧୯୯୪- ଚିକାଗୋରେ ଫିଫା ଫୁଟବଲ୍ ବିଶ୍ୱକପ୍ର ଆରମ୍ଭ ହେଲା ।

୨୦୦୪- ମଙ୍ଗଳ ଗ୍ରହରେ ପଥର ମିଳିଲା, ଯାହା ପୃଥିବୀର ପଥର ସହିତ ସମାନ ଦେଖାଗଲା ।

୨୦୦୮- ବେଙ୍ଗାଲୁରୁରେ ଯୁଦ୍ଧ ବିମାନ ତେଜସ୍ର ସଫଳତାପୂର୍ବକ ପରୀକ୍ଷଣ କରାଗଲା ।

୨୦୧୨- ସାଇନା ନେହେୱାଲ୍ ତୃତୀୟ ଥର ପାଇଁ ଇଣ୍ଡୋନେସିଆ ଓପନ୍ ଚାମ୍ପିୟନ୍ସିପ୍ର ବିଜେତା ହେଲେ ।

## ବସୁମତି ସ୍ନାନ

ବେଶ୍ ମଉଜ ମଜଲିସ୍ରେ ସରିଯାଇଛି ରଜ । ଏହି ତିନିଦିନକୁ ବେଶ୍ ମନଭରି ଉପଭୋଗ କରିଛନ୍ତି ଓଡିଶାବାସୀମାନେ । କାମକାର୍ଯ୍ୟରୁ ବିରତି ନେଇ ରାଜ୍ୟର ଝିଅବୋହୂମାନେ ତିନିଦିନ ଧରି ଆନନ୍ଦ ଉଲ୍ଲାସରେ ଏହି ଉତ୍ସବକୁ ପାଳନ କରିଛନ୍ତି । ଦୋଳି ଖେଳିବା ସାଙ୍ଗକୁ ନାଚଗୀତ କରି ସେମାନଙ୍କର ଦିନଗୁଡିକ ବିତିଛି । ତିନିଦିନ ଧରି ରଜ ପାଳିବା ପରେ ଚତୁର୍ଥ ଦିନରେ ପଡେ ବସୁମତି ସ୍ନାନ । ଏହି ଦିନରେ ପାରମ୍ପରିକ ରୂପେ ଧରିତ୍ରୀ ମା'ଙ୍କୁ ପୂଜା କରାଯାଏ । ଶିଳପୁଆକୁ ଭୂଦେବୀ ମନେ କରି ମହିଳାମାନେ ଶିଳପୁଆ ଦେହରେ ହଳଦୀ, ଚନ୍ଦନ, ସିନ୍ଦୁର ଲଗାଇ ପୁଷ୍ପାଞ୍ଜଳି ଦେଇ ପୂଜା କରିଥାନ୍ତି । ଏହାସହ ମାଟି ମା'କୁ ବିଭିନ୍ନ ପ୍ରକାରର ଫଳ ଅର୍ପଣ କରନ୍ତି । ଏହା କେବଳ ଓଡିଶାରେ ପାଳନ କରାଯାଏ । ଚାଷୀକୂଳରେ ଏହି ଦିନକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଏ । ଆଗକୁ ଚାଷ ଋତୁ ଆସୁଥିବାରୁ ଚାଷୀମାନେ ଭଲ ଫସଲ ପାଇଁ ପ୍ରାର୍ଥନା କରି ମାଟି ମା'ର ସ୍ୱତନ୍ତ୍ର ପୂଜା କରିଥାନ୍ତି । ଏହି ପର୍ବରେ ପୃଥିବୀକୁ ମାତା ରୂପେ ବିବେଚନା କରାଯାଇଥାଏ । ବର୍ଷା ଋତୁର ଆଗମନରେ ପୃଥିବୀମାତା ରଜସ୍ୱଳା ହେବା ସହିତ ନୂଆ ଶସ୍ୟ ଜନ୍ମ ହେବା ଆଶା ନେଇ ଚାଷୀମାନେ ଏହି ପୂଜା କରିଥାନ୍ତି । ଏହି ଦିନରେ ଚାଷୀମାନେ ବସୁମତୀ ମାତା ବା ଭୂଦେବୀଙ୍କୁ ପୂଜାର୍ଚ୍ଚନା କରିବା ସହିତ ହଳଲଙ୍ଗଳକୁ ମଧ୍ୟ ପୂଜା କରନ୍ତି । ଆଷାଢ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ । ଯାହା ଫଳରେ ମାଟି ମା' ରଜସ୍ୱଳା ହୋଇଥାଏ । ଜଣେ ମା' ଯେଉଳି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ଠିକ୍ ସେହିପରି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ ବୋଲି ଲୋକବିଶ୍ୱାସ ରହିଛି । ଅର୍ଥାତ୍ ଏହି ତିନିଦିନ ଚାଷୀମାନେ ଚାଷକାର୍ଯ୍ୟରୁ ବିରତି ନେଇଥାନ୍ତି ।



## ବ୍ୟୁଟି ପାର୍ଲର ଷ୍ଟ୍ରୋକ ସିଣ୍ଡ୍ରୋମ



ସାଧାରଣତଃ ନିଜକୁ ସୁନ୍ଦର ଓ ମେଣ୍ଟେନ କରିବା ପାଇଁ ଲୋକେ ସେଲୁନ୍ ଯାଇ ହେୟାର୍ କଟ୍, ହେୟାର୍ ୱାଶ୍ କିମ୍ବା ସ୍ପା ଭଳି ବିଭିନ୍ନ ସେବା ନେଇଥାନ୍ତି । ମାତ୍ର ଏହି ହେୟାର୍ ୱାଶ୍ ସମୟରେ ମୁଣ୍ଡକୁ ଦୀର୍ଘ ସମୟ ଧରି ପଛକୁ ଆଉଜାଇ ରଖିବା ଦ୍ୱାରା 'ଷ୍ଟ୍ରୋକ୍' ହେବାର ଆଶଙ୍କା ଥାଏବୋଲି ଜଣାପଡିଛି । ୨୦୨୫ ମସିହାରେ 'ଦ ଆମେରିକାନ ଜର୍ଣ୍ଣାଲ ଅଫ୍ ଇମରଜେନ୍ସି ମେଡିସିନ'ରେ ପ୍ରକାଶିତ ଏକ ସମୀକ୍ଷା ଅନୁଯାୟୀ, ଗତ ୫୦ ବର୍ଷ ମଧ୍ୟରେ ପାର୍ଲରରେ ଘଟିଥିବା ୫୪ଟି ଷ୍ଟ୍ରୋକ୍ ମାମଲାକୁ ବିଶ୍ଳେଷଣ କରାଯାଇଥିଲା । ଯେଉଁଥିରେ ଅଧିକାଂଶ ଘଟଣା ସେଲୁନରେ ହେୟାର୍ ୱାଶ୍ ସମୟରେ ହିଁ ଘଟିଥିଲା ଏବଂ ଚିକିତ୍ସା ବିଜ୍ଞାନରେ ଏହି ଗମ୍ଭୀର ସମସ୍ୟାକୁ 'ବ୍ୟୁଟି ପାର୍ଲର ଷ୍ଟ୍ରୋକ୍ ସିଣ୍ଡ୍ରୋମ' କୁହାଯାଏ । ବାସ୍ତବରେ, କେଶ ଧୋଇବା ସମୟରେ ବେକକୁ ଅତ୍ୟଧିକ ପଛକୁ ବଙ୍କା କରି ରଖିବା ଦ୍ୱାରା ବେକ ଦେଇ ମସ୍ତିଷ୍କକୁ ଯାଇଥିବା ରକ୍ତବାହୀ ନଳୀ ଗୁଡ଼ିକ ଉପରେ ପ୍ରବଳ ଚାପ କିମ୍ବା ଟାଣ ପଡ଼ିଥାଏ । ଯାହାଫଳରେ ମସ୍ତିଷ୍କକୁ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ଅସ୍ଥାୟୀ ଭାବେ ବାଧାପ୍ରାପ୍ତ ହୁଏ କିମ୍ବା ରକ୍ତ ଜମାଟ ବାନ୍ଧି ମିନି-ଷ୍ଟ୍ରୋକ୍ ଆଶଙ୍କା ବଢ଼ିଯାଏ । ଏହାର ପ୍ରଭାବରେ ମସ୍ତିଷ୍କର କୋଷଗୁଡ଼ିକ କ୍ଷତିଗ୍ରସ୍ତ ହୋଇ କଥା କହିବାରେ ଅସୁବିଧା, ଚାଲିବାରେ ସମସ୍ୟା, ଅସ୍ପଷ୍ଟ ଦୃଷ୍ଟିଶକ୍ତି ଏବଂ ଶରୀରର ସନ୍ତୁଳନ ବିଗିଡ଼ିବା ଭଳି ଲକ୍ଷଣ ଦେଖାଦେଇଥାଏ । ତେଣୁ ଏଭଳି ବିପଦରୁ ରକ୍ଷା ପାଇବା ପାଇଁ ସେଲୁନରେ ହେୟାର୍ ୱାଶ୍ ସମୟରେ ବେକ ପଛରେ କୁସନ୍ କିମ୍ବା ନରମ ତକିଆର ସପୋର୍ଟ ନେବା ଏବଂ କୌଣସି ପ୍ରକାରର ଅସହଜତା ଅନୁଭବ ହେଲେ ତୁରନ୍ତ ବେକର ଆଙ୍ଗେଲ୍ ବଦଳାଇବା ସହ ସତର୍କତା ଅବଲମ୍ବନ କରିବା ନିହାତି ଜରୁରୀ ।

## ଇଚ୍ଛାଶକ୍ତି ଆଗରେ ହାରମାନେ ଅକ୍ଷମତା



ଦୃଢ଼ ଇଚ୍ଛାଶକ୍ତି ଥିଲେ କୌଣସି କାର୍ଯ୍ୟ ଅସମ୍ଭବ ହୋଇନଥାଏ ତେବେ ଏହି ଉକ୍ତିକୁ ପ୍ରମାଣ କରିଛନ୍ତି ରୁଷର ଜଣେ ଆଥଲେଟ । ସୂଚନା ଅନୁସାରେ ପ୍ରସିଦ୍ଧ ରୁଷୀୟ ପାରାଟ୍ରୁପର ତଥା ଡବଲ୍ ଏମ୍ପ୍ୟୁଟି ଆଥଲେଟ୍ ରୁସ୍ତମ୍ ନାବିଭ୍ କୌଣସି କୃତ୍ରିମ ଗୋଡ଼ର ସାହାଯ୍ୟ ନନେଇ ଏଭରେଷ୍ଟ ଚଢିଛନ୍ତି । ସେ କେବଳ ନିଜ ଶରୀରର ଉପର ଭାଗର ଶକ୍ତି ଏବଂ ଦୃଢ଼ ଇଚ୍ଛାଶକ୍ତି ବଳରେ ୮,୮୪୯ ମିଟର ଉଚ୍ଚ ବିଶିଷ୍ଟ ମାଉଣ୍ଟ ଏଭରେଷ୍ଟ ଶୃଙ୍ଗ ଜୟ କରି ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି । ସୂଚନା ଅନୁଯାୟୀ, ୨୦୧୫ ମସିହାରେ ଏକ ସେନା ବ୍ୟାରେକ୍ ଭାଙ୍ଗିଯିବା କାରଣରୁ ରୁସ୍ତମ୍ ନିଜର ଦୁଇଟିଯାକ ଗୋଡ଼ ହରାଇଥିଲେ ମଧ୍ୟ ସେ କେବେ ହାର୍ ମାନିନଥିଲେ । ପର୍ବତାରୋହଣକୁ ନିଜ ଜୀବନର ଲକ୍ଷ୍ୟ ଭାବେ ବାଛି ପ୍ରଥମେ ରୁଷ ଓ ୟୁରୋପର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁସ୍ ଏବଂ ପରେ ୨୦୨୧ ମସିହାରେ ନେପାଳର ୮,୧୬୩ ମିଟର ଉଚ୍ଚ ମାଉଣ୍ଟ ମନାସଲୁ ସଫଳତାର ସହ ଆରୋହଣ କରିଥିଲେ । ଏହି କ୍ରମରେ ଗତ ୨୧ ମଇ ୨୦୨୬ରେ କୌଣସି କୃତ୍ରିମ ଗୋଡ଼ ବିନା ଏଭରେଷ୍ଟ ଶୀର୍ଷରେ ପହଞ୍ଚିବାରେ ସେ ସାରା ବିଶ୍ୱର ପ୍ରଥମ ବ୍ୟକ୍ତି ହେବାର ଗୌରବ ଅର୍ଜନ କରି ଏକ ନୂଆ ଇତିହାସ ରଚନା କରିଛନ୍ତି ।

## ନିଆରା ପ୍ରତିଯୋଗିତା

ବିହାରର ପଶ୍ଚିମ ଚମ୍ପାରଣ ଅନ୍ତର୍ଗତ ବୌନୈତନର ଏକ ରେଷ୍ଟୁରାଣ୍ଟରେ 'ଚମ୍ପାରଣ ୱେଲଫେୟାର ସୋସାଇଟି' ପକ୍ଷରୁ ଆୟୋଜିତ ଏକ ଅଦ୍ଭୁତ 'ଆମ୍ବ ଖିଆ ପ୍ରତିଯୋଗିତା' ଆୟୋଜନ କରାଯାଇଥିଲା । ଯେଉଁଥିରେ ଜଣେ ବ୍ୟକ୍ତି ମାତ୍ର ୧୨ ମିନିଟରେ ୪୦ଟି ଆମ୍ବ ଖାଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ଏହି ପ୍ରତିଯୋଗିତାରେ ପ୍ରାୟ ୨୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ସମସ୍ତଙ୍କ ସାମ୍ନାରେ ଚମ୍ପାରଣର ପ୍ରସିଦ୍ଧ 'ଜର୍ଦା ଆମ୍ବ' ରଖାଯାଇଥିଲା । ୧୩ ମିନିଟ୍ ମଧ୍ୟରେ ୪୦ଟି ଆମ୍ବ ଶେଷ କରିବାର ଚ୍ୟାଲେଞ୍ଜ୍ ଦିଆଯାଇଥିଲା । ତେବେ ଖଣ୍ଡା ପଞ୍ଚାୟତର ଶିବନାଥ ଯାଦବ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ନିର୍ଦ୍ଧାରିତ ସମୟ ପୂର୍ବରୁ ଅର୍ଥାତ୍ ମାତ୍ର ୧୨ ମିନିଟରେ ୪୦ଟି ଆମ୍ବ ଖାଇ ଏହି ପ୍ରତିଯୋଗିତା ଜିତିଛନ୍ତି । ଏହି ଚିତ୍ତାକର୍ଷକ ବିଜୟ ପାଇଁ ଶିବନାଥଙ୍କୁ ମେଡାଲ, ଶିଲ୍ଡ ଓ ନଗଦ ପୁରସ୍କାର ପ୍ରଦାନ କରାଯିବା ସହ ସଂସ୍ଥା ପକ୍ଷରୁ ତାଙ୍କର ସମ୍ପୂର୍ଣ୍ଣ 'ବୈଷ୍ଣୋ ଦେବୀ ଯାତ୍ରା'ର ଖର୍ଚ୍ଚ ମଧ୍ୟ ବହନ କରାଯିବ ବୋଲି ଘୋଷଣା କରାଯାଇଛି ।

## ସୋସିଆଲ କୋଟ୍ସ



ସନ୍ନି ଦେୱଲଙ୍କ ଠାରୁ ଅନେକ କିଛି ଶିଖିଛି । ସବୁବେଳେ ତାଙ୍କ ଅଭିନୟରୁ ଶିକ୍ଷା ମିଳିଥାଏ । ସେ ଏବେ ବି ୟଙ୍ଗ ଅଛନ୍ତି ।

**ଅମିଷା ପଟେଲ, ଅଭିନେତ୍ରୀ**



ମୁଁ ମୋ କ୍ୟାରିୟରେ ଏଭଳି ମଧ୍ୟ କିଛି ଫିଲ୍ମ କରିଛି ଯାହାକୁ ନେଇ ମୁଁ କେବେ ବି ଗର୍ବ କରେ ନାହିଁ । ସ୍କ୍ରିପ୍ଟ ଶୁଣିଲେ ଭଲ ମନ୍ଦ ଜାଣିହୁଏ । ହେଲେ କେଉଁ ସ୍କ୍ରିପ୍ଟ ଭଲ ଆଉ କେଉଁଟି ବହୁତ ଭଲ ତାହା କେବଳ ସୁଟିଂ ସେଟରେ ହିଁ ଜଣା ପଡିଥାଏ ।

**ସାମନ୍ଥା ରୁଥ ପ୍ରଭୁ, ଅଭିନେତ୍ରୀ**



ଯେତେଜଣ ଅଭିନେତ୍ରୀ ନାଗିନ ସିରିଜରେ କାର୍ଯ୍ୟ କରିଛନ୍ତି । ସେମାନଙ୍କ ଭିତରୁ ମୋତେ ସବୁଠାରୁ ସୁନ୍ଦର ନାଗିନ ପ୍ରିୟଙ୍କା ଚହର ଲାଗିଛନ୍ତି ।

**ଏକତା କପୁର, ଫିଲ୍ମମେକର**

## ଝାନସୀ ରାଣୀ ଲକ୍ଷ୍ମୀବାଈ



ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସର ଅସୀମ ସାହସ, ବୀରତ୍ୱ ଓ ଦେଶପ୍ରେମର ଅନନ୍ୟ ପ୍ରତୀକ ହେଉଛନ୍ତି ଝାନ୍ସୀର ରାଣୀ ଲକ୍ଷ୍ମୀବାଈ । ୧୮୨୮ ମସିହା ନଭେମ୍ବର ୧୯ରେ ବାରାଣସୀର ଏକ ମରାଠା ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିବା ଲକ୍ଷ୍ମୀବାଈଙ୍କ ପିଲାଦିନର ନାମ 'ମଣିକର୍ଣ୍ଣିକା' ଥିଲା ଏବଂ ସେ ଆଦରରେ 'ମନୁ' ନାମରେ ଜଣାଶୁଣା ଥିଲେ । ପିଲାଦିନରୁ ହିଁ ସେ ଅଶ୍ୱାରୋହଣ, ଖଣ୍ଡା ଚାଳନା ଓ ସନ୍ତରଣ ଭଳି ଯୁଦ୍ଧକଳାରେ ପାରଙ୍ଗମ ଥିଲେ ଏବଂ ପରବର୍ତ୍ତୀ ସମୟରେ ଝାନ୍ସୀର ମହାରାଜା ଗଙ୍ଗାଧର ରାଓଙ୍କ ସହ ବିବାହ ପରେ ସେ ଝାନ୍ସୀର ରାଣୀ ହୋଇଥିଲେ । ମହାରାଜାଙ୍କ ମୃତ୍ୟୁ ପରେ ଯେତେବେଳେ ଇଂରେଜ ସରକାର ସେମାନଙ୍କ ପୋଷ୍ୟପୁତ୍ର ଦାମୋଦର ରାଓଙ୍କୁ ଉତ୍ତରାଧିକାରୀ ଭାବେ ଗ୍ରହଣ ନକରି 'ଡକ୍ଟ୍ରିନ୍ ଅଫ୍ ଲ୍ୟାପ୍ସ' ବଳରେ ଝାନ୍ସୀକୁ ଜବରଦସ୍ତ ହଡ଼ପ କରିବାକୁ ଚେଷ୍ଟା କରିଥିଲେ । ସେତେବେଳେ ରାଣୀ ଲକ୍ଷ୍ମୀବାଈ ବୀରତ୍ୱର ସହ ସେମାନଙ୍କ ବିରୋଧ କରିଥିଲେ । ୧୮୫୭ ମସିହାର ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମ ବା ସିପାହୀ ବିଦ୍ରୋହରେ ସେ ନେତୃତ୍ୱ ନେଇ ନିଜ ପିଠିରେ ପୁତ୍ରକୁ ବାନ୍ଧି, ହାତରେ ଖଣ୍ଡା ଧରି ବ୍ରିଟିଶ ସେନା ବିରୋଧରେ ସମ୍ମୁଖ ଯୁଦ୍ଧ ଲଢ଼ିଥିଲେ । ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଶତ୍ରୁ ସହ ମୁକାବିଲା କରି ୧୮୫୮ ଜୁନ୍ ୧୮ରେ ଗ୍ୱାଲିଅର୍‌ଠାରେ ମାତ୍ର ୨୯ ବର୍ଷ ବୟସରେ ବୀରଗତି ପ୍ରାପ୍ତ ହୋଇଥିଲେ । ତାଙ୍କର ଏହି ଅତୁଳନୀୟ ବଳିଦାନ ଓ ସ୍ୱାଭିମାନ ଆଜି ବି ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଜୀବନ୍ତ ଅଛି ।

## ବିବାଦରେ ନୂଆ ମୋଡ଼



ହରିୟାଣାର ପ୍ରସିଦ୍ଧ ଡ୍ୟାନ୍ସର ତଥା ସିଙ୍ଗର ସପ୍ନା ଚୌଧୁରୀ ଏବଂ ତାଙ୍କ ସ୍ୱାମୀ ବୀର ସାହୁଙ୍କ ମଧ୍ୟରେ ଚାଲିଥିବା ବିବାଦ ଭିତରେ ଏବେ ଏକ ନୂଆ ମୋଡ଼ ସାମ୍ନାକୁ ଆସିଛି । ସପ୍ନାଙ୍କ ସହ ଅନେକ ପ୍ରୋଜେକ୍ଟରେ କାମ କରିଥିବା ଜଣେ ଗାୟକ ନିଜ ନାମ ଗୋପନ ରଖି କିଛିବଡ ସୂଚନା ଦେଇଛନ୍ତି । ସେ ଦାବି କରିଛନ୍ତି ଯେ ବିବାହ ପରେ ବୀର, ସପ୍ନାଙ୍କ ଉପରେ ହରିୟାଣାର ପ୍ରାୟ ୮-୯ ଜଣ ପ୍ରତିଷ୍ଠିତ କଳାକାରଙ୍କ ସହ କାମ ନ କରିବାକୁ କଟକଣା ଲଗାଇଥିଲେ । ତେବେ ସପ୍ନା ଏହି କଟକଣାକୁ ଆଦୌ ପସନ୍ଦ କରୁନଥିଲେ ମଧ୍ୟ ପାରିବାରିକ ଶାନ୍ତି ପାଇଁ ଦୂରତା ବଜାୟ ରଖିଥିଲେ । ତେବେ ସ୍ୱପ୍ନା ଓ ତାଙ୍କ ସ୍ୱାମୀଙ୍କର ଏହି ତିକ୍ତତା ମଧ୍ୟରେ ଉଭୟଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଏବେ ଏକ ଯୁଦ୍ଧକ୍ଷେତ୍ର ପାଲଟିଛି । ଉଭୟ ଉଭୟଙ୍କୁ ପୋଷ୍ଟ ଜରିଆରେ ଭୁଲ ଦେଉଥିବାର ଦେଖିବାକୁ ମିଳୁଛି । ଉଭୟଙ୍କ ପୋଷ୍ଟ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।



**ମେଷ:** କାର୍ଯ୍ୟରେ ବିରୋଧ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁସମସ୍ୟା, ଅର୍ଥଚିନ୍ତା, ସ୍ୱାସ୍ଥ୍ୟଲାଭ, ଗୃହେ ସହଯୋଗ, ସନ୍ତାନଖୁସି, ଦୂରଯାତ୍ରା, ନୂତନ କର୍ମନିଯୁକ୍ତି, ଦେବଦର୍ଶନ, ଅନୁଷ୍ଠାନରୁ ଲାଭ, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଦୂରଯାତ୍ରା ସଫଳ, ବ୍ୟବସାୟରେ ଲାଭ, ଅଚାନକ ଧନଲାଭ, ଶରୀର ସୁସ୍ଥ, ଦେବକାର୍ଯ୍ୟ, ଶତ୍ରୁସମସ୍ୟା, ସମ୍ପତ୍ତିଲାଭ, ପାରିବାରିକ ସହାୟତା, ବନ୍ଧୁଲାଭ, ବିଘ୍ନନାଶ, ସୁସମ୍ବାଦ ପ୍ରାପ୍ତି, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ଶ୍ରୀ ଗଣେଶ ।

**ମିଥୁନ:** ଭଲଆୟ, ଲୋକସମ୍ପର୍କବୃଦ୍ଧି, ଦୂରଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ଶରୀର ସୁସ୍ଥ, ସୁଖଦିନ, ନୂତନଚୁକ୍ତି, ସମ୍ମାନଲାଭ, ଆର୍ଥିକ ଉନ୍ନତି, ସମ୍ପତ୍ତିଲାଭ, ଭ୍ରାତୃବିରୋଧ, ଦାମ୍ପତ୍ୟସୁଖ, ବିଦ୍ୟାରେ ସଫଳ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମହାଲକ୍ଷ୍ମୀ ।

**କର୍କଟ:** ଦୂରଯାତ୍ରାରେ ସତର୍କ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିଶିଷ୍ଟ ବ୍ୟକ୍ତି ସହାୟତା, ଶରୀର ସୁସ୍ଥ, ପଡ଼ୋଶୀ କଳହ, ସମ୍ପତ୍ତିବିବାଦ, ଶତ୍ରୁସମସ୍ୟା, ଅଚାନକ ଧନପ୍ରାପ୍ତି, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୫, ଆରାଧନା-ମା' ବଗଳାମୁଖୀ ।

**ସିଂହ:** ଯାନ୍ତ୍ରିକତ୍ରୁଟି, ହେବାକାର୍ଯ୍ୟ ବିଳମ୍ବ, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମକ୍ଷେତ୍ରେ ସଫଳ, ପିଲାଙ୍କଖୁସି, ଅନୁଷ୍ଠାନରୁ ଲାଭ, ଅଯଥା ଅଶାନ୍ତି, ଚିଡ଼ିଚିଡ଼ାପଣ ପାଇଁ ବିବାଦିତ, ପୂର୍ବଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା-ଶଙ୍କର ଭଗବାନ ।

**କନ୍ୟା:** ବାଣିଜ୍ୟରେ ଲାଭ, ନୂତନ କାର୍ଯ୍ୟରେ ଲାଭ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ଶୁଭ ଆଲୋଚନା, ନୂତନ ବନ୍ଧୁଦର୍ଶନ, ଅଟକିଥି ବା କାର୍ଯ୍ୟ ସମ୍ପନ୍ନ, ସମ୍ପତ୍ତିଲାଭ, ସମସ୍ୟା ସମାଧାନ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା-ହନୁମାନଚାଳିଶା ପାଠ କରନ୍ତୁ ।

**ତୁଳା:** ଧନପୁତ୍ରାଦି ଲାଭ, ସୁଖସମ୍ମାନପ୍ରାପ୍ତି, ଦୂରଯାତ୍ରା, ଉଚ୍ଚଆଶାରେ ବିଳମ୍ବ, ଶରୀର ସୁସ୍ଥ, ସମ୍ପତ୍ତିଖୁସି, ବ୍ୟବସାୟିକ ଖୁସି, ସନ୍ତାନସମସ୍ୟା, ଉଚ୍ଚପଦସ୍ଥ କର୍ମଚାରୀଙ୍କ ଅନୁକମ୍ପାଲାଭ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶୀ, ସଂଖ୍ୟା-୯, ଆରାଧନା-ମା' ମହାକାଳୀ ।

**ବିଛା:** କାର୍ଯ୍ୟବ୍ୟସ୍ତତା, ଦୂରଯାତ୍ରାରେ କଷ୍ଟ, ସ୍ୱାସ୍ଥ୍ୟଚିନ୍ତା, ଅର୍ଥଲାଭ, ବନ୍ଧୁଗୃହେ ଯାତ୍ରା, ଉନ୍ନତିମୂଳକ କାର୍ଯ୍ୟରେ ସଫଳ, ଦ୍ରବ୍ୟଲାଭ, ଶତ୍ରୁ ପରାଜିତ, ବ୍ୟବସାୟିକ ଶତ୍ରୁତା, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ନୃସିଂହ ।

**ଧନୁ:** ମାନସିକ କଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅର୍ଥଚିନ୍ତା, ଅନୁଷ୍ଠାନରୁ ସଫଳତା, ବନ୍ଧୁସାହାଯ୍ୟ, ପାରିବାରିକ ଉତ୍ତେଜନା, ଶତ୍ରୁସମସ୍ୟା, ହେବାକାର୍ଯ୍ୟ ବିଳମ୍ବ, ଈଶ୍ୱରଭକ୍ତି, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ମକର:** ପୁରାତନ ରୋଗ ଉପଶମ, ଆର୍ଥିକଲାଭ, ସମ୍ପତ୍ତିଲାଭ, ନୂତନ କାର୍ଯ୍ୟରେ ନିଯୁକ୍ତି, ବ୍ୟବସାୟିକ ଲାଭ, ହଠାତ୍ ଦୂରଯାତ୍ରା, ଦ୍ରବ୍ୟପ୍ରାପ୍ତି, ଦାମ୍ପତ୍ୟଖୁସି, ବିଦ୍ୟାରେ ସଫଳ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ଶ୍ରୀଗଣେଶ ।

**କୁମ୍ଭ:** ବ୍ୟବସାୟରେ ସ୍ୱଳ୍ପ ଲାଭ, ମାନସିକ ଶାନ୍ତି, କାର୍ଯ୍ୟ ସଫଳ, ପରିବାରରେ ସହଯୋଗ, ନୂତନ ଗୃହଲାଭ, ଶତ୍ରୁସମସ୍ୟା, ଅଯଥା ବିବାଦ, ଯାନବାହନେ ସତର୍କ, ବିଦ୍ୟାରେ ଅସଫଳ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ମୀନ:** ଯାତ୍ରା ସଫଳ, ସମ୍ପତ୍ତିଲାଭ, ମାନସିକ ଶାନ୍ତି, ଶୁଭଆଲୋଚନା, ଅଳ୍ପ ଶତ୍ରୁସମସ୍ୟା, ନୂତନ ନିଯୁକ୍ତି, ବିବାଦ ସମାଧାନ, ସମ୍ମାନପ୍ରାପ୍ତି, ମାନସିକ ଶାନ୍ତି, ବ୍ୟବସାୟରେ ଉନ୍ନତି, ସହଯୋଗ ମିଳିବ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମହାଲକ୍ଷ୍ମୀ ।

**ଜ୍ୟେଷ୍ଠ ଶୁକ୍ଳପକ୍ଷ ତୃତୀୟା**
**୧୭.୬.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁ ଲୋକସେବାଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରୁଛନ୍ତି ।

## ମିଳୁନି ପାନୀୟ ଜଳ : ଗରା ମାଠିଆ ଥୋଇ କଲେ ରାସ୍ତା ଅବରୋଧ

ଭାପୁର, (ସବ୍ୟୁ): ପାନୀୟଜଳ ମିଳୁନଥିବାରୁ ନୟାଗଡ଼ ଜିଲ୍ଲାଭାପୁର ବ୍ଲକ ବାଉଁଶବାଟୀ ଗ୍ରାମର ଲୋକମାନେ ମଙ୍ଗଳବାର ସକାଳ ୭ଟାରୁ ୪୮ ନଂ ରାଜ୍ୟ ରାଜପଥ ଉପରେ ଗରା ମାଠିଆ ଥୋଇ ରାସ୍ତା ଅବରୋଧ କରିଛନ୍ତି । ବ୍ଲକ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିବା ପରେ ପାନୀୟ ଜଳର କୌଣସି ବ୍ୟବସ୍ଥା କରାନ ଯିବାରୁ ବାଧହୋଇ ଗ୍ରାମବାସୀ ୪୮ ନଂ ରାଜ୍ୟ ରାଜପଥ ରାସ୍ତା ଉପରେ ଗରା, ବାଲଟି ରଖି ବିକ୍ଷୋଭ ପ୍ରଦର୍ଶନ କହିଛନ୍ତି ।ଫଳରେ କଣ୍ଟିଲୋ ଠାରୁ ଫତେଗଡ ରାସ୍ତାରେ ଯାନବାହାନ ଯାତାୟତ ବାଧାପ୍ରାପ୍ତ ହୋଇଛି । ନୟାଗଡ ଜିଲା ଭାପୁର ବ୍ଲକ ବାଉଁଶବାଟି ଗାଁରେ ଦୀର୍ଘ ମାସେ ହେବ ପିଇବା ପାଣିର ଅଭାବ ଦେଖା ଦେଇଛି । ଜଳ ଯୋଗାଣ ମାରଡା ଛକରେ ପାଣି ଥିବାବେଳେ ବାଉଁଶବାଟୀ ଗ୍ରାମକୁ ପାଇପ ଯୋଗେ ପାଣି ଆସୁନାହିଁ । ଫଳରେ ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏନେଇ ସ୍ଥାନୀୟ ଜନ ପ୍ରତିନିଧି ଓ ବ୍ଲକ ବିଡ଼ିଓ ଶାରଦା ପ୍ରଶନ୍ନ ପଣ୍ଡାଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ଦେବାପରେ ସେ ଏନେଇ କର୍ଣ୍ଣପାତ କରୁନାହାନ୍ତି । ଗ୍ରାମର ଏନେଇ ମଙ୍ଗଳବାର ସକାଳୁ ରାସ୍ତା ଅବରୋଧ କରିଥିଲେ ବାଉଁଶବାଟୀ ଗ୍ରାମବାସୀ । ଘଟଣାସ୍ଥଳରେ ସ୍ଥାନୀୟ ସରପଞ୍ଚ ସୌମ୍ୟ ରଞ୍ଜନ ସାହୁ ଓ ଫତେଗଡ ଥାନାଧିକାରୀ ଅଜୟ କୁମାର ସାହୁ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଜନସାଧାରଣ ଜିଦରେ ଅଟଳ ରହି ରାସ୍ତାରୁ ଉଠି ନଥିଲେ । ସେମାନଙ୍କର ଗୋଟିଏ ଦାବି ଥିଲା ଘଟଣାସ୍ଥଳକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାରଦା ପ୍ରଶନ୍ନ ପଣ୍ଡା ଆସି ୧୫ ଦିନ ଭିତରେ ପାନୀୟ ଜଳ ଯୋଗାଇ ଦେବାପାଇଁ ଲିଖିତ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ସାଢ଼େ ଦଶଟାରେ ପ୍ରତ୍ୟାହୃତ ହୋଇଥିଲା ।

## ନିଟ୍-ୟୁଜି ୨୦୨୬ ପରୀକ୍ଷା: ସ୍ୱଚ୍ଛ ଓ ସୁରକ୍ଷିତ ପରିଚାଳନା ପାଇଁ ଡିଜିପିଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର (ସବ୍ୟୁ): ଆସନ୍ତା ୨୧ ତାରିଖରେ ନିଟ୍ ୟୁଜି - ୨୦୨୬ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ଅବାଧ ଏବଂ ସୁରକ୍ଷିତ ଭାବରେ ପରିଚାଳନା କରିବା ପାଇଁ ଡିଜିପି ସମସ୍ତ ଜିଲ୍ଲା ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଜିଲ୍ଲାର ୧୩୨ଟି ପରୀକ୍ଷା କେନ୍ଦ୍ରରେ ନିଟ୍-ୟୁଜି ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ସମୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ ରଖିବା ସହିତ ସମଗ୍ର ପ୍ରକ୍ରିୟାକୁ ସୁରୁଖୁରୁରେ ସମାପ୍ତ କରିବା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ସମସ୍ତ ଜିଲ୍ଲା ଏସପି ଏବଂ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ପରୀକ୍ଷା କେନ୍ଦ୍ରଗୁଡ଼ିକର ସୁରକ୍ଷା, ସିସିଟିଭି ନିରୀକ୍ଷଣ, ପ୍ରଶ୍ନପତ୍ର ସଂରକ୍ଷିତ ଥିବା ବ୍ୟାଙ୍କ ଲକରର ନିରାପତ୍ତା, ପରୀକ୍ଷା କେନ୍ଦ୍ର ପରିସର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ ପରିଚାଳନା ଏବଂ ଆପାତକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହାବ୍ୟତୀତ ସୋସିଆଲ ମିଡିଆ



ମନିଟରିଂକୁ ଅଧିକ ସକ୍ରିୟ, ସାଇବର ସେଲ୍‌କୁ ସତର୍କ, ଭ୍ରାନ୍ତ ତଥ୍ୟ ଓ ଗୁଜବ ପ୍ରଚାର ଉପରେ କଡ଼ା ନଜର ରଖିବା ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥାର ପୂର୍ବ ପରୀକ୍ଷଣ ଓ ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ପରୀକ୍ଷା ଶେଷ ହେବା ପରେ ଓଏମଆର ସିଟ୍‌ଗୁଡ଼ିକୁ ପରୀକ୍ଷା କେନ୍ଦ୍ରରୁ ସଂଗ୍ରହ କରି ନିର୍ଦ୍ଦିଷ୍ଟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରଚଳିତ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ କରିବାକୁ ଡିଜିପି ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ପରୀକ୍ଷା ସମ୍ବନ୍ଧୀୟ କୌଣସି ପ୍ରକାରର ଅନିୟମିତତା, ଅସାଧୁ କାର୍ଯ୍ୟକଳାପ କିମ୍ବା ସୁରକ୍ଷା ତ୍ରୁଟିକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ପୋଲିସ ପ୍ରଶାସନ ସଦା ସର୍ବଦା ସତର୍କ, ସଜାଗ ଓ ପ୍ରସ୍ତୁତ ରହିବାକୁ ସେ ସମସ୍ତ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ ବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ଏବଂ ଆଇଜି (କେନ୍ଦ୍ରାଞ୍ଚଳ) ଡ଼. ସତ୍ୟଜିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ସମସ୍ତ ରେଞ୍ଜ ଆଇଜିପି/ଡିଆଇଜିପି ଓ ଜିଲ୍ଲା ଏସପିମାନେ ବୈଠକରେ ଯୋଗଦେଇଥିଲେ।

## ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ବୈଠକ

କଟକ, (ସବ୍ୟୁ): ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ବୈଠକ ସମିତିର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା | ଏଥିରେ ସମିତିର କାର୍ଯ୍ୟକାରୀ ସଭାପତି ଭିକାରୀ ଦାସ ଅଧକ୍ଷତା କରିଥିଲେ | ଆସନ୍ତା ଜୁନ ୨୯ ତାରିଖ ଦେବସ୍ନାନ ପୂର୍ଣ୍ଣିମା ଏବଂ ଜୁଲାଇ ୧୬ ତାରିଖରେ ଶ୍ରୀଗୁଣ୍ଡିଚା ଠାରୁ ୨୬ ନୀଳାଦ୍ରି-ବିଜେ ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା | ରଥଯାତ୍ରା ମହୋତ୍ସବକୁ ସଫଳ କରାଇବା ପାଇଁ ଆସନ୍ତା ୧ ତାରିଖ ବୁଧବାର ଏକ ପ୍ରସ୍ତୁତି ସଭା କରାଯିବା ପାଇଁ ସ୍ଥିର କରାଗଲା | ଏହି ବୈଠକରେ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ନିମନ୍ତ୍ରିତ କରାଯିବାପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା | ଆଜିର ଏହି ବୈଠକରେ ସମିତିର ସଭାପତି ଯୁଧିଷ୍ଠିର ସିଂହ ଓ କର୍ମକର୍ତ୍ତା ସର୍ବଶ୍ରୀ-ପ୍ରତାପକିଶୋର ସିଂହ, ଆଇନଜୀବୀ ବିଶ୍ୱନାଥ ଦାସ, କେ. ଭାସ୍କର ରାଓ, ପ୍ରଦୀପ ସିଂହ, ଦିଲ୍ଲୀପକୁମାର ପ୍ରଧାନ, ଅଜୟ ଦାସ, ରମେଶ ବେହେରା, ଅସିତ ମହାନ୍ତି, ବିଜୟ ଦଳେଇ, ଆନନ୍ଦ ଦାସ ଓ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ |

## ଚାକିରି କରାଇ ଦେବାକୁ କହି ୧୭ ଲକ୍ଷ ଠକେଇ, ବାପ-ଝିଅ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରେଲୱେରେ ଚାକିରି କରାଇ ଦେବାକୁ କହି ୧୭ଲକ୍ଷ ଟଙ୍କା ଠକି ନେଇଥିବା ବାପ-ଝିଅଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୋଲିସ । ଗିରଫ ବାପ-ଝିଅ ହେଲେ ବିଦ୍ୟାଧର ଦାସ (୫୨) ଓ ସୁମତି ଦାସ (୩୧) । ଦୁଇଜଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି । ଅଭିଯୋଗକାରୀ ନୃସିଂହ ଚରଣ ସାହୁ (୬୨) ଭୁବନେଶ୍ୱରସ୍ଥିତ ସଚିବାଳୟରେ କ୍ୟାଣ୍ଟିନ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି । ୟୁନିଟ୍-୧ ମାର୍କେଟରେ ଥିବା "ମୋ ସୁବର୍ଣ୍ଣ ଟ୍ରି'ର ମାଲିକ ଅଭିଯୁକ୍ତ ବିଦ୍ୟାଧର ଦାସଙ୍କ ସହ ତାଙ୍କର ବ୍ୟବସାୟିକ ପରିଚୟ ଥିଲା । ଅଭିଯୋଗକାରୀ ନିଜ କ୍ୟାଣ୍ଟିନ ପାଇଁ ନିୟମିତ ଭାବେ ଉକ୍ତ ଦୋକାନରୁ ଚା'ପତ୍ର କିଣୁଥିବାରୁ ତାଙ୍କ ମଧ୍ୟରେ ଘନିଷ୍ଠ ପରିଚୟ ହୋଇଥିଲା । ଏହି ସୁଯୋଗରେ ଅଭିଯୁକ୍ତ ବିଦ୍ୟାଧର ଦାସ ତାଙ୍କ ଝିଅ ସୁମତି ଦାସ ରେଳବାଇରେ ଚାକିରି କରାଇଦେବା କଥା କହିବା ସହ ଅନ୍ୟମାନଙ୍କ ପାଇଁ ମଧ୍ୟ ରେଳବାଇରେ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

ଅଭିଯୋଗକାରୀ ନୃସିଂହ ଏହି ପ୍ରତିଶ୍ରୁତିକୁ ବିଶ୍ୱାସ କରି ନିଜର ଜଣେ ସମ୍ପର୍କୀୟଙ୍କ ପାଇଁ ଚାକିରି କରାଇଦେବା ଉଦ୍ଦେଶ୍ୟରେ ବାପ-ଝିଅଙ୍କ ସହ ଯୋଗାଯୋଗ କରିଥିଲେ । ଚାକିରି କରାଇଦେବା ପାଇଁ ୨୦ଲକ୍ଷ ଟଙ୍କା ଅଭିଯୁକ୍ତ ବାପ-ଝିଅ ଦାବି କରିଥିଲେ । ସେମାନଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୭ଲକ୍ଷ ଟଙ୍କା "ମୋ ସୁବର୍ଣ୍ଣ ଟ୍ରି' ସହ ସମ୍ପୃକ୍ତ ବ୍ୟାଙ୍କ ଖାତାକୁ ଦେଇଥିଲେ । ଯେଉଁ ଖାତାରେ ସୁମତି ଦାସ ଲାଭାନ୍ୱିତ ହୋଇଥିଲେ । କିଛିଦିନ ବିତିଯିବା ପରେ ଅଭିଯୋଗକାରୀ ତାଙ୍କୁ ଚାକିରି କଥା ପଚାରିବାରୁ ସେ ବାରମ୍ବାର ଆଶ୍ୱାସନା ଦେଇଥିଲେ । ହେଲେ ଚାକିରି କରାଇ ଦେବାରେ ଅସମର୍ଥ ହେବା ସହ ଟଙ୍କା ଫେରସ୍ତ କରିନଥିଲେ । ଅଭିଯୋଗକାରୀ ବାରମ୍ବାର ଟଙ୍କା ମାଗିବାରୁ ଟଙ୍କା ଦେବା ପରିବର୍ତ୍ତେ ତାଙ୍କୁ ନାନାଦି ଧମକଚମକ ଦେଇଥିଲେ । ଉପାୟଶୂନ୍ୟ ହୋଇ ନୃସିଂହ ଚରଣ ସାହୁ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଅଭିଯୋଗର ସତ୍ୟାସତ୍ୟ ଜାଣିବା ସହ ବ୍ୟାଙ୍କ କାଗଜପତ୍ର ଜବତ କରି ବାପ-ଝିଅଙ୍କୁ ଗିରଫ କଲା । ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଛଣଗିରି ନିକଟରୁ ଗଞ୍ଜେଇ ସହ କାର ଜବତ: ଜଣେ ଗିରଫ

ନିରାକାରପୁର /ଟାଙ୍ଗୀ (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗକୁ ମିଳିଛି ଏକ ବଡ଼ ସଫଳତା । ମଙ୍ଗଳବାର ଦିନ ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଦୋଳପଡ଼ିଆ ସାମ୍ନା ରାସ୍ତାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ।ଖୋର୍ଦ୍ଧା ଅବକାରୀ ଅଧିକ୍ଷିକା ଶ୍ରୀମତୀ ସୁମତି ତ୍ରୀପାଠୀଙ୍କ ନିର୍ଦ୍ଦେଶ କ୍ରମେ, ଆଇସି ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଧାକାନ୍ତ ଭୋଇ ଏବଂ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ରଙ୍କ ମାର୍ଗଦର୍ଶନରେ ଏହି ଅପରେସନ ଯୋଜନା କରାଯାଇଥିଲା । ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଆଜି ଅପରାହ୍ନ ପ୍ରାୟ ୧୨ଟା ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚାଲାଣ ନେଇ ଖବର ମିଳିଥିଲା ।ସୂଚନାକୁ ଆଧାର କରି ଅବକାରୀ ଦଳ ଛଣଗିରି ଦୋଳପଡ଼ିଆ ସାମ୍ନା ରାସ୍ତାରେ ଅପେକ୍ଷା କରି ବସିଥିଲେ । ଏହି ସମୟରେ ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଧଳା ରଙ୍ଗର ଡିଜାୟର କାରକୁ ଅଟକାଇ ଯାଞ୍ଚ କରାଯାଇଥିଲା । ଗାଡ଼ି ଭିତରୁ ୩ଟି ବସ୍ତାରେ ଭର୍ତ୍ତି ହୋଇଥିବା ୬୦ କେଜି ଗଞ୍ଜେଇ ଜବତ କରାଯାଇଥିଲା । ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୬ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି ।ଏହି ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ କାର୍ ଚାଳକ ଅମି କୁମାର ସାହୁ (୩୨)ଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ଜଣକ ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଫୁଲବାଣୀ ଶ୍ରୀ, ସାହିର ବୋଲି ଜଣାପଡ଼ିଛି । ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ( କେସ ନଂ ୫୬/୨୬-୨୭) ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

## ବିଶ୍ୱର ଶ୍ରେଷ୍ଠ ୫% ବୈଜ୍ଞାନିକଙ୍କ ତାଲିକାରେ କିଟ୍‌ର ୪୫ ପ୍ରଫେସର

ଭୁବନେଶ୍ୱର, (ସବ୍ୟୁ): ଗବେଷଣା ଓ ବିଜ୍ଞାନ ପ୍ରତି ଅବଦାନ ଆଧାରରେ ୨୦୨୫ ପାଇଁ ସାଇ-ର୍ୟାଙ୍କ ଗ୍ଲୋବାଲ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶିତ ସମ୍ମାନଜନକ 'ଗ୍ଲୋବାଲ୍ ସାଇଣ୍ଟିଷ୍ଟ୍ ଇଣ୍ଡେକ୍ସ'ର ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକ ତାଲିକାରେ କିଟ୍ ବିଶ୍ୱବିଦ୍ୟାଳୟର ୪୫ଜଣ ପ୍ରଫେସର ସ୍ଥାନ ପାଇଛନ୍ତି। 'ସାଇରାଙ୍କ ଗ୍ଲୋବାଲ୍ ରେଜିଷ୍ଟ୍ରି' ହେଉଛି ଏକ ସ୍ୱାଧୀନ ଏବଂ ସ୍ୱଚ୍ଛ ଗ୍ଲୋବାଲ୍ ବେଞ୍ଚମାର୍କିଂ ପ୍ଲାଟଫର୍ମ। ଏହା ବାଇବ୍ଲିଓମେଟ୍ରିକ୍ ବିଶ୍ଳେଷଣ ମାଧ୍ୟମରେ କେବଳ ଯୋଗ୍ୟତା ଆଧାରରେ ଗବେଷକମାନଙ୍କ ମୂଲ୍ୟାଙ୍କନ କରେ। ୨୦୨୫ ସୂଚକାଙ୍କ ବିଶ୍ୱବ୍ୟାପୀ ୧୦ ନିୟୁତରୁ ଅଧିକ ସକ୍ରିୟ ଗବେଷକ ଏବଂ ପ୍ରାୟ ୫୦ ନିୟୁତ ଗବେଷଣା କାର୍ଯ୍ୟର ପ୍ରୋଫାଇଲ୍ ମୂଲ୍ୟାଙ୍କନ କରାଯାଇଛି। ଶୀର୍ଷ ୫ ପ୍ରତିଶତରେ ସ୍ଥାନ ପାଇଥିବା ବୈଜ୍ଞାନିକମାନଙ୍କୁ ବିଶ୍ୱବ୍ୟାପୀ ସେମାନଙ୍କ ସମକକ୍ଷଙ୍କ ୯୫ ପ୍ରତିଶତ ଅପେକ୍ଷା ଅଧିକ ଉତ୍ପାଦନକ୍ଷମ ଏବଂ ପ୍ରଭାବଶାଳୀ କୁହାଯାଉଛି। ଏହି ମାନ୍ୟତା ବିଶ୍ୱବିଦ୍ୟାଳୟର ଏକ ଗବେଷଣା-ମୁଖୀ ପରିବେଶକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱକୁ ଉଜ୍ଜ୍ୱଳ କରିବା ସହ ଉଚ୍ଚମାନର ପ୍ରକାଶନ, ନବସର୍ଜନା



ଏବଂ ଆନ୍ତଃବିଭାଗୀୟ ସହଯୋଗକୁ ପ୍ରୋତ୍ସାହିତ କରିଥାଏ। ସାଇର୍ୟାଙ୍କ ଗ୍ଲୋବାଲ୍ ଦ୍ୱାରା ଗ୍ରହଣ କରାଯାଇଥିବା ପଦ୍ଧତି ଅନୁଯାୟୀ ଗବେଷକମାନଙ୍କୁ ଚୟନ କରିବା ପାଇଁ 'ସାଧାରଣ କମ୍ପୋଜିଟ୍ ସ୍କୋର' ବ୍ୟବହାର କରାଯାଏ; ଏହି ସ୍କୋର ପ୍ରକାଶନ, ଉଦ୍ଧୃତି ଏବଂ ଅନ୍ୟାନ୍ୟ ବାଇବ୍ଲିଓମେଟ୍ରିକ୍ ସୂଚକ ଉପରେ ଆଧାରିତ ବୈଜ୍ଞାନିକ ପ୍ରଭାବର ମୂଲ୍ୟାଙ୍କନ କରେ । ଏହା ବ୍ୟତୀତ, ଏହି ସୂଚକାଙ୍କ ସମସ୍ତ ପ୍ରମୁଖ ଶିକ୍ଷାଗତ ବିଷୟଗୁଡ଼ିକୁ ଅନ୍ତର୍ଭୁକ୍ତ କରେ ଏବଂ ବିଶ୍ୱର ଅନ୍ୟତମ ସର୍ବବୃହତ ମୁକ୍ତ-ଉତ୍ସ ଗବେଷଣା ଡାଟାବେସ୍ 'ଓପନ୍ ଆଲେକ୍ସ'ର ତଥ୍ୟ ଆଧାରରେ ସ୍ୱଚ୍ଛତା ଏବଂ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିଥାଏ। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଏହି ସମ୍ମାନଜଣକ ବିଶ୍ୱ ତାଲିକାରେ କିଟ୍ ପ୍ରଫେସରମାନେ ସାମିଲ ହେବା ଦ୍ୱାରା କିଟ୍‌ର ଅନ୍ତର୍ଜାତୀୟ ଶୈକ୍ଷିକ ସ୍ଥିତି ଆହୁରି ମଜବୁତ ହେବ ବୋଲି କହିଛନ୍ତି। ଏହା ସହ ଗବେଷଣା ସହଯୋଗ, ନବସର୍ଜନା ଏବଂ ଛାତ୍ର ପରାମର୍ଶ ପାଇଁ ଉନ୍ନତ ସୁଯୋଗ ସୃଷ୍ଟି ହେବ। କିଟ୍ ରେ ଗବେଷଣା ଆଧାରିତ ଶିକ୍ଷା, ସାମାଜିକ ପ୍ରଭାବ ଏବଂ ବିଶ୍ୱସ୍ତରୀୟ ଶୈକ୍ଷିକ ମାନଦଣ୍ଡ ଉପରେ ଗୁରୁତ୍ୱ ଦିଆଯିବା ଦ୍ୱାରା କିଟ୍ ବର୍ଷ ବର୍ଷ ଧରି ବହୁ ଅନ୍ତର୍ଜାତୀୟ ସମ୍ମାନ ଆଣିପାରିଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## ଦୁଇ ନାବାଳିକାଙ୍କୁ ଦୁଷ୍କର୍ମ : ୩ ଗିରଫ

କେନ୍ଦ୍ରାପଡ଼ା, (ସବ୍ୟୁ): ଦୁଇଟି ଭିନ୍ନଭିନ୍ନ ସ୍ଥାନରେ ୨ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗ ହୋଇଛି । ଗୋଟିଏ ସ୍ଥାନରେ ଗଣ ଦୁଷ୍କର୍ମ ଓ ଅନ୍ୟ ସ୍ଥାନରେ କେବଳ ଦୁଷ୍କର୍ମ ହୋଇଛି । ଏହି ୨ଟି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି । ଏମାନଙ୍କ ମଧ୍ୟରେ ଜଣେ ପୂର୍ବତନ ସରପଞ୍ଚ ରହିଥିବା ଜଣାଯାଇଛି । କେନ୍ଦ୍ରାପଡ଼ା ସଦର ଥାନାଅନ୍ତର୍ଗତ ଜଝାଙ୍ଗ କାଳିମନ୍ଦିର ନିକଟରେ ଝାଡୁ ବିକ୍ରି କରୁଥିବା ଛତିଶଗଡ଼ ବିଳାଶପୁର ଅଞ୍ଚଳରେ ଜଣେ ନବାଳିକା ସୋମବାର ବିଳମ୍ବିତ ରାତିରେ ପରିସ୍ରା କରିବାକୁ ଉଠିଥିବା ବେଳେ ୨ଜଣ ଯୁବକ ତାଙ୍କୁ ଉଠାଇ ନେଇ ଦୁଷ୍କର୍ମ କରିଥିଲେ । ନାବାଳିକ ଜଣଙ୍କ ସେଠାରୁ ଖସି ଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଲାପରେ ଏନେଇ ପରିବାର ତରଫରୁ ସଦର ଥାନାରେ ଅଭିଯୋଗ ହେବାରୁ ପୋଲିସ ଘଟଣାର ତଦନ୍ତ କରି ୨ ଜଣଙ୍କ ଗିରଫ କରି ଅନୁସନ୍ଧାନଜାରି ରଖିଛି । ସେହିପରି କୁଦାନଗରୀ ଥାନା ଅଞ୍ଚଳରେ ଜଣେ ନାବାଳିକାକୁ କରିଲୋ ପାଟଣା ପଞ୍ଚାୟତର ଜଣେ ପୂର୍ବତନ ସରପଞ୍ଚ ଦୁଷ୍କର୍ମ କରିଥିବା ଅଭିଯୋଗରେ ଗିରଫ ହୋଇଛି । ନାବାଳିକାପରିବାର ଗରିବ ହୋଇଥିବାରୁ ପୂର୍ବତନ ସରପଞ୍ଚ ଜଣଙ୍କ ଆର୍ଥିକ ପ୍ରଲୋଭନ ଦେଖାଇ ବିଭିନ୍ନ ପ୍ରକାର ଯୌନ ନିର୍ଯାତନା ଦେଉଥିଲା । ତେବେ ଦୁଷ୍କର୍ମ କରିବାରୁ ପୀଡିତାଙ୍କ ବାପା କୁଦାନଗରୀ ଥାନାରେ ଅଭିଯୋଗ କଲାପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ପୂର୍ବତନ ସରପଞ୍ଚଙ୍କୁ ଗିରଫ କରିଥିଲା ।

## ସୈନିକ ସ୍କୁଲ ପାଖ ସିରିଜ୍ ଦୁର୍ଘଟଣା : ଆଉ ଜଣଙ୍କ ମୃତ୍ୟୁ, ଡ୍ରାଇଭର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସୈନିକ ସ୍କୁଲ ପାଖ ସିରିଜ୍ ଦୁର୍ଘଟଣାରେ ଆଉ ଜଣଙ୍କ ମୃତ୍ୟୁ ହୋଇଛି । ସୋମବାର ସନ୍ତୋଷ ବେହେରା ଓ ଜେରମ ଏକ୍କାଙ୍କ ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ଲକ୍ଷ୍ମୀଧର ଟପ୍ପୋଙ୍କ ମୃତ୍ୟୁ ହୋଇଛି । ଦୁଇଦିନରେ ତିନିଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ୩ ଜଣ ଗୁରୁତର ଆହତ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ହସ୍ପିଟାଲରେ ଚିକିତ୍ସାଧୀନ ଆହତ ହେଲେ ଶଙ୍କର ଲାଲ ଶର୍ମା, ସୁଲଗ୍ନା ଦେ ଓ ସୁବ୍ରତ ମିଶ୍ର ।

କାର୍ ଡ୍ରାଇଭର ଅନୀଲ କୁମାର ଗୌଡକୁ ପୋଲିସ ଗିରଫ କରି ପଚରାଉଚରା କରିବା ପରେ ସେ କପ୍ ସିରପ୍ ପିଇ ଗାଡି ଚଲାଉଥିବା କହିଥିଲେ । ଜୋର୍‌ରେ କାଶ ହେଉଥିବାରୁ ସେ କପ୍ ସିରପ୍ ଡାକ୍ତରଙ୍କ ପରାମର୍ଶରେ ପିଇଥିବା କହିଥିଲେ । ପୋଲିସ ଅନୀଲ ପାଖରୁ ଡାକ୍ତରୀ ଚିଠା ଓ କପ୍ ସିରପ୍ ଜବତ କରିଛି । ସୋମବାର ଦିନ ଅଭିଯୁକ୍ତ ଡ୍ରାଇଭର ଅନୀଲ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଯାତ୍ରୀଙ୍କୁ ଛାଡି କାର୍‌ରେ ଆସୁଥିଲା । ପ୍ରେସ୍‌ଛକ ଅତିକ୍ରମ କରି ଏମ୍‌ସିଏଲ୍ ରୋଡ୍‌ସ୍ଥିତ ନିଉ କମେଣ୍ଟ କଲୋନୀ ଗେଟ୍ ସାମ୍ନାରେ ପହଞ୍ଚିବା ପରେ କାର୍ ବେପରୁଆ ଓ ଅବହେଳା ପୂର୍ବକ ଚଳାଇଥିଲା । ରାସ୍ତା କଡରେ ଠିଆ ହୋଇଥିବା ଲୋକଙ୍କୁ ଧକ୍କା ଦେବା ସହ ବାଇକ୍ ଓ ଅଟୋକୁ ଭାଙ୍ଗି ଚୁରମାର କରିଦେଇଥିଲା । ଏସିପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, କପ୍ ସିରପ ପିଇବା ପରେ ସେ ନିଶାଶକ୍ତ ଅବସ୍ଥାରେ କିଛି ଜାଣିପାରି ନଥିଲା । ଯଦି ଜୋର୍‌ରେ କାଶ ହେଉଥିଲା ସେ କପ୍ ସିରପ୍ ଖାଉଥିଲା ତେବେ ଗାଡି ଚଳାଇବାର ନଥିଲା । କାଶ ଓ କପ୍ ସିରପ୍ ପାଇଁ ତିନୋଟି ପରିବାର ଉଜୁଡିଗଲା । ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜେରମ୍ ଏକ୍କା ଜଣେ ଆଇଏଏସ୍‌ଙ୍କ ସ୍ୱାମୀ ବୋଲି ଏସିପି କହିଛନ୍ତି । ସାମ୍ବାଦିକ ସମ୍ମିଳନୀ ପରେ କାର୍ ଡ୍ରାଇଭର ଅନୀଲକୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ମୋକିମ ଫାଉଣ୍ଡେସନ ପକ୍ଷରୁ ରଜ ପର୍ବ ପାଳିତ

କଟକ, (ସ୍ୱପ୍ର): ସ୍ଥାନୀୟ ସତ୍ୟବ୍ରତ ପଡ଼ିଆଠାରେ ମୋକିମ ଫାଉଣ୍ଡେସନ ପକ୍ଷରୁ ଓଡ଼ିଶାର ଗଣପର୍ବ ରଜ ପାଳିତ ହୋଇଯାଇଛି । ଏହି ପାରମ୍ପରିକ ଉତ୍ସବରେ ବହୁ ସଂଖ୍ୟାରେ ମହିଳା, ଯୁବତୀ ଓ କୁନି କୁନି ଝିଅମାନେ ସାମିଲ ହୋଇ ରଜ ମଉଜର ଭରପୂର ଆନନ୍ଦ ନେଇଥିଲେ । ଉତ୍ସବ ପ୍ରାଙ୍ଗଣରେ ରଜର ମୁଖ୍ୟ ଆକର୍ଷଣ ସାଜିଥିବା ପୋଡ଼ ପିଠା, ବିଭିନ୍ନ ପ୍ରକାରର ମିଠା, କଟକର ପ୍ରସିଦ୍ଧ ଦହିବରା-ଆଳୁଦମ୍ ଏବଂ ସୁଆଦିଆ ରଜ ପାନର ବ୍ୟବସ୍ଥା କରାଯାଇଥିଲା । ଯାହାକୁ ଖାଇ ସମସ୍ତେ ବେଶ୍ ମଜା ଉଠାଇଥିଲେ । ଏହି ଅବସରରେ ସେଠାରେ ଏକ ସ୍ୱତନ୍ତ୍ର ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା ଏବଂ କୃତୀ ବିଜୟୀ ପ୍ରତିଯୋଗୀମାନଙ୍କୁ ଫାଉଣ୍ଡେସନ ପକ୍ଷରୁ ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା । ଏହି ରଜ ମହୋତ୍ସବରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ ସେଠାରେ ଉପସ୍ଥିତ ମହିଳା ଓ



ଝିଅମାନଙ୍କ ସହ ମିଶି ଦୋଳି ଖେଳିବା ସହ ରଜ ପାନ ଖାଇ ଉତ୍ସବର ମଜା ନେଇଥିଲେ । ଓଡ଼ିଶାର ସଂସ୍କୃତି ଓ ପରମ୍ପରାରେ ରଜ ପର୍ବର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମହିଳାମାନେ ସଶକ୍ତ ଓ ଖୁସି ରହିଲେ ହିଁ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ । ମହିଳା ଓ ଝିଅମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କ ମୁହଁରେ ଟିକିଏ ହସ ଫୁଟାଇବା ପାଇଁ ଫାଉଣ୍ଡେସନ ପକ୍ଷରୁ ସଦାସର୍ବଦା ଏଭଳି ପ୍ରୟାସ ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ । ସେହିପରି ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ରଜର ଶୁଭକାମନା ଜଣାଇଥିଲେ । ରଜ ପର୍ବ ହେଉଛି ନାରୀ ସ୍ୱଭିମାନ ଓ ସେମାନଙ୍କ ଗୌରବର ପ୍ରତୀକ । ସମାଜର ବିକାଶ ଓ ପ୍ରଗତିରେ ମହିଳାମାନଙ୍କ ଭୂମିକା ଅତୁଳନୀୟ ବୋଲି ଶ୍ରୀ ମୋକିମ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ସମ୍ମାନିତ ନାରୀ ନେତ୍ରୀ ଗିରିବାଳା ବେହେରା ଓ ଶୈଳବାଳା ଜେନା, କର୍ପୋରେଟର ଲିଜାରାଣୀ ରାଉତ ଓ ସ୍ୱର୍ଣ୍ଣପ୍ରଭା ପଶାୟତ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ଶୋଭା ବଢ଼ାଇଥିଲେ । ଏହା ସହିତ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତ୍ରୀ ନିକିତା ମିଶ୍ର ଏହି ମଞ୍ଚରେ ଯୋଗଦେଇ ଆକର୍ଷଣୀୟ ପ୍ରଦର୍ଶନ ଜରିଆରେ ସେଠାରେ ଉପସ୍ଥିତ ସମସ୍ତ ଦର୍ଶକ ଓ ଅତିଥିଙ୍କର ବେଶ୍ ମନୋରଞ୍ଜନ କରିଥିଲେ ।

### ପୁରୀ ରଥଯାତ୍ରା ସଂପର୍କିତ ପ୍ରସ୍ତୁତି ବୈଠକ

## ବିଭିନ୍ନ ବିଭାଗ ସଂପର୍କିତ କାର୍ଯ୍ୟ ଅଗ୍ରଗତି ସମୀକ୍ଷା

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ପୁରୀ ରଥଯାତ୍ରା ସଂପର୍କିତ ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ବିଭିନ୍ନ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିଛନ୍ତି । ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡଃ. ସୁଧାଂଶୁ ଷଡଙ୍ଗୀଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗମାନଙ୍କର ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ବରିଷ୍ଠ ପୁଲିସ୍ ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ପୁରୀ ଜିଲ୍ଲାପାଳ, ପୁରୀ ଏସ୍‌ପି, ପୁରୀ ମହାନଗର ନିଗମ କମିଶନର, ରାଜ୍ୟ ସରକାର ଓ ପୁଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ଆଇନ୍ ବିଭାଗ ତରଫରୁ ଆହୂତ ଏହି ଉଚ୍ଚସ୍ତରୀୟ ସମୀକ୍ଷା



ବୈଠକରେ ଗତ ଏପ୍ରିଲ ମାସରେ ହୋଇଥିବା ପୂର୍ବ ସମୀକ୍ଷାରେ ନିଆଯାଇଥିବା ନିଷ୍ପତ୍ତି ଓ ବିଭିନ୍ନ ବିଭାଗକୁ ଦିଆଯାଇଥିବା ଦାୟିତ୍ୱ ଓ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ରଥ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସଂପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ରଥ କାଠ ପହଁଚିଥିବା ପ୍ରକାଶ କରିଥିଲେ । ବୈଠକରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ପୁରୀ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଅଦ୍ୟାବଧି ପ୍ରସ୍ତୁତି ଅଗ୍ରଗତି ସଂପର୍କରେ ବିସ୍ତୃତ ଉପସ୍ଥାପନ କରିଥିଲେ । ଶ୍ରୀଗୁଣ୍ଡିଚା(ରଥଯାତ୍ରା) ଜୁଲାଇ ୧୬ ରେ ଅନୁଷ୍ଠିତ ହେଉଥିବା ବେଳେ ଏହାର ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତି ସାରିବାକୁ ନିୟମିତ ସମୀକ୍ଷା କରାଯାଉଥିବାରୁ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମୟାନୁସାରେ ସାରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ବଡ଼ଦାଣ୍ଡ ଏବଂ ପୁରୀକୁ ସଂଯୋଗ କରୁଥିବା ସଡ଼କଗୁଡ଼ିକର ଉନ୍ନତିକରଣ, ପାର୍କିଂ ସ୍ଥଳ ପ୍ରସ୍ତୁତି, ଅସ୍ଥାୟୀ ଶୌଚାଳୟ ସ୍ଥାପନ, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ , ରେଳ ଓ ସଡ଼କ ପରିବହନ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଓ ଆଇନ-ଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କିତ କାର୍ଯ୍ୟର ଅଗ୍ରଗତି ଉପରେ ମୁଖ୍ୟ ଶାସନ ସଚିବ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ଜୁନ୍ ୩୦ ତାରିଖ ସୁଦ୍ଧା ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶଯ୍ୟା ସହିତ ଅତିରିକ୍ତ ଅସ୍ଥାୟୀ ୮ଟି ସ୍ୱାସ୍ଥ୍ୟ କେନ୍ଦ୍ର କେଉଁଠି କେଉଁଠି ରହିବ, ସେଥିପାଇଁ ସ୍ଥାନ ନିରୂପଣ କରାଯାଇଛି । ପୂର୍ତ୍ତ ବିଭାଗ ଏବଂ ପୁରୀ ମହାନଗର ନିଗମ ତରଫରୁ ଅସ୍ଥାୟୀ ପାର୍କିଂ ସ୍ଥାନ ଚିହ୍ନଟ କରାଯାଇ ଏହାକୁ ପ୍ରସ୍ତୁତି ପାଇଁ ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି । ବଡଦାଣ୍ଡରୁ ବିଭିନ୍ନ ସ୍ଥାନରୁ ପର୍ଯ୍ୟାୟକ୍ରମେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି ଏବଂ ଏହା ନିର୍ଦ୍ଧାରିତ ସମୟ ଭିତରେ ଶେଷ ହେବା ନେଇ ପୁରୀ ଜିଲ୍ଲାପାଳ ସୂଚନା ଦେଇଥିଲେ । ରଥଯାତ୍ରା ପୂର୍ବରୁ ୧୬୦୦ ଅସ୍ଥାୟୀ ଶୌଚାଳୟ ସ୍ଥାପନ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ସରିବ । ପ୍ରମୁଖ ଡ୍ରେନ୍ ଓ ସଂଲଗ୍ନ ଡ୍ରେନ୍ ଗୁଡିକରୁ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲିଛି ଓ ଶୀଘ୍ର ଶେଷ ହେବ ବୋଲି ବୈଠକରେ ସୂଚନା ଦିଆଯାଇଛି ।



ଭୁବନେଶ୍ୱର ଭିଏସ୍‌ଏସ୍ ନଗର ରଜ ଉତ୍ସବରେ ସମ୍ବର୍ଦ୍ଧିତ ହେଉଛନ୍ତି 'ସମୟ'ର ନିର୍ଦ୍ଦେଶିକା ଅନିତା ମହାନ୍ତି ।



ରଜ ଉତ୍ସବର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି 'ସମୟ'ର ନିର୍ଦ୍ଦେଶିକା ଅନିତା ମହାନ୍ତି ।

## ପ୍ରମୁଖ ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେସନରୁ ପରୀକ୍ଷା କେନ୍ଦ୍ର ଯାଏଁ ନିଟ୍ ପରୀକ୍ଷାର୍ଥୀଙ୍କୁ ନିଃଶୁଳ୍କ ବସ୍ ସେବା

କଟକ, (ସବ୍ୟୁ): ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି କ୍ରମେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜୁନ୍ ୨୧ ତାରିଖରେ 'ନିଟ୍' (NEET-UG) ପରୀକ୍ଷାର୍ଥୀଙ୍କ ପାଇଁ ନିଃଶୁଳ୍କ ବସ୍ ସେବାର ବ୍ୟବସ୍ଥା କରାଯାଇଛି, ଯାହାକୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (OSRTC) ଏବଂ କମ୍ପ୍ରିହେନ୍‌ସିଭ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (CRUT) ମିଳିତ ଭାବେ ପରିଚାଳନା କରୁଛନ୍ତି। ଏହି ବ୍ୟବସ୍ଥା ଅଧୀନରେ ଓଏସ୍ଆର୍‌ଟିସି, ମୁଖ୍ୟମନ୍ତ୍ରୀ ବସ୍ ସେବା ଓ 'ଆମ ବସ୍' ମାଧ୍ୟମରେ ପ୍ରମୁଖ ରେଳ ଷ୍ଟେସନ ଏବଂ ବସଷ୍ଟାଣ୍ଡ ଗୁଡ଼ିକରୁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ବସ୍ ସେବା ସିଧାସଳଖ ଉପଲବ୍ଧ ହେବ। ରାଜ୍ୟର ୧୩୪ଟି କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବା ସମସ୍ତ ପରୀକ୍ଷାର୍ଥୀ ସରକାରଙ୍କ ଦ୍ୱାରା ପରିଚାଳିତ ବସ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ବସରେ ନିଜର ବୈଧ ପ୍ରବେଶ ପତ୍ର (Admit Card) ଦେଖାଇ ଏହି ସୁବିଧାର ଲାଭ ଉଠାଇପାରିବେ।ପରୀକ୍ଷାର୍ଥୀଙ୍କ ଯାତାୟାତ ପାଇଁ ବସ୍ ଗୁଡ଼ିକ ଦୁଇଟି ପର୍ଯ୍ୟାୟରେ ଚାଲିବ। ପ୍ରଥମ ପର୍ଯ୍ୟାୟରେ ପରୀକ୍ଷା ପୂର୍ବରୁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ପରୀକ୍ଷା ସରିବା ପରେ। ସମସ୍ତ ପରୀକ୍ଷାର୍ଥୀ ନିଜ ନିଜ ସ୍ଥାନକୁ ଫେରିବା ପର୍ଯ୍ୟନ୍ତ ଏହି ନିଃଶୁଳ୍କ ସେବା ଜାରି ରହିବ।

## ରାଷ୍ଟ୍ର ନିର୍ମାଣରେ ସୁରେଶ ପ୍ରଭୁଙ୍କ ଅବଦାନ ପ୍ରଶଂସନୀୟ : ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁଙ୍କ ଦୂରଦର୍ଶୀ ନେତୃତ୍ୱ ଓ ରାଷ୍ଟ୍ର ନିର୍ମାଣରେ ତାଙ୍କର ଦୀର୍ଘସ୍ଥାୟୀ ଅବଦାନ ପ୍ରଶଂସନୀୟ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ମଙ୍ଗଳବାର ଦିନ ଭୁବନେଶ୍ୱର ଠାରେ ସୁରେଶ ପ୍ରଭୁଙ୍କ ଉପରେ ପ୍ରକାଶିତ ଏକ କଫି ଟେବୁଲ ବୁକ୍‌ର ଉନ୍ମୋଚନ ସମାରୋହରେ ମୂଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, କିଛି ନେତା ସେମାନେ ଅଳଙ୍କୃତ କରିଥିବା ପଦବୀ ପାଇଁ ସ୍ମରଣୀୟ ହୋଇ ରହନ୍ତି, ଯେତେବେଳେ ଅଳ୍ପ କିଛି ନେତା ସେମାନେ ପ୍ରତିପାଦନ କରିଥିବା ଚିନ୍ତାଧାରା ଓ ଅନୁସରଣ କରିଥିବା ମୂଲ୍ୟବୋଧ ପାଇଁ ସ୍ମରଣୀୟ ହୋଇ ରୁହନ୍ତି ଏବଂ ଶ୍ରୀ ପ୍ରଭୁ ଏହି ବିରଳ ଶ୍ରେଣୀର ନେତା ଭାବେ ପରିଗଣିତ ବୋଲି ରାଜ୍ୟପାଳ କହିଥିଲେ। ଉକ୍ତ ପୁସ୍ତକର ସମ୍ପାଦକ ସବ୍ୟସାଚୀ ଦାଶଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ, ଏହି ପୁସ୍ତକରେ ଶ୍ରୀ ପ୍ରଭୁଙ୍କର ଚାରି ଦଶନ୍ଧିର ସାର୍ବଜନୀନ ଜୀବନ ଯାତ୍ରା ଏବଂ ବିଭିନ୍ନ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ଓ ଶାସନ କ୍ଷେତ୍ରରେ ଶ୍ରୀ ପ୍ରଭୁଙ୍କର ଅବଦାନକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। ଏହା କେବଳ ଫଟୋଗ୍ରାଫ ଓ ସ୍ମୃତିର ସଂଗ୍ରହ ନୁହେଁ ବୋଲି ରାଜ୍ୟପାଳ କହିବା ସହିତ ଏହା ସାର୍ବଜନୀନ ସେବା ଓ ଜାତୀୟ ବିକାଶ ପାଇଁ ସମର୍ପିତ ଏକ ଜୀବନ



ପ୍ରତି ସମ୍ମାନ ସ୍ୱରୂପ।

୨୦୦୨ମସିହାରୁ ଶ୍ରୀ ପ୍ରଭୁଙ୍କ ସହ ତାଙ୍କର ଦୀର୍ଘ ସମ୍ପର୍କକୁ ସ୍ମରଣ କରି ରାଜ୍ୟପାଳ କହିଥିଲେ ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦ୍ୱାରା ଗଠିତ ନଦୀ ସଂଯୋଗ ଟାସ୍କ ଫୋର୍ସର ଅଧକ୍ଷ ଭାବେ ଶ୍ରୀ ପ୍ରଭୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଦେଶରେ ଜଳ ପରିଚାଳନା ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଉଚ୍ଚାଭିଳାଷୀ ନଦୀ ସଂଯୋଗ କାର୍ଯ୍ୟକ୍ରମ ପାଇଁ ଏହି ପଦକ୍ଷେପ ମୂଳଦୁଆ ସ୍ଥାପନ କରିଥିଲା ବୋଲି ରାଜ୍ୟପାଳ କହିଥିଲେ। ଶ୍ରୀ ପ୍ରଭୁଙ୍କର ୨୬ ବର୍ଷର ସଂସଦୀୟ ଜୀବନ ଏବଂ ଶକ୍ତି, ରେଳବାଇ, ବାଣିଜ୍ୟ ଓ ଶିଳ୍ପ ଏବଂ ବେସାମରିକ ବିମାନ ଚଳାଚଳ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟଗୁଡ଼ିକର ଦାୟିତ୍ୱ ସଫଳତାର ସହ ପରିଚାଳନା କରିଥିବା କଥା ରାଜ୍ୟପାଳ ଉଲ୍ଲେଖ କରିଥିଲେ । ରେଳମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକାଳରେ ଗ୍ରହଣ କରାଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ସ୍ୱଚ୍ଛତା ବୃଦ୍ଧି, କାର୍ଯ୍ୟଦକ୍ଷତାର ଉନ୍ନତି ଏବଂ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ମାଧ୍ୟମରେ ଯାତ୍ରୀ ସେବାର ମାନ ବୃଦ୍ଧିରେ ସହାୟକ ହୋଇଥିଲା ବୋଲି ରାଜ୍ୟପାଳ କହିଥିଲେ ।

ସମାବେଶକୁ ସମ୍ବୋଧିତ କରି ପୂର୍ବତନ ମନ୍ତ୍ରୀ ସୁରେଶ ପ୍ରଭୁ ସମାରୋହରେ ଉପସ୍ଥିତି ପାଇଁ ରାଜ୍ୟପାଳ ଡଃ କମ୍ଭମପାଟିଙ୍କୁ ଧନ୍ୟବାଦ ଜଣାଇଥିଲେ । ରାଜ୍ୟପାଳଙ୍କ ସହ ତାଙ୍କର ଦୀର୍ଘଦିନର ସମ୍ପର୍କକୁ ସ୍ମରଣ କରି ସେ ଓଡ଼ିଶାର ବିକାଶ ଯାତ୍ରାର ପ୍ରଶଂସା କରିଥିଲେ । ରାଜ୍ୟରେ ପ୍ରଚୁର ପ୍ରାକୃତିକ ସମ୍ପଦ ରହିଥିବାରୁ ବିକାଶ ପାଇଁ ଅପାର ସମ୍ଭାବନା ରହିଛି ଶ୍ରୀ ପ୍ରଭୁ କହିଥିଲେ । ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ ଏବଂ ଇଣ୍ଡିଆନ୍ ଚେମ୍ବର ଅଫ୍ କମର୍ସ (ଆଇସିସି)ର ଓଡ଼ିଶା ଚାପ୍ଟରର ଅଧକ୍ଷ ରାଜୀବ ସାହୁ ମଧ୍ୟ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ କଫି ଟେବୁଲ୍ ପୁସ୍ତକର ସମ୍ପାଦକ ସବ୍ୟସାଚୀ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ୨୧ ରୁ ୩୦ ଜୁନ୍ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଆୟୋଜିତ ହେବ 'ସୁଭଦ୍ରା ଶକ୍ତି ସମାବେଶ

ଭୁବନେଶ୍ୱର, (ସବ୍ୟୁ): ରଜ ପର୍ବର ଶେଷ ଦିନରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ରାଜ୍ୟବ୍ୟାପୀ ଆୟୋଜିତ ହେବାକୁ ଥିବା 'ସୁଭଦ୍ରା ଶକ୍ତି ସମାବେଶ' କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ରାଜ୍ୟର ସମସ୍ତ ଜିଲ୍ଲାର କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ଏକ ସମୀକ୍ଷା ବୈଠକ କରିଥିଲେ। ଆସନ୍ତା ୨୧ ଜୁନ୍‌ରୁ ୩୦ ଜୁନ୍ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତରେ 'ସୁଭଦ୍ରା ଶକ୍ତି ସମାବେଶ' ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ସଶକ୍ତିକରଣ ଓ ଜୀବିକା ସୁଯୋଗ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ବିଭିନ୍ନ ସରକାରୀ ଯୋଜନା, ଆର୍ଥିକ ଅନ୍ତର୍ଭୁକ୍ତିକରଣ, ଦକ୍ଷତା ବିକାଶ, ବଜାର ସଂଯୋଗ ଏବଂ ଅଧିକରୁ ଅଧିକ 'ଲକ୍ଷପତି ଦିଦି' ଓ 'ମହାଲକ୍ଷପତି ଦିଦି' ସୃଷ୍ଟି ଦିଗରେ ସଚେତନ କରାଯିବ। ଏହି ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲାରେ କାର୍ଯ୍ୟକ୍ରମକୁ ସୁଚାରୁ ଓ ସଫଳ ଆୟୋଜନ ନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମିଶନ ଶକ୍ତି ଭବନର ସମ୍ମିଳନୀ ଗୃହରେ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମାନଙ୍କ ସହ ଏକ ସ୍ୱତନ୍ତ୍ର ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ




ରାଜ୍ୟର ୩୦ଟି ଜିଲ୍ଲାରୁ ୩୦୦ରୁ ଉର୍ଦ୍ଧ୍ୱ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ସମସ୍ତଙ୍କୁ ପବିତ୍ର ରଜ ପର୍ବର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଥିଲେ ଯେ, ମିଶନ ଶକ୍ତିର ସଫଳତା ପଛରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ମାନଙ୍କ ନିଷ୍ଠା, ପରିଶ୍ରମ ଓ କର୍ମଦକ୍ଷତା ହିଁ ପ୍ରମୁଖ ଶକ୍ତି। ସେମାନଙ୍କ ନିରନ୍ତର ପ୍ରୟାସ ଯୋଗୁଁ ସରକାରଙ୍କ ବିଭିନ୍ନ ଯୋଜନା ତୃଣମୂଳ ସ୍ତରରେ ସଫଳତାର ସହ କାର୍ଯ୍ୟକାରୀ ହୋଇପାରୁଛି। ଏହି ଅବସରରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନେ ସେମାନଙ୍କ କାର୍ଯ୍ୟ ଅନୁଭୂତି, ସଫଳତା, କ୍ଷେତ୍ରସ୍ତରରେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ସେଗୁଡ଼ିକର ସମାଧାନ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭାବେ ଅବଗତ କରାଇଥିଲେ। ଏହି ବାର୍ତ୍ତାଳାପ ମାଧ୍ୟମରେ ତୃଣମୂଳ ସ୍ତରର କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରାଯିବା ସହ ଭବିଷ୍ୟତରେ ମିଶନ ଶକ୍ତିର କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ଫଳପ୍ରଦ ଭାବେ ଆଗେଇ ନେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଦିଗନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା।

## ସିଦ୍ଧ ସାଧକ ଶିଶୁ ଅନନ୍ତ ଦାସଙ୍କ ପୀଠରେ ରଜ ମହୋତ୍ସବ

ବାଲିପାଟଣା,(ସବ୍ୟୁ୦: ବାଲିପାଟଣାସ୍ଥିତ ଅଧ୍ୟାତ୍ମିକ କବି ପଞ୍ଚଶଖା ଶିଶୁ ଅନନ୍ତ ଦାସଙ୍କ ବଂଶଧର କନ୍ୟା ମାନଙ୍କ ପକ୍ଷରୁ ରଜ ମହୋତ୍ସବ ନିଆରା ଢଙ୍ଗରେ ଶିଶୁ ଅନନ୍ତ ପୀଠରେ ପାଳିତ ହୋଇଯାଇଛି ।ଶିଶୁଅନନ୍ତ ବଂଶର ବରିଷ୍ଠ କନ୍ୟାମାନଙ୍କୁ କନିଷ୍ଠଙ୍କ ପକ୍ଷରୁ ପାଦଛୁଆଁ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ରଜ ପାନ ଖିଆ ସହିତ ଶିଶୁ ଅନନ୍ତ ସମାଧିପୀଠରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଶିଶୁ ଅନନ୍ତ ସ୍ମୃତି ସଂସଦ ସମ୍ପାଦିକା ତନୟା ଦାସ ଗୋସସ୍ୱାମୀଙ୍କ ସଭାପତିତ୍ୱରେ ଶିଶୁ ଅନନ୍ତ ବଂଶର ବରିଷ୍ଠ କନ୍ୟା ମୁଖ୍ୟ ଅତିଥିଭାବେ ବନ ଲତା ଶିଶୁ ଗୋସଓ୍ୱାମୀ ଯୋଗଦାନ କରି ବଂଶର ଆଧ୍ୟାତ୍ମିକ ବୁନିୟାଦୀ, ସଂସ୍କୃତିକ ପରମ୍ପରା ଉପରେ ଆଲୋକପାତ କରିଥିଲେ ।ପ୍ରତିଭା ଶିଶୁ ଗୋସ୍ୱାମୀ, ନଳିନୀ ଶିଶୁ ଗୋସ୍ୱାମୀ,ପ୍ରଣତି ଶିଶୁ ଗୋସ୍ୱମୀ, ମମତା ଶିଶୁ ଗୋସ୍ୱାମୀ, କବିତା ଶିଶୁ ଗୋସ୍ୱାମୀ, ସୀମା ଶିଶୁ ଗୋସ୍ୱାମୀ, ରାନୁ ଶିଶୁ ଗୋସ୍ୱାମୀ,ସୀମା ଶିଶୁ ଗୋସ୍ୱାମୀ ,ରିଙ୍ଗୁ ଶିଶୁ ଗୋସ୍ୱାମୀ, ମାତା ଶିଶୁ ଗୋସ୍ୱାମୀ,ମିଲୁ ଶିଶୁ ଗୋସ୍ୱାମୀ, ସିଲୁ ଶିଶୁ ଗୋସ୍ୱାମୀ ଓ ଝିଲୁ ଶିଶୁ ଗୋସ୍ୱାଓ୍ୱାମୀ ପ୍ରମୁଖ ୪୦ ଜଣ ବଂଶଧର ଝିଅମାନେ ଏହି ରଜ ମହୋତ୍ସବରେ ଯୋଗଦାନ କରି ନିଜ ନିଜ ସମୟର ପରମ୍ପରା କଥା ବଖାଣିଥିଲେ ।

## ମା' ରାମଚଣ୍ଡୀ ଯୁବପରିଷଦ ପକ୍ଷରୁ ରଜ ମହୋତ୍ସବ




ଭୁବନେଶ୍ୱର (ସବ୍ୟୁ) : ମା' ରାମଚଣ୍ଡୀ ଯୁବ ପରିଷଦ ଲଳିତାଦେଇପୁର ଗୁଡୁମ ଖୋର୍ଦ୍ଧା ପକ୍ଷରୁ ୩୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ରଜ ମହୋତ୍ସବ ଆରମ୍ଭ ହୋଇଛି । ୩ ଦିନ ଧରି ଏହି କାର୍ଯ୍ୟକ୍ରମ ପ୍ରବଳ ଉତ୍ସାହର ସହ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା ।

ଆଜିର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇଥିବାବେଳେ ସମ୍ମାନୀତି ଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟ ଅନାଦି ସାହୁ, ଦୁର୍ଗାପୁର ପଞ୍ଚାୟତ ସରପଞ୍ଚ ଦେବାଶିଷ ବେହେରା, ସମାଜସେବୀ ସୁଶାନ୍ତ ମହାପାତ୍ର, ପ୍ରଦୀପ କୁମାର ନାୟକ, ଅକ୍ଷୟ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି । କିଶୋର କୁମାର ଜାଲ୍ ଗ୍ରୁପ୍ (ବଲାଙ୍ଗୀର), ଖୋର୍ଦ୍ଧା ପାଇକ କ୍ରିୟେସନ୍ ଓ ଭୁବନେଶ୍ୱରର ନର୍ତ୍ତକୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମା' ରାମଚଣ୍ଡୀ ଯୁବ ପରିଷଦର ସମସ୍ତ ସଦସ୍ୟ ଓ ସହଯୋଗୀମାନେ ଏହି କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିଛନ୍ତି ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଖୋର୍ଦ୍ଧା, (ସବ୍ୟୁ): ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏବଂ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଆରକ୍ଷୀ ଅଧିକ୍ଷକ ପାରମର ସ୍ମିଥ ପାର୍ଶୋତମ ଦାସ ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଆସିଷ୍ଟାଂଟ କଲେକ୍ଟର (ଅଭିଯୋଗ) ଭୁବନେଶ୍ୱରୀ କଅଁର, ସଦର ବ୍ଲକ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ବିଭାଶ ପାଣିଗ୍ରାହୀ ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ।



ଆଜିର ଅଭିଯୋଗ ଶିବିରକୁ ମୋଟ ୦୭ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୦୭ ଗୋଟି ଯାକ ବ୍ୟକ୍ତିଗତ ଅଭିଯୋଗ ଥିଲା। ଜିଲ୍ଲାପାଳ ଶିବିରରେ ୦୨ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟ ମେଂଟ ଅଧିକାରୀ ଯୋଗଦେଇଥିଲେ।

## ହାଇଟେକ୍ ରେ ବିଶ୍ୱ ବରିଷ୍ଠ ନାଗରିକ ନିର୍ଯ୍ୟାତନା ପ୍ରତିରୋଧ ସଚେତନତା ଦିବସ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ଭୁବନେଶ୍ୱର ଏବଂ ହାଇ-ଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର




ମିଳିତ ଆନୁକୂଲ୍ୟରେ "ବିଶ୍ୱ ବରିଷ୍ଠ ନାଗରିକ ନିର୍ଯ୍ୟାତନା ପ୍ରତିରୋଧ ସଚେତନତା ଦିବସ" ସଫଳତାର ସହ ପାଳିତ ହୋଇଯାଇଛି । ପ୍ରତିବର୍ଷ ଜୁନ୍ ୧୫ ତାରିଖରେ ଏହି ଦିବସ ସାରା ବିଶ୍ୱରେ ପାଳିତ ହେଉଛି । ଚଳିତ ବର୍ଷ ଏହି ଦିବସର ମୁଖ୍ୟ ଆଭିମୁଖ୍ୟ ବା ବିଷୟବସ୍ତୁ ଥିଲା କେବଳ ସଚେତନତା ନୁହେଁ, ବରିଷ୍ଠ ନାଗରିକଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା ରୋକିବା ପାଇଁ ପ୍ରକୃତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓଡିଶା ବରିଷ୍ଠ ନାଗରିକ ଫେଡେରେସନ୍‌ର ଅଧ୍ୟକ୍ଷ ମଧୁମାଧବ ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ, ବରିଷ୍ଠ ନାଗରିକ ସମାଜର ପଥପ୍ରଦର୍ଶକ, ସେମାନଙ୍କୁ ଅବହେଳା ଅର୍ଥ ସମାଜକୁ ଅବହେଳା ବୋଲି କହିଥିଲେ । ହାଇଟେକ୍ ଗ୍ରୁପର ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ବରିଷ୍ଠ ନାଗରିକଙ୍କ ସମ୍ମାନ, ପରିବାରର ସଂସ୍କାରକୁ ବୁଝାଇଥାଏ ବୋଲି କହିଥିଲେ ଓ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ ଅଧିକାରକୁ ନେଇ ସମାଜରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ 'ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ' ଏବଂ 'ହାଇ-ଟେକ୍ ମେଡିକାଲ କଲେଜ' ଏକାଠି ହୋଇ ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସମାଜରେ ବୃଦ୍ଧବୃଦ୍ଧାମାନଙ୍କ ପ୍ରତି ବଢୁଥିବା ଅବହେଳା ଓ ନିର୍ଯ୍ୟାତନାକୁ କିପରି ରୋକାଯାଇପାରିବ ଏବଂ ସେମାନଙ୍କୁ ଏକ ସୁରକ୍ଷିତ ତଥା ସମ୍ମାନଜନକ ଜୀବନ ପ୍ରଦାନ କରାଯାଇପାରିବ, ସେ ନେଇ ଉପସ୍ଥିତ ବୁଦ୍ଧିଜୀବୀ ଓ ସଦସ୍ୟମାନେ ନିଜର ମତ ପ୍ରକାଶ କରିଥିଲେ ଓ କାର୍ଯ୍ୟକ୍ରମରେ ଡାକ୍ତର ସଙ୍ଗୀତା ଅଗ୍ରୱାଲ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରୁଦ୍ର ସାମନ୍ତରାୟ, ଯୁଗଳ କିଶୋର ଦାଶ ପ୍ରମୁଖ ଯୋଗଦେଇଥିଲେ।

## କଳାହାଣ୍ଡିରେ ଜୈବିକ କୃଷିକୁ ତ୍ୱରାନ୍ୱିତ କରିଛି ବେଦାନ୍ତ ଆଲୁମିନିୟମ



ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସଙ୍ଗମ ପ୍ରକଳ୍ପ ଅଧୀନରେ ନିଜର ଭର୍ମିକମ୍ପୋଷ୍ଟ ଏବଂ ଆଜୋଲା ପ୍ରୋତ୍ସାହନ ଜରିଆରେ କଳାହାଣ୍ଡି ଜିଲ୍ଲାରେ ସ୍ଥାୟୀ କୃଷି ପ୍ରଣାଳୀକୁ ସୁଦୃଢ଼ କରୁଛି, ଯାହା ୨୭ଟି ଗାଁର ୧୭୦ଟି ଆଦିବାସୀ ଏବଂ କ୍ଷୁଦ୍ର ଚାଷୀ ପରିବାରକୁ ଉପକୃତ କରୁଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ କମ୍ପାନୀ ଘରୋଇ ସ୍ତରରେ ୧୪୦ଟି ଭର୍ମିକମ୍ପୋଷ୍ଟ ୟୁନିଟ୍ ଏବଂ ୩୦ଟି ଆଜୋଲା ଚାଷ ପ୍ରଣାଳୀ ପ୍ରତିଷ୍ଠା କରିବାରେ ସହାୟତା କରିଛି, ଯାହାଦ୍ୱାରା କୃଷକମାନେ ସେମାନଙ୍କ ଅଞ୍ଚଳରେ ମିଳୁଥିବା ଜୈବିକ ସମ୍ବଳ ଯେପରିକି ଗୋବର, ଫସଲର ଅବଶିଷ୍ଟାଂଶ ଏବଂ ରୋଷେଇ ଘର ବର୍ଜ୍ୟକୁ ଉନ୍ନତମାନର ଖତ ଏବଂ ପଶୁ ଖାଦ୍ୟରେ ପରିଣତ କରିପାରିବେ। ଏହି ପଦକ୍ଷେପଗୁଡ଼ିକ କୃଷକମାନଙ୍କୁ ଅଳ୍ପ ଖର୍ଚ୍ଚରେ, ଆତ୍ମନିର୍ଭରଶୀଳ ଚାଷ ପଦ୍ଧତିରେ ପରିବର୍ତ୍ତନ କରିବାରେ ସାହାଯ୍ୟ କରୁଛି, ମୃତ୍ତିକା ସ୍ୱାସ୍ଥ୍ୟ, ଆର୍ଦ୍ରତା ଧାରଣ ଏବଂ ଫସଲ ଉତ୍ପାଦନରେ ଉନ୍ନତି ଆଣିବା ସହିତ ରସାୟନିକ ସାର ଉପରେ ନିର୍ଭରଶୀଳତା ହ୍ରାସ କରୁଛି। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ମହିଳା ସଶକ୍ତିକରଣ ଏବଂ ଭିତ୍ତିଭୂମିରେ ବ୍ୟାପକ ପଦକ୍ଷେପ ମାଧ୍ୟମରେ ଏହାର କାର୍ଯ୍ୟ ପରିସର ଅଞ୍ଚଳରେ ଗୋଷ୍ଠୀ ବିକାଶକୁ ଆଗେଇ ନେଉଛି।

## ସମ୍ ହସ୍ପିଟାଲରେ ହାଇ-ଟେକ୍ ନ୍ୟୁରୋସର୍ଜରୀ ଦ୍ୱାରା ୬୦ ବର୍ଷୀୟା ମହିଳାଙ୍କ ଜୀବନ ରକ୍ଷା

ଭୁବନେଶ୍ୱର, (ସବ୍ୟୁ): ଆଂଚଳିକ ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ସଫଳତା ସ୍ୱରୂପ, ବ୍ରହ୍ମପୁର, ଶୀତଳାପଲ୍ଲୀ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ୍-୩ ର ସର୍ଜିକାଲ୍ ଟିମ୍ ଦ୍ୱାରା ଜଣେ ୬୦ ବର୍ଷୀୟା ମହିଳାଙ୍କ ମସ୍ତିଷ୍କରୁ ବିପଜ୍ଜନକ ଟ୍ୟୁମରକୁ ସଫଳତାର ସହ ବାହାର କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ ପ୍ରଥମ ଥର ପାଇଁ ସମ୍ ହସ୍ପିଟାଲରେ ସଫଳ ଅସ୍ତ୍ରୋପଚାର କରାଯାଇଛି। ସରସ୍ୱତୀ ବେହେରା ନାମକ ମହିଳା ଅସହ୍ୟ ମୁଣ୍ଡବିନ୍ଧା, ବାମ ହାତ ଓ ଗୋଡ଼ରେ ଦୁର୍ବଳ ଅନୁଭବ କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ସ୍ନାୟୁବିକ ଲକ୍ଷଣର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତୁରନ୍ତ ଏମ୍‌ଆର୍‌ଆଇ କରାଯାଇଥିଲା। ଇମେଜିଂରୁ ଜଣାପଡିଥିଲା ଯେ ତାଙ୍କ ମସ୍ତିଷ୍କରେ ଏକ ବୃହତ ଟ୍ୟୁମର ରହିଛି। ମସ୍ତିଷ୍କର ଏହି ସ୍ଥାନରେ ଟ୍ୟୁମର ହେବା ଅତ୍ୟନ୍ତ ଜଟିଳ, କାରଣ ଏହା ମସ୍ତିଷ୍କର ମୂଳ ଅଂଶରେ ଥାଏ ଏବଂ ଚେହେରାର ଚଳପ୍ରଚଳ ଓ ଶ୍ରବଣ ଶକ୍ତି ନିୟନ୍ତ୍ରଣ କରୁଥିବା ସୂକ୍ଷ୍ମ ସ୍ନାୟୁଗୁଡ଼ିକ ଏହାର ନିକଟବର୍ତ୍ତୀ ହୋଇଥାନ୍ତି। ଏହି ଜଟିଳ ଅସ୍ତ୍ରୋପଚାର ପାଇଁ ନ୍ୟୁରୋସର୍ଜରୀ ବିଭାଗର ଉଚ୍ଚକୋଟୀର ଜ୍ଞାନକୌଶଳ ଏବଂ ବିଶେଷଜ୍ଞଙ୍କ ସହାୟତା ନେଇଥିଲା।



ହାଇ-ପ୍ରିସିସନ ନ୍ୟୁରୋସର୍ଜିକାଲ୍ ମାଇକ୍ରୋସ୍କୋପ୍ ସାହାଯ୍ୟରେ ଡାକ୍ତରମାନେ ମସ୍ତିଷ୍କର ଅତି ସୂକ୍ଷ୍ମ ଅଂଶ ଏବଂ ରକ୍ତବାହିକାଗୁଡ଼ିକୁ ସ୍ପଷ୍ଟ ଭାବରେ ଦେଖିପାରିଥିଲେ। ସିୟୁଏସ୍ଆଇ (କାର୍ଭିଟ୍ରନ୍ ଅଲଟ୍ରାସୋନିକ ସର୍ଜିକାଲ୍ ଆସ୍ପିରେଟର୍) ଭଳି ଅତ୍ୟାଧୁନିକ ମେସିନ୍ ଅଲଟ୍ରାସୋନିକ ଫ୍ରିକ୍ୱେନ୍ସି ବ୍ୟବହାର କରି ସୁସ୍ଥ ମସ୍ତିଷ୍କ ଏବଂ ସ୍ନାୟୁକୁ ସୁରକ୍ଷିତ ରଖି ଟ୍ୟୁମରଟିକୁ ଖଣ୍ଡ ଖଣ୍ଡ କରି ବାହାର କରିଥାଏ। ଏହି ସଫଳ ଅସ୍ତ୍ରୋପଚାର ନ୍ୟୁରୋସର୍ଜରୀ ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ପ୍ରଭାତ କୁମାର ଜଗଦେବଙ୍କ ନେତୃତ୍ୱରେ କରାଯାଇଥିବାବେଳେ ଏଥିରେ ନ୍ୟୁରୋ-ଆନାସ୍ଥେସିଆ ବିଶେଷଜ୍ଞ ଡାକ୍ତର ପ୍ରତ୍ୟୁଷ କୁମାର ମିଶ୍ର, ଆଇସିୟୁ ଓଟି ଏବଂ ନର୍ସିଂ ଟିମ୍ ସହଯୋଗ କରିଥିଲେ। ଏହି ସଫଳ ଅସ୍ତ୍ରୋପଚାର ବ୍ରହ୍ମପୁରର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ସଫଳତା।

## ରାଇରଙ୍ଗପୁର ନାବାଳିକା ଗଣଦୁଷ୍କର୍ମ ଘଟଣା

# ମେଡିକାଲରେ ପୀଡ଼ିତାଙ୍କୁ ଭେଟିଲା ବିଜେଡି ଟିମ୍



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ଜଣେ ୧୨ବର୍ଷୀୟା ନାବାଳିକାଙ୍କ ସହ ଦୁଷ୍କର୍ମ ଅଭିଯୋଗ ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଛି। ଏହି ଘଟଣା ରାଜ୍ୟରେ ମହିଳା ସୁରକ୍ଷା ଓ ଆଇନଶୃଙ୍ଖଳା ବ୍ୟବସ୍ଥାର ଅବନତିକୁ ପୁଣିଥରେ ପଦାରେ ପକାଇଛି। ଘଟଣା ପରେ ବିଜୁ ଜନତା ଦଳର ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ମୟୂରଭଞ୍ଜ–୨ ସଭାପତି ଡା ଦେବାଶିଷ ମାରାଣ୍ଡିଙ୍କ ନେତୃତ୍ୱରେ ହସ୍ପିଟାଲରେ ପହଞ୍ଚି ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, କାର୍ଯ୍ୟକାରୀ ସଭାପତି ରାଇସେନ୍ ମୁର୍ମୁ, ରାଇରଙ୍ଗପୁର ନଗରପାଳ ଅଭିଷେକ ପଟ୍ଟନାୟକ, ଚକ୍ରଧର ହେମ୍ବ୍ରମ, ବ୍ଲକ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ହେମ୍ବ୍ରମ, ଜିଲ୍ଲା ପରିଷଦ ସଚ୍ଚିଦାନନ୍ଦ ମହାନ୍ତ, ସ୍ୱରୂପ ବେହେରା, ଦୀପ୍ତିମାନ ବଳ, ସୁବାଷ ମଣ୍ଡଳ, ଛାତ୍ରନେତା ବିକାଶ ମହାନ୍ତ ଓ ତନୁଜା ମହାନ୍ତଙ୍କ ସହିତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ରାଇରଙ୍ଗପୁର ଟାଉନ ଥାନାକୁ ଯାଇ ଆଇଆଇସି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ପରେ ବିଳମ୍ବ ଏତଲା ରେଜିଷ୍ଟ୍ରେସନ୍, ପୀଡିତାର ଡାକ୍ତରୀ ମାଇନା ୧୨ ଘଣ୍ଟା ବିଳମ୍ବ ନେଇ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ। ସବୁକିଛି ଅବଗତ ପରେ ପୁଲିସର ବିଳମ୍ବ କାର୍ଯ୍ୟାନୁଷ୍ଠାନରେ ମଧ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ପୀଡିତାଙ୍କୁ ନ୍ୟାୟ ଏବଂ ପୀଡିତା ସମେତ ପରିବାରକୁ ସୁରକ୍ଷା ଦେବା ପାଇଁ କହିଥିଲେ। ଦୁଷ୍କର୍ମ ଆସାମୀକୁ ତୁରନ୍ତ ଗିରଫ, ପୀଡିତାକୁ ତୁରନ୍ତ ନ୍ୟାୟ ଏବଂ କ୍ଷତିପୂରଣ ନ ମିଳିଲେ ଖୁବ୍‌ଶୀଘ୍ର ବିଜେଡି ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଆଇଆଇସିଙ୍କୁ ଚେତାବନୀ ଦେଇଥିଲେ। ପୀଡ଼ିତାଙ୍କ ପରିବାରର ଅଭିଯୋଗ ଅନୁଯାୟୀ, ନାବାଳିକାଙ୍କୁ ଅପହରଣ କରାଯାଇ ଦୁଷ୍କର୍ମ କରାଯିବା ପରେ ଗୁରୁତର ଅବସ୍ଥାରେ ଘର ନିକଟରେ ଛାଡ଼ି ଦିଆଯାଇଥିଲା। ବର୍ତ୍ତମାନ ସେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ମେଡିକାଲ୍ ଲିଗାଲ୍ କେସ୍ ସମ୍ପର୍କରେ ପୁଲିସକୁ ସୂଚନା ଦିଆଯାଇଥିଲେ ମଧ ମାମଲା ରୁଜୁ କରିବାରେ ଅନାବଶ୍ୟକ ବିଳମ୍ବ କରାଯାଇଥିଲା। ଏହି ବିଳମ୍ବ ପୁଲିସର କାର୍ଯ୍ୟଦକ୍ଷତା ଓ ଆନ୍ତରିକତା ଉପରେ ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି। ଏଥିସହ ନାବାଳିକାଙ୍କ ସହମତି ସମ୍ପର୍କରେ ପୁଲିସର କିଛି ପ୍ରତିକ୍ରିୟାକୁ ବିଜେଡି ଦୃଢ଼ ଭାବେ ନିନ୍ଦା କରିଛି। ନାବାଳିକାଙ୍କ କ୍ଷେତ୍ରରେ ସହମତିର ପ୍ରସଙ୍ଗ ଉଠାଇବା ଆଇନଗତ ଏବଂ ନୈତିକ ଦୃଷ୍ଟିରୁ ଅଗ୍ରହଣ ଯୋଗ୍ୟ ବୋଲି ଦଳ ମତ ପ୍ରକାଶ କରିଛି।

## ସହରରେ ବଢ଼ୁଛି ହିଂସା : ସାମାନ୍ୟ ବଚସାରୁ ନାବାଳକଙ୍କୁ ହତ୍ୟା, ଦୁଇ ଅଟକ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁରରେ ଦିନକୁ ଦିନ ହିଂସା ବଢ଼ୁଛି। ଆଜିର ହତ୍ୟା ଘଟଣାକୁ ମିଶାଇ ଗୋଶାଣିନୁଆଗାଁ ଥାନା ଇଲାକାରେ ଗତ ୧ତାରିଖରେ ଗୀତା ଭବନ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ନରଶିଙ୍ଗ ବେହେରାଙ୍କୁ ହତ୍ୟା ହୋଇଥିଲାଛ ୧୫ ଦିନ ପରେ ପୁଣିଥରେ ଉକ୍ତ ଥାନା ଖଜୁରିଆରେ ସାମାନ୍ୟ ବଚସାରୁ ବ୍ରହ୍ମପୁର ଉପକଣ୍ଠରେ ଜଣେ ନାବାଳକଙ୍କୁ ମାଡ ମାରି ହତ୍ୟା କରାଯାଇଛି । ମୃତକ ଜଣଙ୍କ ହେଲେ ଗୋଷଣୀନୂଆଗାଁ ଥାନା ଅନ୍ତର୍ଗତ ଖଜୁରିଆର ଆଇ. ଭାସ୍କରଙ୍କ ପୁଅ ଆଇ. ସନିଆ (୧୭) ।ପୋଲିସ ଏମକେସିଜି ମେଡିକାଲରୁ ତାଙ୍କ ମୃତଦେହ ଜବତ କରିଛି ।ଏକାଧିକ ଯୁବକଙ୍କ ମାଡରେ ସନିଆଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି । ଏହି ଘଟଣାରେ ସଂପୃକ୍ତି ସନ୍ଦେହ କରି ପୋଲିସ ଦୁଇଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି । ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ଖଜୁରିଆର ସନିଆ ଦାସ ସାହି ନିକଟରେ ଥିବା ଏକ ପୋଖରୀ କଡରେ ଉକ୍ତ ସନିଆ ପରିଶ୍ରା କରୁଥିଲେ ।ଏହା ଦେଖି ସେଠାରେ ଉପସ୍ଥିତ ଫୁଲଟା ଗ୍ରାମର ଏକାଧିକ ଯୁବକ ତାଙ୍କୁ ବାରଣ କରିଥିଲେ। ଏହି କଥାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ଓ ପରେ ସେମାନଙ୍କ ମଧ୍ୟରେ ଝଗଡା ହୋଇଥିଲା। ଫୁଲଟା ଗ୍ରାମର ଅଭିଯୁକ୍ତ ଯୁବକମାନେ ଉତ୍ୟକ୍ତ ହୋଇ ନାବାଳକଙ୍କୁ ସଂଘବଦ୍ଧ ଭାବେ ମାଡ ମାରିବା ସହ ସନିଆଙ୍କ ଛାତି ଓ ବେକକୁ ମୁଥ ମାରିଥିଲେ । ଆକ୍ରମଣରେ ନାବାଳକଙ୍କ ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା ।ସେ ଗୁରୁତର ହୋଇ ତଳେ ପଡିଯାଇଥିଲେ। ଏହାଦେଖି ଅଭିଯୁକ୍ତ ଯୁବକ ଜଣଙ୍କ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୋଖରୀ ନିକଟରେ ଥିବା ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ନାବାଳକଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସନିଆଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗୋଷଣୀନୂଆଗାଁ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ରାତ୍ର ହୋଇଯାଇଥିବାରୁ ତାହାକୁ ସଂରକ୍ଷିତ ରଖିଛି। ବୁଧବାର ବ୍ୟବଚ୍ଛେଦ କରାଯିବ । ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦୁଇଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ।

## ଦୁର୍ଦ୍ଦାନ୍ତ ଅପରାଧୀ ପ୍ରଭାତ ମଲିକଙ୍କୁ ଏନ୍‌କାଉଣ୍ଟର



କେନ୍ଦୁଝର,(ଜିପ୍ର/ସବ୍ୟୁ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ମହୁଲଡ଼ିହା ଜଙ୍ଗଲ ନିକଟରେ ମଙ୍ଗଳବାର ଭୋର ସମୟରେ ସଦର ଥାନା ପୋଲିସ ଏକ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନକାଉଣ୍ଟର କରିଛି । ତାଙ୍କ ନାମ ପ୍ରଭାତ ମଲିକ ଏବଂ ଘର ଗମ୍ଭାରିଆ ଗ୍ରାମରେ ବୋଲି ଜଣା ପଡ଼ିଛି । ସେ ୪୦ରୁ ଅଧିକ ଡକାୟତି, ଚୋରି ଓ ଅନ୍ୟାନ୍ୟ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ପୁଲିସ କହିଛି। ଅଭିଯୁକ୍ତ ୮.୧୮ ଲକ୍ଷ ଟଙ୍କାର ସଶସ୍ତ୍ର ଡକାୟତିରେ ସମ୍ପୃକ୍ତି ସ୍ୱୀକାର କରିଥିଲେ। ପରେ ମହୁଲଡିହା ଜଙ୍ଗଲ ଅଞ୍ଚଳରେ ଲୁଚାଇ ରଖାଯାଇଥିବା ଟଙ୍କା ଏବଂ ଅନ୍ୟ ସାମଗ୍ରୀ ଉଦ୍ଧାର ସମୟରେ ସେ ଏକ ଦେଶୀ ବନ୍ଧୁକ ବାହାର କରି ପୁଲିସ ଉପରେ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି।ସେ ସଦର ବ୍ଲକର ଜଣେ ପିଇଓଙ୍କ ଠାରୁ ଟଙ୍କା ଲୁଟ ଘଟଣା ସମେତ ପ୍ରାୟ ୪୦ ଅପରାଧିକ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଆତ୍ମରକ୍ଷା ପାଇଁ ପୁଲିସ ପକ୍ଷରୁ ଗୁଳି ଚାଳନା କରାଯାଇଥିଲା, ଯେଉଁଥିରେ ଅଭିଯୁକ୍ତଙ୍କ ଗୋଡ଼ରେ ଗୁଳି ବାଜି ସେ ଆହତ ହୋଇଥିଲେ। ପରେ ତାଙ୍କୁ କାବୁ କରି ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଛି। ଘଟଣାସ୍ଥଳରୁ ଏକ ଦେଶୀ ବନ୍ଧୁକ ଓ ଡକାୟତି ସମ୍ପର୍କିତ ନଗଦ ଟଙ୍କା ଜବତ କରାଯାଇଛି। ଏହି ଘଟଣାରେ ବିଏନଏସ ଓ ଅସ୍ତ୍ର ଆଇନ ଅନୁଯାୟୀ ନୂଆ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତ ଜାରି ରହିଛି।ଆଜି ଉକ୍ତ ଲୁଟ ଘଟଣାର ଟଙ୍କା ରିକଭରି ପାଇଁ ପୋଲିସକୁ ମହୁଲ ଡିହା ଗ୍ରାମକୁ ଡାକି ନେଇ ଏକ ଘରୁ ବନ୍ଧୁକ ଆଣି ଆକ୍ରମଣ କରିବାରୁ ପୋଲିସ ପ୍ରତି ଆକ୍ରମଣ କରିଥିଲା ବୋଲି ଥାନା ଅଧିକାରୀ ଅମ୍ରି କୁମାର ଭୂୟାଁ ସୂଚନା ଦେଇଛନ୍ତି।ଗୁଳି ବିନିମୟ ବେଳେ ପୋଲିସ ଗୁଳିରେ ପ୍ରଭାତ ମଲିକ ଗୁରୁତର ଆହତ ହୋଇ ଧରଣୀ ଧର ମେଡିକାଲ କଲେଜ ରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ଡାହାଣ ଗୋଡରେ ଗୁଳି ବାଜିଛି । ପ୍ରଭାତ ନିକଟରୁ ଗୋଟିଏ ବନ୍ଧୁକ ଓ ୧୨ ହଜାର ଟଙ୍କା ଜବତ ହୋଇଛି ।

## ରାସ୍ତାରେ ଜଳିଗଲା ସ୍କୁଟି, ବର୍ତ୍ତିଲେ ଚାଳକ



ବ୍ରହ୍ମପୁର, (ସବ୍ୟୁ): ଟାଉନ ଥାନା ଅନ୍ତର୍ଗତ ଖଲ୍ଲିକୋଟ କଲେଜ ରାସ୍ତାରେ ଆଜି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ବିଚ ରାସ୍ତାରେ ଏକ ଚଳନ୍ତା ସ୍କୁଟି ଗାଡ଼ି ହୁତୁହୁତୁ ହୋଇ ଜଳିଗଲା। ଚାଳକ ନିଜ ଜୀବନ ବଞ୍ଚାଇବା ପାଇଁ ଗାଡିଟି ରାସ୍ତା ଉପରେ ଛାଡି ଦେଇଥିଲେ। ଫଳରେ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଚାଳକ ଜଣଙ୍କ ଆଙ୍କୁଲି ଅଞ୍ଚଳର ରାମେଶ୍ୱର ଦାସ(୩୪)। ଗାଡିଟି ରାସ୍ତା ଉପରେ ଜଳୁଥିବା ଦେଖି ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ କିଛି ସମୟ ପାଇଁ ଅଟକି ଯାଇଥିଲେ। ଫଳରେ ସେଠାରେ ଟ୍ରାଫିକ ଜାମ ହୋଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା। ଅଗ୍ନିକମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ସେତେବେଳକୁ ଉକ୍ତ ଗାଡିଟି ସମ୍ପୂର୍ଣ ଭାବେ ଜଳି ଯାଇଥିଲା। ପ୍ରକାଶ ଯେ ରାମେଶ୍ୱର ମଙ୍ଗଳବାର ମଧ୍ୟାହ୍ନ ଗୋଟାଏ ବେଳେ ନିଜର ସୁଜୁକି ଗାଡି ନଂ ଓଡ଼ି ୦୭ ବିଏ– ୪୮୭୧ ରେ ଘରୁ ବାହାରିଥିଲେ। ସେ ବ୍ୟାଙ୍କକୁ ଯାଉଥିବା ବେଳେ କନଭେଣ୍ଟ ସ୍କୁଲ ନିକଟରେ ତାଙ୍କ ଗାଡ଼ିରୁ ହଠାତ ନିଆଁ ବାହାରୁଥିବା ଦେଖିଥିଲେ। ଗାଡିଟି ସେଠାରେ ଛାଡ଼ି ଦେଇ ସେ କିଛି ଦୂର ଦୌଡ଼ି ପଳାଇଥିଲେ। ସେ କିଛି ଭାବିବା ପୂର୍ବରୁ ତାଙ୍କ ଆଖି ଆଗରେ କିଛି ସମୟ ଭିତରେ ଗାଡିଟି ପୁରା ଜଳି ଯାଇଥିଲା। କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନିଆଁ ବାହାରି ଗାଡିଟି ଜଳିଯାଇଥିଲା ବୋଲି ଜଣାପଡିଛି ।

## କୋର୍ଟ ପରିସରରେ ବିବାହ ପ୍ରସଙ୍ଗକୁ ନେଇ ଉତ୍ତେଜନା

# ଯୁବତୀଙ୍କୁ ଉଦ୍ଧାର କଲା ବିଶ୍ୱହିନ୍ଦୁ ପରିଷଦ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବାରିପଦାରେ ଆନ୍ତଃ–ଧର୍ମ ବିବାହକୁ ନେଇ କୋର୍ଟ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ରାଇରଙ୍ଗପୁର ଅଞ୍ଚଳର ଜଣେ ହିନ୍ଦୁ ମହାନ୍ତ ସମ୍ପ୍ରଦାୟର ଯୁବତୀ ଜଣେ ମୁସଲମାନ ଯୁବକଙ୍କୁ କୋର୍ଟ ବିବାହ କରିବା ପାଇଁ କାଗଜପତ୍ର ପ୍ରସ୍ତୁତ କରୁଥିବା ସମୟରେ ସ୍ଥାନୀୟ ସଂଗଠନ ଏହାକୁ ରୋକିଛନ୍ତି । ବିଶେଷ ସୂତ୍ରରୁ ଖବର ପାଇ ସଂଗଠନର ସଦସ୍ୟମାନେ କୋର୍ଟରେ ପହଞ୍ଚି ଉଭୟଙ୍କୁ ଅଟକ ରଖିବା ସହ ପୋଲିସ ଜିମା ଦେଇଛନ୍ତି। ଉଦ୍ଧାର ହୋଇଥିବା ଯୁବତୀଙ୍କୁ ବୁଝାସୁଝା କରାଯାଇ ବର୍ତ୍ତମାନ ଥାନାରେ ବସାଯାଇଛି ଏବଂ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସେହିପରି ସମ୍ପୃକ୍ତ ଯୁବକ ଓ ତାଙ୍କ ସହଯୋଗୀମାନଙ୍କୁ ମଧ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୟୂରଭଞ୍ଜରେ ଲଭ୍ ଜିହାଦ୍' ର ଏକ ବଡ଼ ସ୍କାମ ଚାଲିଥିବା ପ୍ରକାଶ କରିଛନ୍ତି ବିଶ୍ୱହିନ୍ଦୁ ପରିଷଦ ସାଧାରଣ ସମ୍ପାଦକ ପ୍ରଶାନ୍ତ ଆଚାର୍ଯ୍ୟ। ଘଟଣା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସଂଗଠନର ମୁଖ୍ୟ କହିଛନ୍ତି ଯେ, ଏହା କୌଣସି ସାଧାରଣ ପ୍ରେମ ବ୍ୟାପାର ନୁହେଁ, ବରଂ ମୟୂରଭଞ୍ଜ ଜିଲ୍ଲାରେ ଏକ ସୁଚିନ୍ତିତ ସ୍କାମ୍ ଚାଲିଛି। ହିନ୍ଦୁ ଝିଅମାନଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିବା ପାଇଁ ଏକ ପୂରା ଟିମ କାମ କରୁଛି। ଯେଉଁ ଝିଅମାନେ ଏହି ଜାଲରେ ପଡ଼ି ବାହାରକୁ ଯାଉଛନ୍ତି, ପରବର୍ତ୍ତୀ ସମୟରେ ସେମାନଙ୍କର କୌଣସି ପତ୍ତା ମିଳୁନାହିଁ। ଜିଲ୍ଲାରେ ସଚେତନତାର ଘୋର ଅଭାବ ଥିବା ଦର୍ଶାଇ ସେ କହିଛନ୍ତି ଯେ, ସଂଗଠନ ପକ୍ଷରୁ ବିଭିନ୍ନ ସ୍କୁଲ, କଲେଜ ଓ ହଷ୍ଟେଲକୁ ଯାଇ ଝିଅମାନଙ୍କୁ ବୁଝାଯାଉଛି। ଏଥିସହିତ ଅଭିଭାବକ ବା ବାପା–ମାଆମାନେ ନିଜ ପିଲାମାନଙ୍କ ଉପରେ ନଜର ରଖିବା ସହ ଅଧିକ ଜାଗ୍ରତ ହେବା ଆବଶ୍ୟକ ବୋଲି ସେ ଅନୁରୋଧ କରିଛନ୍ତି। ଆଗକୁ ଏଭଳି କୌଣସି ଖବର ମିଳିଲେ ତୁରନ୍ତ ବିଶ୍ୱହିନ୍ଦୁ ପରିଷଦ ସୂଚନା ଦେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି।

## ଡ୍ରିମ୍‌ସରେ ବିଶ୍ୱ ରକ୍ତଦାତା ଦିବସ

କଟକ, (ସ୍ୱପ୍ର) : ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଡ୍ରିମ୍‌ସ ବିଶ୍ୱିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, , ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଚଳିତ ବର୍ଷର ଥିମ୍ ବିହୁଏ ମାନବିକତା, ରକ୍ତଦାନ ଜୀବନ ଦାନର ଗୁରୁତ୍ୱ ଉପରେ ଆଲୋକପାତ କରି ବିଭିନ୍ନ ସମୟରେ ରକ୍ତଦାନ ଅଭିଯାନରେ ସାମିଲ ପ୍ରତ୍ୟେକ ଛାତ୍ରଛାତ୍ରୀ ଓ କର୍ମଚାରୀ ଙ୍କୁ ଜୀବନଦାତା ବୋଲି କହିଥିଲେ । ଏହି ଅବସରରେ ପଦ୍ମିନୀ କେୟାର ରକ୍ତ ଭଣ୍ଡାର ଠାରେ ରକ୍ତଦାନ ଓ ସଂକଳ୍ପ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ରକ୍ତ ଭଣ୍ଡାରର ଅଧିକାରୀ ବନମାଳୀ ସାହୁ, ମାନସ ସ୍ୱାଇଁ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧାପକ ସୁଶାନ୍ତ କୁମାର ସେଠୀ, ସଚିବ ଇଂ ସୁଧାଂଶୁ ଭୂଷଣ କର, ରଂଜିତ୍ କୁମାର ସାହୁ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ନର୍ସିଂ କର୍ମଚାରୀ ଯୋଗ ଦେଇଥିଲେ ।

## ୨୨କିଲୋ ଗଞ୍ଜେଇ, ୭.୭୫ ଗ୍ରାମ ବ୍ରାଉନସୁଗର୍ ଜବତ, ୧୧ ଗିରଫ

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ପୋଲିସକୁ ମିଳିଛି ଏକ ବଡ ଧରଣର ସଫଳତା। କନ୍ଧମାଳ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ଫୁଲବାଣୀ ଟାଉନ ଥାନା ପୋଲିସ୍ ଚଢ଼ାଉ କରି ୨୨ କିଲୋ ଗଞ୍ଜେଇ ସମେତ ୭.୭୫ଗ୍ରାମ ବ୍ରାଉନ ସୁଗାର୍ ମଧ ଜବତ କରଛି। ଏହି ମାମଲାର ସମ୍ପୃକ୍ତ ଥିବା ୧୧ଜଣଙ୍କୁ ଗିରଫ କରିଥିବା ନେଇ ଆଜି ଏସପି ରମେନ୍ଦ୍ର ପ୍ରସାଦ, ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେଇଛନ୍ତି । ଏଥି ସହ ଦୁଇଟି ବାଇକ ଓ ୭ଟି ମୋବାଇଲ ଫୋନ ମଧ୍ୟ ଜବତ କରିଛି ପୋଲିସ । ଏହାର ଆନୁମାନିକ ମୋଟ ବଜାର ମୁଲ୍ୟ ତିନି ଲକ୍ଷ ଟଙ୍କା ବୋଲି କହିଛନ୍ତି । କନ୍ଧମାଳ ଜିଲ୍ଲାରେ ବ୍ରାଉନ ସୁଗର୍ କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି । ଫଳରେ ବ୍ରାଉନ ସୁଗାର କବଳିତ ହୋଇ ଶିକ୍ଷିତ ଯୁବକ ଯୁବତୀ, ଛାତ୍ର ଛାତ୍ରୀ ମାନେ ନିଶା ପାଇଁ ଯେ କୌଣସି ଅପରାଧୀକ କାର୍ଯ୍ୟ କଳାପର ମଧ କରିବାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି । ଆନ୍ତରାଜ୍ୟ ଡ୍ରଗସ୍ ମାଫିଆ ସ୍ଥାନୀୟ ଲୋକଙ୍କ ଜରିଆରେ ଫୁଲବାଣୀ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିଶା ଦ୍ରବ୍ୟ କରୁଥିବା ଅଭିଯୋଗ ହେବା ପରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଟାଉନ ଥାନାର ପୋଲିସ ଟିମ ଚଢାଉ କରି ସହର ର ୧୧ଜଣ ବ୍ରାଉନ ସୁଗାର କାରବାରରେ ସମ୍ପୃକ୍ତ ଥିବା ଯୁବକ ମାନଙ୍କୁ ଗିରଫ କରିଥିବା ଜଣାପଡିଛି । ସେମାନେ ହେଲେ ଆୟେଶ ମହାପାତ୍ର ( ୩୯) ଦେବାଶିଷ ପାତ୍ର (୩୧) ଶ୍ରୀଧର ମହାନ୍ତି (୪୭) ସିମାଞ୍ଚଳ ମହାନ୍ତି (୩୦) ନୀଳମଣି ବାରିକ (୪୫) ଶିବପ୍ରୀତ ପଟନାୟକ(୨୮) ଏହି ସମସ୍ତ ଅଭିଯକ୍ତ, ଫୁଲବାଣୀ ସହରର ଫୁଲବାଣୀ ସାହିର ହୋଇଥିବା ବେଳେ, କନ୍ଧମାଳ ଜିଲ୍ଲା ଟିକାବାଲି, ଥାନା ଅନ୍ତର୍ଗତ କଇଁଝର ଅଞ୍ଚଳ ର ବାଳକୃଷ୍ଣ ମଲିକ(୩୦) ଟୀକାବାଲି କାଦପଦର ର ବାଲୁଙ୍କେଶ୍ୱର (୨୦) ଗୋଛାପଡା ଥାନା ଅଞ୍ଚଳ ପୁଟୁ ପୁଡିଆ ଗ୍ରାମର ଜଗତ କହଁର (୨୫) ଓ ଅବଖିତ ଦିଗାଲ ( ୨୫)ଫୁଲବାଣୀ ଅରବିନ୍ଦ ନଗରର ମନୋରଞ୍ଜନ ସାବତ ( ୫୦) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । କନ୍ଧମାଳ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦଙ୍କ ଉଦ୍ୟମ, ଓ ପ୍ରଚେଷ୍ଟା ଯୋଗୁଁ ଜିଲ୍ଲାରେ ବିଭିନ୍ନ ଅପରାଧରେ ଜଡ଼ିତ ଅପରାଧୀ ମାନଙ୍କୁ ସାବାଡ କରିବା ସହ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସିବା ଆରମ୍ଭ ହୋଇଛି। ଫୁଲବାଣୀ ଟାଉନ ଥାନା ଏସଆଇ ରିତାଞ୍ଜଳି ସାହୁ, ମୋନରଞ୍ଜନ ଭୋଇଙ୍କ ସମେତ ଅନ୍ୟମାନେ ଫୁଲବାଣୀ ସାହି ସ୍ଥିତ ପଟାବାଲି ସାହି ମଶାଣୀ ନିକଟ ପଡ଼ିଆରେ ଚଢାଉ କରି ଗିରଫ କରିଥିବା ଜଣାପଡ଼ିଛି । ଟାଉନ ପୋଲିସର ଏହା ଏକ ବଡ ସଫଳତା ଅଟେ।

## ରଜ ପର୍ବରେ ସାଂସ୍କୃତିକ କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ପୋଲିସ ପଡିଆରେ ମା'କିଚକେଶ୍ୱରୀ ଏକାଡେମୀ ତରଫରୁ ରଜ ପର୍ବ ଉପଲକ୍ଷେ କୁନିକୁନି ପିଲାମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ରଜ ପର୍ବ ବିଷୟରେ କୁଇଜ୍ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅମ୍ବିକା, ହିରଣ୍ମୟ, ଲଳିତ୍, ଅଙ୍କିତ୍, ବିଦ୍ୟାଶା, ଦେବରାଜ୍, ବିଦ୍ୟାଭାରତୀ, ନିଶାନ୍ତ, ଶୀବାନି, ହିମାଳବୀର, ସ୍ନେହାଶିଷ, ସାଇ ସୁଭମ, କୌଶିକ, ସାନ୍ନଭି, ଭାଗ୍ୟଶ୍ରୀ, ଋଷି, ମାମିନା, ପ୍ରତ୍ୟୁଶା, କ୍ରିଷ୍ଣା, ଅଙ୍କିତା, କବିତା, ସାଇ ସିଦ୍ଧାର୍ଥ, ଦିବ୍ୟାଂଶୁ ଏବଂ ପ୍ରିୟଙ୍କା ଭାଗ ନେଇଥିଲେ । ଏହି ଉତ୍ସବର ସମସ୍ତ ପିଲାମାନେ ପୁରସ୍କୃତ ହୋଇଥିଲେ । ମୟୂରଭଞ୍ଜ ଏଥଲେଟିକ୍ ଏସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, କ୍ରୀଡ଼ାବିତ ଭାନୁ ପ୍ରତାପ ଭଞ୍ଜଦେଓ ଏବଂ ଏନ୍.ଆଇ.ଏସ୍ କୋଚ୍ ମନୋରଞ୍ଜନ ଜୀଉ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଦିବ୍ୟଜ୍ୟୋତି ଜୀଉ, ହିମାନୀ ପାତ୍ର, ଓମ୍ ପ୍ରକାଶ, ଶୁଭ୍ରାଂଶୁ, ମେଘା ଏବଂ ଶାନ୍ତି ଲତା ରାଜ୍ କାର୍ଯ୍ୟକ୍ରମ ପରେ ସବୁ ପିଲା ପି.ଆର.ଏମ୍ ପ୍ଲାନେଟୋରିୟମ୍, ତକତପୁର ଦେଖିବାକୁ ଯାଇଥିଲେ ଏବଂ ସେଠାରେ ମହାକାଶ ଗବେଷଣା ସଂପର୍କରେ ଅବଗତ ହୋଇଥିଲେ।

## ରେଳଧାରଣରୁ ମୃତଦେହ ଜବତ

ବ୍ରହ୍ମପୁର, (ସବ୍ୟୁ): ଜିଆରପି ପୋଲିସ ବ୍ରହ୍ମପୁର ରେଳଷ୍ଟେସନ ନିକଟ ଗୋଶାଣିନୁଆଗାଁ ଶିଶୁମନ୍ଦିର କଡ଼ ଦେଇ ଯାଇଥିବା ରେଳଧାରଣା ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ଜଣଙ୍କ ନିମଖଣ୍ଡି ଥାନା ଅନ୍ତର୍ଗତ ନିମଖଣ୍ଡି ଗ୍ରାମର ମହେନ୍ଦ୍ର ସାହୁ(୪୫)। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହୋଇଛି। ପରେ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ପୋଲିସ ହସ୍ତାନ୍ତର କରିଛି । ଥାନାରେ ଏସଂକ୍ରାନ୍ତରେ ୩୯/୨୬ ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି। ପ୍ରାଥମିକ ତଦନ୍ତରୁ ଟ୍ରେନରୁ ଖସି ମହେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ଘଟଣାରୁ ପ୍ରକାଶ ଯେ, ସୋମବାର ରାତ୍ର ଉକ୍ତ ରେଳଧାରଣରେ ଏକ ମୃତଦେହ ପଡିଥିବା ପୋଲିସ ଖବର ପାଇଥିଲା। ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତକଙ୍କ ପକେଟରୁ ଏକ ଆଧାର କାର୍ଡ ଓ ଏକ ଫୋନ ମିଳିଥିଲା । ପୋଲିସ ଉକ୍ତ ଫୋନରୁ ତାଙ୍କ ସମ୍ପର୍କୀୟଙ୍କୁ ଫୋନ କରିଥିଲେ। ମୃତଦେହ ଏମକେସିଜି ମେଡିକାଲ ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଥିଲା। ମଙ୍ଗଳବାର ମୃତ ଯୁବକଙ୍କ ଭଣଜା ସୋନୁ କୁମାର ସାହୁ ସେଠାରେ ପହଞ୍ଚି ମାମୁଙ୍କ ମୃତଦେହ ପୋଲିସ ଉପସ୍ଥିତିରେ ଚିହ୍ନଟ କରିଥିଲେ। ମହେନ୍ଦ୍ର ସାହୁ ବିଶାଖାପାଟଣାରେ ଏକ କମ୍ପାନୀରେ କାମ କରୁଥିବା ବେଳେ କିଛିଦିନ ତଳେ ଘରକୁ ଆସିଥିଲେ। ସେ ସୋମବାର କୋଣାର୍କ ଏକ୍ସପ୍ରେସ ଟ୍ରେନରେ ବିଶାଖାପାଟଣା ଯାଉଥିଲେ ବୋଲି ତାଙ୍କ ସମ୍ପର୍କୀୟଙ୍କ ଠାରୁ ସୂଚନା ମିଳିଛି ।

## ମହାପ୍ରୟାଣ ଗାଡ଼ିଚାଳକଙ୍କୁ ମିଳୁନି ମୌଳିକ ସୁବିଧା

ବ୍ରହ୍ମପୁର, (ସବ୍ୟୁ): ସରକାରଙ୍କ ମହାପ୍ରୟାଣ ଯୋଜନା ମାଧ୍ୟମରେ ମୃତକଙ୍କ ପରିବାରକୁ ନିଶୁଳ୍କ ଭାବେ ମରଶରୀର ପରିବହନ ସେବା ଯୋଗାଇ ଦିଆଯାଉଥିବା ବେଳେ, ଏହି ସେବା ସହ ଜଡ଼ିତ ଗାଡ଼ିଚାଳକମାନେ ନିଜେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ଉଠିଛି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ କାର୍ଯ୍ୟରତ ମହାପ୍ରୟାଣ ସେବା ଗାଡ଼ିଚାଳକମାନଙ୍କ ପାଇଁ ବିଶ୍ରାମ ନେବାକୁ କୌଣସି ସ୍ଥାୟୀ ବ୍ୟବସ୍ଥା ନଥିବାରୁ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗାଡ଼ି ଚାଳକମାନେ ଗଞ୍ଜାମ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଦିନରାତି ୨୪ ଘଣ୍ଟା ସେବା ଯୋଗାଇବାକୁ ପଡୁଥିବା ଏହି ଚାଳକମାନେ ଖୋଲା ଆକାଶ ତଳେ କିମ୍ବା ଗାଡ଼ି ଭିତରେ ବିଶ୍ରାମ ନେବାକୁ ବାଧ ହେଉଛନ୍ତି। ବିଶ୍ରାମ କକ୍ଷ, ପିଇବା ପାଣି, ଶୌଚାଳୟ ଏବଂ ବସିବା ପାଇଁ ଉପଯୁକ୍ତ ସ୍ଥାନ ଭଳି ସୁବିଧା ମଧ ସେମାନଙ୍କ ପାଇଁ ଉପଲବ୍ଧ ନଥିବା ଚାଳକମାନେ ଅଭିଯୋଗ କରିଛି। ଦୂରଦୂରାନ୍ତରୁ ଆସୁଥିବା ମରଶରୀରକୁ ନେଇ ରାତିଦିନ କାମ କରୁଥିଲେ ମଧ ସେମାନଙ୍କ ସମସ୍ୟା ପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ ବୋଲି ସେମାନେ ଦାବି କରିଛନ୍ତି ।

## ଭଞ୍ଜପୁର ପୋଲିସ ଜାଲରେ ଦୁର୍ଦ୍ଦାନ୍ତ ମୋବାଇଲ ଲୁଟେରା

# ୨୪ ଘଣ୍ଟା ମଧ୍ୟରେ ୨ ଅଭିଯୁକ୍ତ କୋର୍ଟ ଚାଲାଣ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଦିନ ଦ୍ୱିପ୍ରହରରେ ଘଟିଥିବା ମୋବାଇଲ ଛିନତାଇ ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଚିନ୍ତା ଦେଖାଦେଇଥିବା ବେଳେ, ଭଞ୍ଜପୁର ପୋଲିସ କଡା ପଦକ୍ଷେପ ନେଇ ଦୁଇ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଦିନ ଦ୍ୱିପହରରେ ମୋବାଇଲ ଲୁଟ ଘଟଣା ବାରିପଦା ବାସୀଙ୍କ ମନରେ ପୋଲିସ ପରିବାପଣିଆ ପ୍ରତି ପ୍ରଶ୍ନ ଉଠିଥିବା ବେଳେ ପୁଣି ମୋବାଇଲ୍ ଲୁଟ ଘଟଣାରେ ବଡ଼ ପଦକ୍ଷେପ ନେଇ ଦୁଇ ଚୋରଙ୍କୁ ଧରିବାରେ ସକ୍ଷମ ହୋଇଛି ଭାଞ୍ଜପୁର୍ ପୋଲିସ। ସୂଚନାଯୋଗ୍ୟ ଜୁନ୍ ୧୫ ତାରିଖ ମଧ୍ୟାହ୍ନ ସମୟରେ କୁଣ୍ଡେଇ ଅଞ୍ଚଳର ଧନଞ୍ଜୟ ମହାନ୍ତି ନିଜ ବନ୍ଧୁଙ୍କ ସହ ଯାଉଥିବା ସମୟରେ ବାରିପଦା ଭଞ୍ଜପୁର ଥାନା ଅଞ୍ଚଳରେ ଚଳନ୍ତା ଗାଡ଼ିରୁ ତାଙ୍କ ଭିବ ମୋବାଇଲ୍ ଫୋନକୁ ଦୁଇ ଜଣ ଦୁର୍ବୃତ୍ତ ଛିନତାଇ କରି ଫେରାର୍ ହୋଇଯାଇଥିଲେ। ଅଭିଯୁକ୍ତମାନେ କଳା ରଙ୍ଗର ପଲ୍ସର–୧୫୦ ବାଇକ୍ ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଘଟଣା ପରେ ଭଂଜପୁର୍ ଥାନାରେ ଲିଖିତ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଭଞ୍ଜପୁର ପୋଲିସ ଏହି ଘଟଣାର ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ୍‌ର ଆଇଏମ୍‌ଇଆଇ ଟ୍ରାକିଂ, ବାଇକ୍ ନମ୍ବର ଯାଞ୍ଚ ଓ ଟେକ୍ନିକାଲ୍ ତଦନ୍ତକୁ ଆଧାର କରି ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିଛି। ପରେ ଦୁହେଁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ଭଞ୍ଜପୁର ପୋଲିସର ଦ୍ରୁତ ତଦନ୍ତ ଓ ଆକ୍ସନ୍‌କୁ ସାଧାରଣରେ ପ୍ରଶଂସା କରାଯାଉଛି। ଅନେକଙ୍କ ମତରେ, ଅପରାଧୀ ଯେତେ ଚତୁର ହେଉନାହିଁ, ଆଇନର ହାତରୁ ବଞ୍ଚି ପାରିବେ ନାହିଁ ବୋଲି ଏହି ଘଟଣା ପୁଣିଥରେ ପ୍ରମାଣ କରିଦେଇଛି। ପୋଲିସ ପକ୍ଷରୁ ସାଧାରଣ ଲୋକଙ୍କୁ ଯାତାୟାତ ସମୟରେ ସତର୍କ ରହିବା ସହ କୌଣସି ସନ୍ଦେହଜନକ ଗତିବିଧି ଦେଖିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି।

## ସରସ୍ୱତୀ ବିଦ୍ୟାମନ୍ଦିର ନୀଳକଣ୍ଠନଗରର ରଜ ଉତ୍ସବ



ବ୍ରହ୍ମପୁର, (ସବ୍ୟୁ): ନୀଳକଣ୍ଠନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିସର ମଧ୍ୟରେ ରଜ ଉତ୍ସବ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ଦଶମ, ଯୁକ୍ତ ୨ ଏବଂ ୩ ଛାତ୍ରୀମାନେ ଯୋଗ ଦେଇ ରଜ ସହିତ କଳା ଓ ସଂସ୍କୃତିର ବାର୍ତ୍ତା ଦେଇ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ବିଶ୍ୱଶାନ୍ତି ପାଇଁ କାମନା କରିଥିଲେ। ମ୍ୟୁଜିକ୍ ଚେୟାର, ଦୋଳି, ଅଳତା ଏବଂ ରଜପାନ, ରଜଗୀତର ମହକରେ ପ୍ରାୟ ତିନି ଶହ ଛାତ୍ରୀ ଏକ ଆନନ୍ଦମୟ ପରିବେଶରେ ଉତ୍ସାହ ଭରିଦେଇଥିଲେ। ଗୀତ ନୃତ୍ୟ ସହିତ କୁଇଜ୍ କାର୍ଯ୍ୟକ୍ରମ, ପ୍ରତିଦ୍ୱନ୍ଦିତାରେ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମକୁ ଆହୁରି ମଧୁର ଏବଂ ମନମୋହକ କରିପାରିଥିଲା। ଛାତ୍ରୀମାନେ ସେମାନଙ୍କର ବକ୍ତୃତା କଳା, ଅଭିନୟ କଳା ଦ୍ୱାରା ସମସ୍ତଙ୍କ ମନକୁ ଆଧ୍ୟାତ୍ମିକତା ଏବଂ ଦେଶପ୍ରେମରେ ବାନ୍ଧି ଦେଇଥିଲେ। କାର୍ଯ୍ୟକ୍ରମକୁ ସଚ୍ଚିଦାନନ୍ଦ ପୁରୋହିତ, ବୃନ୍ଦାବନ ସାହୁ, ଜୟନ୍ତ ଆଚାର୍ଯ୍ୟ, ଦଣ୍ଡପାଣି ଆଚାରୀ, ସୁଶ୍ରୀ ବିଘ୍ନେଶ୍ୱରୀ ସାହୁ ଓ ଶ୍ରୀମତୀ ନିର୍ମଳା ତ୍ରିପାଠୀ ପରିଚାଳନା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଏସ୍.ମୋହନ ରାଓ ରଜର ଉତ୍ସବ ପାଳନର ମହତ୍ତ୍ୱ ଉପରେ ଛାତ୍ରୀମାନଙ୍କୁ ସମ୍ୟକ ଧାରଣା ଦେଇଥିଲେ। ଶେଷରେ ରଜ କୁଇନ୍ ବଛାଯିବା ସହ ପିଲାମାନଙ୍କୁ ଓଡ଼ିଶାର ପାରମ୍ପରିକ ଖାଦ୍ୟ କ୍ଷିରୀ ଏବଂ କାକରା ପରିବେଷଣ କରାଯାଇଥିଲା।

# ଜିଲ୍ଲାରେ ଶିଶୁ ଶ୍ରମ ନିରାକରଣ ସଚେତନତା ରାଲି

ଅନୁଗୋଳ, (ସବ୍ୟୁ): ଶିଶୁ ଶ୍ରମ ଉଚ୍ଛେଦ ଓ ଶିଶୁ ସୁରକ୍ଷା ଗଠନ ଲକ୍ଷ୍ୟରେ ଜିଲ୍ଲାରେ ଚାଲିଥିବା ୧୫ ଦିନିଆ ଅଭିଯାନରେ ଏକ ଶିଶୁ ଶ୍ରମ ନିରାକରଣ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ରାଲିକୁ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଏବଂ ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା ମିଳିତ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିଶୁ ଶ୍ରମ ନିରାକରଣ, ଶିଶୁମାନଙ୍କ ଅଧିକାର ସୁରକ୍ଷା, ଶିକ୍ଷାର ଅଧିକାର ଏବଂ ସେମାନଙ୍କ ସାମଗ୍ରିକ କଲ୍ୟାଣ ସମ୍ପର୍କରେ ସାଧାରଣ ଜନତାଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ହିଁ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ପ୍ରଭାଗୀୟ ଶ୍ରମ



ଆୟୁକ୍ତ ଇତିଶ୍ରୀ ଗାଗରାଇ, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଦେବ ପ୍ରସାଦ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ଏବଂ ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଇଲ୍ଡ ଲାଇନର ଅଧିକାରୀବୃନ୍ଦ, ସହକାରୀ ଶ୍ରମ ଅଧିକାରୀଗଣ, ଶ୍ରମ ବିଭାଗର କର୍ମଚାରୀ ଏବଂ ଜିଲ୍ଲାର ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା ରାଲିଟି ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ପୁରୁଣା ଅଫିସ୍ ପରିସରରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସ୍ଥାନୀୟ ମାର୍କେଟ୍ ପରିକ୍ରମା କରି ଜଗନ୍ନାଥ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା।

### ୧୪ ବର୍ଷ ଧରି ଅଚଳ ହୋଇପଡିଛି ଉଠାଜଳସେଚନ ପ୍ରକଳ୍ପ

# ହଜାର ହଜାର ଚାଷୀ ପ୍ରଭାବିତ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ସଦରବ୍ଲକ ଭାପୁର ପଞ୍ଚାୟତ ବେଗୁନିଆ ପାଳ ଗ୍ରାମରେ ଥିବା ଉଠାଜଳସେଚନ ପ୍ରକଳ୍ପଟି ୧୪ବର୍ଷ ଧରି ବନ୍ଦ ହୋଇପଡିଛି। ପନିପରିବାର ପେଣ୍ଠସ୍ଥଳ ଭାବରେ ପରିଚିତ ବେଗୁନିଆପାଳର ଚାଷୀ ମାନେ ପାଣି ଅଭାବରୁ ଚାଷ କରିପାରୁନାହାଁନ୍ତି। ଦିର୍ଘ ଦିନ ଧରି ବନ୍ଦ ଥିବା ପ୍ରକଳ୍ପକୁ ସଚଳକରିବାରୁ ଗ୍ରାମବାସୀ ସରକାରଙ୍କ ନିକଟରେ ଦାବୀ କରିଛନ୍ତି। କୃଷି ଓ କୃଷକଙ୍କ ଉନ୍ନତି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଯୋଜନା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏହି ଯୋଜନାର ସଫଳତା ସାଧାରଣ ଲୋକମାନେ ପାଉନଥିବାର ଜଣାପଡିଛି। ସରକାରୀ ଅଧିକାରୀ ଓ ଜନପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ ଯୋଜନାର ସଫଳ କାର୍ଯ୍ୟକାରିତା ହୋଇପାରୁନାହିଁ। ଫଳରେ ଗାଁରେ ରହିଥିବା ହଜାର ହଜାର ଚାଷୀ ଏହାର ସୁଫଳ ପାଇପାରୁନଥିବାର ଜଣାପଡିଛି। ଢେଙ୍କାନାଳ ସଦର ବ୍ଲକ ଭାପୁର ପଞ୍ଚାୟତର ବେଗୁନିଆପାଳ



ଗ୍ରାମରେ ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି। ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ନିର୍ମାଣ ହୋଇଥିବା ଉଠା ଜଳସେଚନ ପ୍ରକଳ୍ପ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିବାରୁ ଚାଷୀମାନେ ଚାଷ ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜମିକୁ ଆବଶ୍ୟକ ପରିମାଣର ପାଣି ନ ମିଳିବାରୁ ପନିପରିବା, ଡାଲିଜାତୀୟ ଫସଲ ଓ ଅନ୍ୟାନ୍ୟ ରବି ଫସଲ ଚାଷ ପ୍ରଭାବିତ ହେଉଛି। ଭାପୁର ପଞ୍ଚାୟତ ବେଗୁନିଆପାଳ ଗ୍ରାମର ୨ଶହରୁ ଅଧିକ ପରିବାର ଚାଷ କାର୍ଯ୍ୟ ଉପରେ ନିର୍ଭରଶୀଳ ହୋଇଥିବା ବେଳେ ସେମାନଙ୍କର ରୋଜଗାର ପରିବାର ପ୍ରତି ପୋଷଣର ଉତ୍ସ ହେଉଛି ଚାଷ। ବେଗୁନିଆପାଳ ଓ ଏହାର ଆଖ ପାଖ ଅଞ୍ଚଳର ୫ଶହ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମିରେ ଚାଷ କାର୍ଯ୍ୟ ହୋଇଥାଏ। ଚାଷୀମାନେ ଧାନ ଚାଷ ସମେତ କୋବି, ବାଇଗଣ , ପୋଟଳ, କାକୁଡ଼ି, ଲଙ୍କା, ବନ୍ଧାକୋବି, ବିନ, ଫୁଲକୋବି, ପିଆଜ, ରେଣ୍ଡି, ଝୁଡ଼ଙ୍ଗ, ଜହ୍ନି, କଲରା, ଆଦି ପନିପରିବା ଚାଷ କରନ୍ତି। ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୧୯୯୦ ମସିହାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଏହାଦ୍ୱାରା ଗ୍ରାମର ସମସ୍ତ ଚାଷୀ ଉପକୃତ ହେଉଥିଲେ। ଏହି ପ୍ରକଳ୍ପ ଦ୍ୱାରା ବର୍ଷତମାମ ଚାଷୀମାନେ ଜମିକୁ ପାଣି ପାଉଥିଲେ। ବାରମାସୀ ଫସଲ ଉତ୍ପାଦନ କରୁଥିଲେ। ୨୦୧୨ ମସିହାରେ ଉଠା ଜଳସେଚନ ପ୍ରକଳ୍ପର ମୋଟରଟି ଚୋରି ହୋଇଯାଇଥିଲା। ତତ୍କାଳୀନ ପୂର୍ବତନ ବିଧାୟକ ନବୀନ ନନ୍ଦ ନିଜସ୍ୱ ପାଣ୍ଠିରୁ ନୂଆ ମଟର ଯୋଗାଇ ଦେଇଥିଲେ। ଚାଷୀମାନଙ୍କ ଜମିକୁ ଯେପରି ପାଣି ସୁବିଧାରେ ଯାଇପାରିବ ସେଥିନିମନ୍ତେ କାଡ଼ା କେନାଲ ବ୍ୟବସ୍ଥା ଓ ଚେକ୍ ଡ୍ୟାମ୍ ନିର୍ମାଣ ହୋଇଥିଲା। ମାତ୍ର ଉଠା ଜଳସେଚନ ପ୍ରକଳ୍ପଟି ଅଚଳ ହୋଇ ପଡ଼ିଥିବାରୁ କେନାଲ ଓ ଚେକ୍‌ଡ୍ୟାମ୍ ଶୁଖିଲା ପଡ଼ି ରହିଛି। ଚାଷୀମାନେ ନିଜ ଜମିକୁ ପାଣି ଯୋଗାଇ ପାରୁନାହାନ୍ତି। ଫଳରେ ଅନେକ ଚାଷ ଜମି ପଡ଼ିଆ ପଡ଼ିଥିବା ବେଳେ କିଛି ଚାଷୀ ବାଧ ହୋଇ ବ୍ୟକ୍ତିଗତ ଭାବେ ମୋଟର ଓ ବୋରୱେଲ୍ ଖୋଳି ଚାଷ କାର୍ଯ୍ୟ କରୁଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁସାରେ ଚାଷୀଙ୍କ ସୁବିଧା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରିଥିଲେ। ମାତ୍ର ରକ୍ଷଣା ବେକ୍ଷଣ ଅଭାବ,ବିଦ୍ୟୁତ୍ ବିଲ୍ ଓ ବୈଷୟିକ ତ୍ରୁଟି ଯୋଗୁଁ ପ୍ରକଳ୍ପଟି ବର୍ତ୍ତମାନ ଅଚଳ ହୋଇପଡ଼ିଛି। ଏନେଇ ବାରମ୍ବାର ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ଏପରିକି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କିମ୍ବା ଅନ୍ୟ ଯନ୍ତ୍ରୀମାନେ ଗ୍ରାମକୁ ଆସି ଜଳସେଚନ ପ୍ରକଳ୍ପର ବାସ୍ତବ ସ୍ଥିତି ଦେଖୁ ନାହାନ୍ତି। ପ୍ରକଳ୍ପ ଅଚଳ ଯୋଗୁ ଚାଷଜମି ଶୁଖିଲା ପଡ଼ିଛି। ପାଣି ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବେଳେ ଚାଷୀ ସୁବାସ ଖଟୁଆ,ନଟବର ଖଟୁଆ,ଟୁକୁ ଖଟୁଆଙ୍କ ସମେତ ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପର ତୁରନ୍ତ ମରାମତି କରା ନଗଲେ ଆଗାମୀ ଦିନରେ କୃଷି ଉତ୍ପାଦନ ଅଧିକ ପ୍ରଭାବିତ ହେବ ବୋଲି ଜଣାପଡିଛି। ଏ ସଂପର୍କରେ ଢେଙ୍କାନାଳ ଉଠାଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ତରାଇଙ୍କୁ ଯୋଗାଯୋଗ ଉଦ୍ୟମ କରାଯାଇଥିବା ବେଳେ ସମ୍ଭବ ହୋଇନାହିଁ।

# ୫ଦିନ ହେବ ବିଜୁଳି ନାହିଁ, କାଇମାଟିରେ ରାସ୍ତାରୋକ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ କାଇମାଟି ଅଞ୍ଚଳରେ ଗତ ୫ ଦିନ ଧରି ବିଦ୍ୟୁତ୍ ସେବାବ୍ୟାହତ ହୋଇଛି। ଏହାକୁ ତିବ୍ର ବିରୋଧ କରି କାଇମାଟି ଠାରେ ସ୍ଥାନୀୟ ଲୋକ ରାସ୍ତାରୋକ କରିବା ଫଳରେ ଯୋରନ୍ଦା ସହିତ ଗଁଦିଆ ଅଞ୍ଚଳକୁ ଯାତାୟତରେ ବାଧା ସୃଷ୍ଟି ହୋଇଛି। କାଇମାଟି ଅଞ୍ଚଳରେ ସାଧାରଣତଃ ପତ୍ର ହଲିଲେ ଟାଟା ପାୱାର ବିଦ୍ୟୁତ କାଟ କରୁଛି । ଗତ ୫ ଦିନ ଧରି ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ନଥିବା ଯୋଗୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାଳବୈଶାଖୀ ପାଇଁ ପାଞ୍ଚ ଦିନ ହେବ ୧୦ଟି ଗାଁରେ ନାହିଁବିଜୁଳି ନାହିଁ। ଫଳରେ ସଦର ଥାନା ଅନ୍ତର୍ଗତ କାଇମାଟି ନିକଟରେ ରାଜରାସ୍ତା ଉପରେ ଗଛ ଡ଼ାଳ ପକାଇ ରାସ୍ତାରୋକ କରିଥିଲେ। କାଇମାଟି ଓ ବେଲଟିକିରି ପଞ୍ଚାୟତର ପ୍ରାୟ ୧୦ଟି ଗ୍ରାମର ଗ୍ରାମବସୀ ଏହି ରାସ୍ତା ଅବରୋଧ କରିଥିଲେ। ବିଦ୍ୟୁତ୍ ବିଭାଗର ଚରମ ଅବହେଳା ପାଇଁ ବିଦ୍ୟୁତ୍ ସେବା ପାଇବାରୁ ଲୋକେ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହି ଅଞ୍ଚଳ ଗୁଡିକ ହାତୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଅନ୍ଧାରରେ ଯାତାୟାତ କରିବା ଦ୍ୱାରା ଜୀବନ ପ୍ରତି ବିପଦ ରହୁଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଦିନ ଦିନ ଧରି ଲାଇନ ନଥିବା ବେଳେ ଦିନ ୪ଟାରୁ ହାତୀ ମାନେ ରାସ୍ତା ଉପରୁ ଚାଲିଆସିବା ସହିତ ଗ୍ରାମ ଭିତରେ ଚଳପ୍ରଚଳ କରୁଛନ୍ତି। କାଇମାଟି ଠାରୁ ଓଏସ୍ଏପି ବାଟାଲିୟନ ପର୍ଯ୍ୟନ୍ତ ସକାଳ ୭ଟା ପର୍ଯ୍ୟନ୍ତ ହାତୀମାନେ ଚଳପ୍ରଚଳ କରୁଛନ୍ତି। ବନବିଭାଗ ଘଟଣା ପ୍ରତି କର୍ଣ୍ଣପାତ କରୁନଥିବା ବେଳେ ବିଦ୍ୟୁତ୍ ବିଭାଗ ମଧ୍ୟ ନିଦା ବିଷ୍ଣୁ ସାଜିଛି। ଏହାକୁ ବିରୋଧ କରି ସ୍ଥାନୀୟ ଲୋକାମାନେ କାଇମାଟି ଠାରେ ଢେଙ୍କାନାଳ-ଯୋରନ୍ଦା ଏବଂ କପିଳାସ ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ଟାଟାପାୱାରର କର୍ମକର୍ତ୍ତା ଏବଂ ତହସିଲଦାର ସ୍ୱାଧିନ କୁମାର ବେହେରା ସେଠାରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା।

## ଘରୁ ନେଇଗଲେ ବାଇକ୍

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ନକୁଳ ବେହେରାଙ୍କ ଏକ ବାଇକ୍ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ବାଇକ ନମ୍ବର (ଓଆର ୧୯ ଡି ୩୫୫୫) ମଙ୍ଗଳବାର ସକାଳେ ତାଙ୍କ ଘରୁ ଚୋରୀ ହୋଇଯାଇଥିବା ତାଙ୍କ ପୁଅ ସତ୍ୟସୁନ୍ଦର ବେହେରା ବଇଣ୍ଡା ଫାଣ୍ଡି ରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ ସେ ଘରେ ବାଇକଟି ରଖିଥିବା ବେଳେ କେହି ତାଲା ଭାଙ୍ଗି ବାଇକକୁ ଚୋରୀ କରି ନେଇଯାଇଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ବଇଣ୍ଡାରେ ଜନ ଶୁଣାଣି କାର୍ଯ୍ୟକ୍ରମ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ସଭାଗୃହ ପରିସରରେ ମଙ୍ଗଳବାର ଦିନ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କିଶୋରନଗର ବିଡିଓ ଶୁଭକାନ୍ତ ନାୟକ ଯୋଗ ଦେଇ ସମସ୍ତ ଅଭିଯୋଗ ଗୁଡିକ ଶୁଣାଣୀ କରିବା ସହ କିପରି ଶୀଘ୍ର ସମାଧାନ ହେବ ସେନେଇ ବିଭାଗୀୟ ଅଧିକାରୀ ମାନଙ୍କୁନିର୍ଦ୍ଦେଶ ଦେଇଥିଲେ। ଏଥିରେ ଗାଁ ବଇଣ୍ଡା ସରପଞ୍ଚ ସସ୍ମିତା ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପ୍ରଧାନ, ଯୋଗାଣ ବିଭାଗ ଅଧିକାରୀ ସରୋଜ କୁମାର ପ୍ରଧାନ, ମନୋରଞ୍ଜନ ପ୍ରଧାନ, ସୁଜିତ କୁମାର ପ୍ରଧାନ, ଯଶୋବନ୍ତ ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ବ୍ରାଉନସୁଗର, ୧୫ଲକ୍ଷ ଟଙ୍କା ଜବତ, ୫ ଗିରଫ




ଅନୁଗୋଳ, (ସବ୍ୟୁ): ଜିଲ୍ଲାରେ ନିଶା କାରବାର ବିରୋଧରେ ଅନୁଗୋଳ ପୋଲିସକୁ ବଡ଼ ସଫଳତା ମିଳିଛି । ଛେଣ୍ଡିପଦା ପୋଲିସ ଓ ଜିଲ୍ଲା ସ୍ପେଶାଲ୍ ସ୍କ୍ୱାର୍ଡର ମିଳିତ ଚଢ଼ାଉରେ ବ୍ରାଉନସୁଗାର ଚାଲାଣ କରୁଥିବା ୫ ଜଣଙ୍କୁ ଗିରଫ କରାଯାଇଛି। ଘଟଣା ସ୍ଥଳରୁ ୧୧.୫୯୦ ଗ୍ରାମ ବ୍ରାଉନସୁଗାର, ନଗଦ ୧୫,୩୭୦ ଟଙ୍କା, ମୋବାଇଲ୍ ଫୋନ୍ ଏବଂ ଏକ ରୟାଲ ଏନଫିଲଡ ବାଇକ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପାପୁନ୍ ସାହୁ (କୋଶଳା), ସନ୍ଦୀପ ପ୍ରଧାନ (କଂଶନାଳି), ଦୀପକ ପ୍ରଧାନ, କାଜଲ ପରୱିନ୍ ଓ କୁରେଶା ବିବି (ଅନୁଗୋଳ) । ଏମାନଙ୍କ ମଧ୍ୟରୁ କାଜଲ ଓ କୁରେଶା ଡ୍ରଗସ୍ ଯୋଗାଣକାରୀ ଭାବେ କାର୍ଯ୍ୟ କରୁଥିଲେ । ଛେଣ୍ଡିପଦା ଥାନାର ଥାନା ଅଧିକାରୀ ଇନ୍ସପେକ୍ଟର ଦିଗବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଛେଣ୍ଡିପଦା ଥାନାର ଏସ୍.ଆଇ. ଜଗଦୀଶ ଜେନା ମାମଲାର ତଦନ୍ତ କରୁଛନ୍ତି । ପୋଲିସର ଏଭଳି କଠୋର ଆଭିମୁଖ୍ୟ ଯୋଗୁଁ ଅଞ୍ଚଳର ଡ୍ରଗସ୍ ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ସ୍ୱାଧୀନତା ସଂଗ୍ରାମୀ ଦାଶରଥି ପାଣିଙ୍କ ୧୧୬ତମ ଜୟନ୍ତୀ

କଣିହାଁ, (ସବ୍ୟୁ): କଣିହାଁ ବ୍ଲକ ବିଜିଗୋଳସ୍ଥ ଦାଶରଥି ପାଣି ସ୍ମୃତି ଟ୍ରଷ୍ଟ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ଦାଶରଥି ପାଣୀଙ୍କ ୧୧୬ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ବିଜିଗୋଳ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ ଠାରେ ସ୍ମୃତି ଟ୍ରଷ୍ଟର ସଭାପତି ଦୁଃଶାସନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଦିବସରେ ମୁଖ୍ୟ ଅତିଥି ଭାବରେ ଶିଶୁ ସାହିତ୍ୟିକ ନିର୍ଭୟ କୁମାର ପାଣି, ସମ୍ମାନିତ ଅତିଥି ଭାବରେ ବିଜିଗୋଳ ସରପଂଚ ରୁକ୍ମିଣୀ ପ୍ରଧାନ, ସମାଜସେବୀ ଶିବ ପ୍ରସାଦ ରାଉତ, ଶ୍ରମିକ ନେତା ସୁଲେନ ଧର, ଅନିରୁଦ୍ଧ ପାଣି, ଦୀପକ ପରିଡା, ପିଣ୍ଟୁ ସାହୁ, ମଞ୍ଜୁଲତା ସାହୁ, ଜିତେନ୍ଦ୍ର ସାହୁ, ହେମନ୍ତ ପ୍ରଧାନ, ପଞ୍ଚାନନ ଧର, ହୃଶିକେଶ ସାହୁ ପ୍ରମୁଖ ଯୋଗଦେଇ ପଞ୍ଚାୟତ ପରିଷରରେ ଥିବା ସଂଗ୍ରାମୀ ଦାଶରଥି ପାଣି ଓ ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ । ଭାଷଣ ପ୍ରସଙ୍ଗରେ ଅତିଥିଗଣ ଆଜିର ଯୁବ ସମାଜ ସଂଗ୍ରାମୀ ଦାଶରଥି ପାଣିଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଦେଶ ତଥା ରାଜ୍ୟର ବିକାଶ ହୋଇପାରନ୍ତା ବୋଲି ମତବ୍ୟକ୍ତ କରିଥିଲେ । ଟ୍ରଷ୍ଟର ସଂପାଦକ ତଥା ଦାଶରଥି ପାଣିଙ୍କ ନାତି ସ୍ମୃତିରଂଜନ ପାଣି ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ପାଠାଗାର ନିର୍ମାଣ ତଥା ସେମାନଙ୍କ ଆଦର୍ଶ ପ୍ରଚାର ପ୍ରସାର ନିମିତ୍ତ ସରକାର ଓ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି କରିଥିଲେ। ସଭାରେ ଟ୍ରଷ୍ଟର ସଭ୍ୟ ସୁଧାଂଶୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରାଘାତରେ ଚାଷୀଙ୍କ ମୃତ୍ୟୁ

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଗୋରଡିଆ ଗ୍ରାମର ଜଣେ ଚାଷୀ ବଜ୍ରାଘାତରେ ମୃତ୍ୟୁ ବରଣ କରିଥିବା ଅଭିଯୋଗ ହୋଇଛି । ପ୍ରକାଶ ଥାଉ ଯେ ଗୋରଡିଆ ଗ୍ରାମର ସୁଶାନ୍ତ କୁମାର ସେଠୀ ମଙ୍ଗଳବାର ଅପରାହ୍ନରେ ଗାଁ ନିକଟରେ ଥିବା ବିଲକୁ କାମ କରିବାକୁ ଯାଇଥିଲା । ଫଳରେ ସେଠାରେ ସେ ବଜ୍ରାଘାତର ଶୀକାର ହୋଇଥିଲେ । ବିଲରେ ନିସ୍ତେଜ ଅବସ୍ଥାରେ ପଡିଥିବାର ଦେଖି ପରିବାର ଲୋକେ ତୁରନ୍ତ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ । ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଛନ୍ତି । ଜଣେ ଚାଷୀ ହିସାବରେ ସେ ଗାଁରେ ବେଶ ପରିଚିତ ଥିବାବେଳେ ତାଙ୍କର ଏହି ଆକସ୍ମାତ ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସରକାରଙ୍କ ତରଫରୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

## ଧର୍ମପ୍ରାଣାୟ ହୃଦାନନ୍ଦ ମିଶ୍ରଙ୍କ ପରଲୋକ

ଅନୁଗୋଳ, (ସବ୍ୟୁ): ଅନୁଗୋଳ ସହର ଉପକଣ୍ଠ ସୁଷୁଡ଼ା (ସୋମନାଥପୁର) ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା ସମାଜସେବୀ ହୃଦାନନ୍ଦ ମିଶ୍ର (୭୫) ଙ୍କ ଆଜି ଭୁବନେଶ୍ୱରର ଏକ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ମିଶ୍ର ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ଅବସର ଗ୍ରହଣ କରିବା ପରେ ଧର୍ମ ଓ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସେ ଜଣେ ବନ୍ଧୁବତ୍ସଳ, ମେଳାପୀ, ଦରଦୀ, ସ୍ନେହୀ ବ୍ୟକ୍ତି ଥିଲେ। ତାଙ୍କର ପରଲୋକରେ ଅନୁଗୋଳ ସହର ଓ ସୁଷୁଡ଼ା ଗ୍ରାମରେ ଶୋକର ଛାୟା ଖେଳି ଯାଇଛି। ଅନୁଗୋଳର ବରିଷ୍ଠ ଆଇନଜୀବୀ ଡ଼ଃ ପରମାନନ୍ଦ ମିଶ୍ରଙ୍କ ସେ ଜ୍ୟୋଷ୍ଠ ଭ୍ରାତ। ଥିଲେ। ସ୍ୱର୍ଗତ ହୃଦାନନ୍ଦ ମିଶ୍ରଙ୍କ ପରଲୋକରେ ଅନୁଗୋଳ ଜିଲ୍ଲା ବରିଷ୍ଠ ନାଗରିକ ମହାମଞ୍ଚର ସଭାପତି ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ ଗଭୀର ଶୋକ ପ୍ରକାଶ କରିବା ସହିତ ସ୍ୱର୍ଗତ ମିଶ୍ରଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

# ତାଳଚେରକୁ ଛୁଇଁଲା ମୌସୁମୀ

ତାଳଚେର, (ସବ୍ୟୁ): ଶିଳ୍ପ ନଗରୀ ତାଳଚେର ଏକ ଉତ୍ତପ୍ତ ଓ ଧୂଳି ଧୂସର ପ୍ରଦୂଷିତ ଅଞ୍ଚଳ ଭାବେ ପରିଗଣିତ । ଏଭଳି ଏକ ଅଞ୍ଚଳକୁ କିଛି ବିଳମ୍ବରେ ହେଲେ ମଧ୍ୟ ଆଜି ଅପରାହ୍ନ ସମୟରେ ଦୀର୍ଘ ସମୟ ବ୍ୟାପି ଅସରାଏ ମୌସୁମୀ ବର୍ଷା ହୋଇଯାଇଛି । ଏଠାରେ ଦୀର୍ଘ ଦିନ ହେବ ଅସହନୀୟ ମୁଣ୍ଡ ଫଟା ଟାଣ ଖରା ସାଙ୍ଗକୁ ଭୀଷଣ ଗୁଳୁଗୁଳି ଜନ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିଲା। ମାତ୍ର ଆଜିର ଏହି ମୌସୁମୀ ବର୍ଷା ଜୀବ ଜଗତକୁ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି । କିନ୍ତୁ ଗୁଳୁଗୁଳି ପିଛା ଛାଡୁନାହିଁ। ଅପରପକ୍ଷେ ଦେଖିବାକୁ ଗଲେ ଦୀର୍ଘ ଦିନ ହେବ ଶୁଖିଲା ପଡ଼ିଥିବା ମାଟି ଏବେ ଚାଷ ଉପଯୋଗୀ ହୋଇଛି ଓ ଝାଉଁଳି ପଡ଼ିଥିବା ବୃକ୍ଷଲତା ଆଜି ସତେଜ ଅବସ୍ଥାକୁ ଆସିଥିବା ଦେଖିବାକୁ ମିଳିଛି। ଆକାଶକୁ କଳାହାଣ୍ଡିଆ ବାଦଲ ଢାଙ୍କି ରହିଥିବା ବେଳେ ସତେ ଯେପରି ଧରିତ୍ରୀ ମା ମୁହଁରେ ହସ ଫୁଟିଲା ଭଳି ଅବସ୍ଥା ଦେଖା ଦେଇଛି। ଆଗାମୀ ଦିନରେ ଏହି ମୌସୁମୀ ବର୍ଷା ନିୟମିତ ହେବ କି ବ୍ୟତିକ୍ରମ ଦେଖାଦେବ ତାହା ଆଗାମୀ ଦିନର ସମୟ କହିପାରିବ ବୋଲି କୁହାଯାଉଛି ।

# ସାନ ଭାଇ ଆଗରେ ବଡଭାଇର ମୃତ୍ୟୁ

ବଅଁରପାଳ, (ସବ୍ୟୁ) : କଟକ- ସମ୍ବଲପୁର ୫୫ନମ୍ବର ଜାତୀୟ ରାଜପଥ ବଅଁରପାଳ ଠାରୁ ବଇଣ୍ଡା ପର୍ଯ୍ୟନ୍ତ ଦୁର୍ଘଟଣା ଏକ ନିତିଦିନିଆ ଘଟଣା ହୋଇ ଗଲାଣି । ବେପରୁଆ ଗାଡ଼ି ଚାଳନା ଯୋଗୁଁ ପ୍ରତିଦିନ ନିରିହ ଲୋକମାନେ ମୃତ୍ୟୁବରଣ କରୁଛନ୍ତି । ଅନୁଗୋଳ ପରିବହନ ବିଭାଗ ଓ ଜିଲ୍ଲା ପ୍ରଶାସନ ଦୁର୍ଘଟଣା ହ୍ରାସ ପାଇଁ କୌଣସି ପଦକ୍ଷେପ ନେଉନଥିବାରୁ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି ବୋଲି ଅଭିଯୋଗ ହେଉଛି । ସାନ ଭାଇ ଦେଖୁଛି ବଡ଼ ଭାଇର ମୃତ୍ୟୁ, ଏଭଳି ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟି ଯାଇଛି ବଡକେରା ଛକଠାରେ। ବଡକେରାର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଧରଣୀଧର ସାହୁଙ୍କ ପୁଅ ଅଭିରାମ ସାହୁ (୨୨) ସନ୍ଧ୍ୟାରେ ବଡକେରା ଛକ ବଜାରରୁ ଗୁପଚୁପ କିଣି ରାସ୍ତା ପାରି ହେଉଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କା ମାରି ଦ୍ରୁତ ଗତିରେ ଅନୁଗୋଳ ଆଡକୁ ପଳାଇ ଯାଇଥିଲା । ନିକଟରେ ଛିଡ଼ା ହୋଇ ସାନ ଭାଇ ଏହି ହୃଦୟ ବିଦାରକ ଦୃଶ୍ୟ ଦେଖି ଲୋକଙ୍କୁ ସାହାଯ୍ୟ କରିବାକୁ ଡାକି ଥିଲେ। ସ୍ଥାନୀୟ ଲୋକମାନେ ଅଭିରାମକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଅଭିରାମ ମୃତ୍ୟୁବରଣ କରିଥିଲେ । ତାଙ୍କର ଏହି ଅକାଳ ବିୟୋଗରେ ବଡକେରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘଟଣା ସମ୍ପର୍କରେ ସୂଚନା ପାଇ ସ୍ଥାନୀୟ ପୋଲିସ ତଦନ୍ତ କରୁଛନ୍ତି ।

## ବଜ୍ରାଘାତରେ ମହିଳାଙ୍କ ମୃତ୍ୟୁ

କଣିହାଁ, (ସବ୍ୟୁ): କଣିହାଁ ବ୍ଲକ ସମଲ ଥାନା ଗହମ ଗ୍ରାମରେ ବଜ୍ରଘାତରେ ଜଣେ ମହିଳା ମୃତ୍ୟୁ ହୋଇଛି । ମୃତ ମହିଳା ଜଣଙ୍କ ହେଲେ ତାରାବତି ସାହୁ(୫୦) । ସେ ଜଙ୍ଗଲକୁ ଟୋଲ ସଂଗ୍ରହ କରିବାକୁ ଯାଇଥିବା ବେଳେ ପ୍ରବଳ ଝଡ଼ ତୋଫାନ ହୋଇଥିଲା । ଫଳରେ ସେ ଆସି ପାରିନଥିଲେ। ଏକ ଗଛ ମୂଳରେ ଆଶ୍ରୟ ନେଇଥିଲେ । ସେଠାରେ ତାଙ୍କର ବଜ୍ରଘାତ ହୋଇଥିଲା। ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ତାଳଚେର ମଣ୍ଡାପାଳ ମେଡିକାଲରେ ଭର୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସମଲ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଅସରାଏ ବର୍ଷାରେ ବେହାଲ ବାଇପାସ୍

# ବାରମ୍ବାର ଖବର ପ୍ରସାରଣ ପରେ ପ୍ରଶାସନର ଭାଙ୍ଗୁନି କୁମ୍ଭକର୍ଣ୍ଣ ନିଦ୍ରା

ତାଳଚେର, (ସବ୍ୟୁ): ତାଳଚେର ସହରରେ ଅସାରାଏ ବର୍ଷା ହେବା ଫଳରେ ଛକ, ବଜାର, ମାର୍କେଟ, ରାସ୍ତାଘାଟ ଗୁଡ଼ିକ ଜନଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା । ଆଜି ୩ ଘଟିକା ସମୟରେ କଳାବାଦଲ ଢାଙ୍କି ଦେଇ ଅସାରାଏ ବର୍ଷା ହୋଇଥିଲା । ତାଳଚେର ବାଇପାସ୍ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷାଜଳ ଲହଡ଼ି ମାରୁଥିବା ଦେଖିବାକୁ ମିଳିଥିଲା । ଗଣେଶପୂଜା ବେଳକୁ ଲଗାଣ ବର୍ଷାଜନିତ ସହରର ମୁଖ୍ୟ ରାସ୍ତା ଉପରେ ପାଣିର ସୂଅ ଛୁଟିଥିବା ମଧ୍ୟ ଦେଖାଯାଇଥିଲା । ବାଇପାସ୍ ରାସ୍ତାର ଉଭୟପାର୍ଶ୍ୱରେ ବର୍ଷାପାଣି ସହିତ ଡ୍ରେନ ଜାମ ହେବା ଫଳରେ ଅସନାପାଣି ରାସ୍ତା ଉପରେ ଲହଡି ମାରୁଥିବାରୁ ପଥଚାରୀ, ବାଟୋଇ ଦାଣ୍ଡୋଇ, ବାଇକ୍, ସାଇକେଲ ପାଣି ଭିତରେ ଗଲାବେଳେ ଅସନା ପାଣି ଦେହକୁ ଛିଟିକାମାରି ଅପ୍ରିତୀକର ପରିସ୍ଥିତ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ପାଣି କାଦୁଅରୁ ପୋଷାକକୁ ସୁରକ୍ଷା ଦେବାନେଇ ପଥଚାରୀମାନେ ଗୋଡ଼ ଟେକି ଟେକି ଯାଉଥିବା ଦୃଶ୍ୟ



ମଧ୍ୟ ପରିଲକ୍ଷିତ ହୋଇଛି । ବାଇପାସ୍ ଟ୍ରାଫିକ ଛକ ରାସ୍ତା ଓ ନିକଟରେ ରହିଥିବା ୟୁକୋବ୍ୟାଙ୍କ ସମ୍ମୁଖ ରାସ୍ତା ହାଲୁକା ବର୍ଷା ହେଲେ କୃତ୍ରିମହ୍ରଦ ସୃଷ୍ଟି ହେଉଛି । ସେଠାରେ ରହିଥିବା ଅଂଚଳବାସୀ, ପଥଚାରୀ ଓ ନିକଟସ୍ଥ ମାର୍କେଟ ବ୍ୟବସାୟୀମାନେ ବର୍ଷାଜଳ ନିଷ୍କାସନ ପାଇଁ ପ୍ରାୟ ସମୟରେ ଅଭିଯୋଗ କରୁଛନ୍ତି । ତେବେ ପୌରପରିଷଦ ପକ୍ଷରୁ ମୋଟା ଅଙ୍କର ଟାକ୍ସ ନେଇ ଚାଲିଥିଲେ ମଧ୍ୟ ଏବାବଦରେ ସାମାନ୍ୟତମ ଦୃଷ୍ଟି ଦେଉନଥିବା ଦୁର୍ଭାଗ୍ୟର ବିଷୟ ହୋଇଛି । ତେବେ ପରିମଳ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଏହି ଟଙ୍କା କିଛି ଅସାଧୁ କର୍ମଚାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବାଟବଣା ହେଉଥିବା ଅଭିଯୋଗ ହେଉଛି । ଏଠି ଲୋକ ପ୍ରତିନିଧି ନା ପ୍ରଶାସନ କେହି ହେଲେ ଏଥିପ୍ରତି ସାମାନ୍ୟତମ ଦୃଷ୍ଟି ଦେଉନଥିବା ତାଳଚେର ପାଇଁ ଏକ ଅଭିଶପ୍ତ ପାଲଟିଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ତେଣୁ ତୁରନ୍ତ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି । ଅସାରାଏ ବର୍ଷାରେ ବେହାଲ ବାଇପାସର ଦୁର୍ଦ୍ଦଶା କହିଲେ ନସରେ, ବାରମ୍ବାର ଖବରପ୍ରସାରଣ ପରେ ପ୍ରଶାସନର ଭାଙ୍ଗୁନି କୁମ୍ଭକର୍ଣ୍ଣ ନିଦ୍ରା। ଏହାକୁ ନେଇ ଅଂଚଳରେ ତୀବ୍ର ଅସନ୍ତୋଷ ଦେଖାଯାଇଛି ।

# ଗଦାଶିଳାରେ ତୃତୀୟ ରଜମହୋତ୍ସବ ଉଦଯାପିତ୍

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଗଦାଶିଳା ଶ୍ରୀରାମ ମନ୍ଦିର ପରିସରରେ ଦୁଇ ଦିନ ଧରି ତୃତୀୟ ରଜ ମହୋତ୍ସବର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ କୁମାର ସାହେବ ରାଜୀବ ଲୋଚନ ସିଂହଦେଓ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉତ୍ସବକୁ ଉଦ୍ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଶିଶିର ଶତପଥୀ, ସମ୍ମାନୀତ ଅତିଥି ଭାବରେ ଗଙ୍ଗାଧର ରାଉତ, ପୁରଷୋତ୍ତମ ରାଉତ, ଜ୍ୟୋତ୍ସ୍ନା ମିଶ୍ର ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ପଦ୍ମିନୀ ନାୟକ, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟା ସସ୍ମିତା ରାଉତ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ମହାରଣା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରହଲ୍ଲାଦ ସାହୁ ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବନଜ କୁମାର ରଥ ମଞ୍ଚାସୀନ ଥିଲେ। ପ୍ରଥମ ଦିବସରେ ସାଇଁବିରିର ନିତ୍ୟ ହରିନାମ ସଙ୍କୀର୍ତ୍ତନ ମଣ୍ଡଳୀ ସହିତ ବରିଷ୍ଠ ସମାଜସେବୀ ପ୍ରସନ୍ନ କୁମାର ରଥ, ପୁରଷୋତ୍ତମ ରାଉତ, ସାମ୍ବାଦିକ ଆଶିଷ ଶତପଥୀ, ବରିଷ୍ଠ ସାମ୍ବାଦିକ ଆଦିତ୍ୟ କୁମାର ପଣ୍ଡା, ଡକ୍ଟର ଶାନ୍ତି ଭୂଷଣ ପଣ୍ଡା, ବଳରାମ ସାହୁ,




କାମାକ୍ଷା ପ୍ରସାଦ ସାହୁ, ବିଶିଷ୍ଟ ସମାଜସେବୀ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ମରଣୋତ୍ତର ସମ୍ମାନ ଭାବରେ ଭ୍ରମରବର ରାଉତଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଚେତନା କଳା ପରିଷଦ ଗଦାଶିଳା, ଅଭିନୟ ଫାଉଣ୍ଡେସନର କଳାକାର ଓ ସ୍ଥାନୀୟ କୁନି କୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅଂଶଗ୍ରହଣ କରିଥିବା ସମସ୍ତ କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ ଭାବରେ ସମ୍ପିତ କୁମାର ରଥ, ତାପସ ନାୟକ ,ଅନିଲ କୁମାର ତୁଙ୍ଗ ,ବିଭୁ ପ୍ରସାଦ ରଥ ଓ କଳାକାର ପ୍ରଦୋଷ କୁମାର ମିଶ୍ର ରଜ ମହୋତ୍ସବକୁ ସୂଚାରୁ ରୂପେ ପରିଚାଳନା କରିଥିଲେ । ରଜ ମହୋତ୍ସବ ୨ ଦିନ ଧରି ଗଦାଶିଳାରେ ଧୁମ୍ ଧାମ୍‌ରେ ପାଳିତ ହୋଇଯାଇଛି। ପ୍ରଥମ ଦିନ ବର୍ଷା ପବନ ସତ୍ତ୍ୱେ ବର୍ଷା ପରେ ମହୋତ୍ସବ ସ୍ଥଳରେ ବହୁତ ଜନସମାଗମ ହୋଇଥିଲା। ମୁଖ୍ୟ ଅତିଥି ,ମୁଖ୍ୟ ବକ୍ତା , ସମ୍ମାନିତ ଅତିଥି ଓ ମଞ୍ଚାସୀନ ଅତିଥିବୃନ୍ଦ ଓଡ଼ିଆ ସଂସ୍କୃତି ଓ ରଜ ପର୍ବ ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ।

## ସମ୍ପାଦକୀୟ



# ତେତିଶ ବର୍ଷ ପରେ ସ୍ଲୋଭାକିଆ ଗସ୍ତ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ କି ତେତିଶ ବର୍ଷ ପରେ ସ୍ଲୋଭାକିଆ ରାଷ୍ଟ୍ର ଗସ୍ତରେ ଯାଇଛନ୍ତି । କୂଟନୀତିକ ଦୃଷ୍ଟିକୋଣରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଗସ୍ତ ବୋଲି ବିଚାରିବାକୁ ହେବ । ୟୁରୋପିଅନ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର ହେଉଛି ସ୍ଲୋଭାକିଆ ।

ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଚେକୋସ୍ଲୋଭାକିଆ ୧୯୧୮ରୁ ଏକ ସାର୍ବଭୌମ୍ୟ ରାଷ୍ଟ୍ର ଭାବେ ମଧ୍ୟୟୁରୋପରେ ଗୁରୁତ୍ୱ ବହନ କରିଥିଲା । ମାତ୍ର ୧୯୯୨ ଡିସେମ୍ବର ୩୧ରେ ଏହି ରାଷ୍ଟ୍ର ଶାନ୍ତିପୂର୍ଣ୍ଣ ଭାବେ ଦ୍ୱିଧା ବିଭକ୍ତ ହୋଇଥିଲା । ପର ଦିନ ୧୯୯୩ ଜାନୁଆରୀ ପହିଲାରୁ ଚେକ୍ ସାଧାରଣତନ୍ତ୍ର (Czech Republic ) ଓ ସ୍ଲୋଭାକିଆ (Slovakia) ଏହିପରି ଦୁଇଟି ରାଷ୍ଟ୍ର ଗଠିତ ହୋଇଥିଲା । ସେ ଯାହା ହେଉ, ସ୍ଲୋଭାକିଆ ରାଷ୍ଟ୍ର ସହିତ ଭାରତର ଚୁକ୍ତି ଓ ସମ୍ପର୍କ ବୃଦ୍ଧି ଯେ ସମଗ୍ର ବିଶ୍ୱରେ ବିବାଦର ଅବସାନ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସ୍ଲୋଭାକିଆରେ ପହଞ୍ଚିବା ପରେ ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋ ଶ୍ରୀ ମୋଦିଙ୍କୁ ବ୍ରାଟିସାଲଭା ପ୍ରାସାଦ ଠାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କେନ୍ଦ୍ରୀୟ ୟୁରୋପରେ ଅବସ୍ଥିତ ସ୍ଲୋଭାକିଆ ରାଷ୍ଟ୍ରକୁ ଗସ୍ତ କରି ଶ୍ରୀ ମୋଦି ବିଶ୍ୱର ଅଧିକାଂଶ ରାଷ୍ଟ୍ରର ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି । ଚଳିତ ଜୁନ୍ ୧୬ (୨୦୨୬)ରେ ପ୍ରଧାନମନ୍ତ୍ରୀ ମୋଦି ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଦ୍ୱିପାକ୍ଷିକ ଆଲୋଚନା ଓ ଚୁକ୍ତି କରିବା ପରେ ଜି-୭ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ଫ୍ରାନ୍ସ ଗସ୍ତରେ ଯାଇଛନ୍ତି ।

**ମୋଦିଜୀ ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ସହିତ ଆତଙ୍କବାଦ ବିରୋଧରେ ଏକ ମିଳିତ କ୍ରିୟାନୁଷ୍ଠାନ ଗୋଷ୍ଠୀ ଗଢ଼ିବେ ବୋଲି ପ୍ରକାଶ କରିଛନ୍ତି । ଏହା ବ୍ୟତୀତ ପ୍ରତିରକ୍ଷା କ୍ଷେତ୍ରରେ ଉଭୟ ରାଷ୍ଟ୍ରରେ ପାରସ୍ପରିକ ସହଯୋଗ ରକ୍ଷା-କରାଯିବା ସହିତ ଭାରତୀୟ ଶ୍ରମିକମାନଙ୍କ ପାଇଁ ଏବ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି ।**

ମୋଦିଜୀ ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ସହିତ ଆତଙ୍କବାଦ ବିରୋଧରେ ଏକ ମିଳିତ କ୍ରିୟାନୁଷ୍ଠାନ ଗୋଷ୍ଠୀ ଗଢ଼ିବେ ବୋଲି ପ୍ରକାଶ କରିଛନ୍ତି । ଏହା ବ୍ୟତୀତ ପ୍ରତିରକ୍ଷା କ୍ଷେତ୍ରରେ ଉଭୟ ରାଷ୍ଟ୍ରରେ ପାରସ୍ପରିକ ସହଯୋଗ ରକ୍ଷା କରାଯିବା ସହିତ ଭାରତୀୟ ଶ୍ରମିକମାନଙ୍କ ପାଇଁ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି ।

ଉଭୟ ରାଷ୍ଟ୍ରର ଦ୍ୱିପାକ୍ଷିକ ଆଲୋଚନା ପରେ ଶ୍ରୀ ମୋଦି କହିଛନ୍ତି ଯେ ଜାତିସଂଘର ସଂସ୍କାରମୂଳକ ପଦକ୍ଷେପ ଉପରେ ଉଭୟ ରାଷ୍ଟ୍ର ମଧ୍ୟରେ ଆଲୋଚନା ହୋଇଥିଲା । ଉଭୟ ରାଷ୍ଟ୍ରର ନେତା ସହମତ ହୋଇଥିଲେ ଯେ ଏକବିଂଶ ଶତାବ୍ଦୀର ଆହ୍ୱାନ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅର୍ନ୍ତଜାତୀୟ ଅନୁଷ୍ଠାନଗୁଡ଼ିକ ନୂତନ ଭାବରେ କାର୍ଯ୍ୟାରମ୍ଭ କଲେ, ସେମାନଙ୍କୁ ସହଯୋଗ କରାଯିବ । ଅର୍ନ୍ତଜାତୀୟ କ୍ଷେତ୍ରରେ ଦେଖା ଦେଇଥିବା ବିବାଦ ଓ ମନୋମାଳିନ୍ୟର ପରିସମାପ୍ତି ପାଇଁ ଉଭୟ ରାଷ୍ଟ୍ର ଉଦ୍ୟମ ଜାରି ରଖି ଶାନ୍ତିପୂର୍ଣ୍ଣ ଭାବେ ସେ ସବୁର ସମାଧାନ ଲାଗି ଉଦ୍ୟମ କରିବେ ବୋଲି ମଧ୍ୟ ନିଷ୍ପତ୍ତି ହୋଇଛି ।

ଏବେ ଭାରତ ଓ ୟୁରୋପିଆନ ୟୁନିଅନ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ସ୍ଲୋଭାକିଆରୁ ହିଁ ଆରମ୍ଭ ହେବାକୁ ଯାଉଛି । ୟୁରୋପର ଉତ୍ପାଦିତ ଦ୍ରବ୍ୟ ଓ ପରିବହନ ସମୂହ (Supply Chain) ବାଣିଜ୍ୟିକ କାରବାର ଦ୍ୱାରା ଯୁବଶକ୍ତି ଉପକୃତ ହେବେ ବୋଲି ମଧ୍ୟ ଜଣାଯାଇଛି ।

**ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,**
**ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ**
**ମୁଁ ଚୋରିକଲି ବୋଲି କହିବାକୁ ହେବ ।**
**(ମହାତ୍ମା ଗାନ୍ଧି)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିତର୍କର ବଳୟରେ ଏବର ମଦ୍ରାସା ଶିକ୍ଷା ବ୍ୟବସ୍ଥା



ଅଭୟ ଦ୍ୱିବେଦୀ

୨୦୨୪ ମସିହା ମାର୍ଚ୍ଚ ୨୨ ତାରିଖରେ ଆହ୍ଲାବାଦ ହାଇକୋର୍ଟର ଜଷ୍ଟିସ ସୁଭାଷ ବିଦ୍ୟାର୍ଥୀ ଏବଂ ଜଷ୍ଟିସ ବିବେକ ଚୌଧୁରୀଙ୍କୁ ନେଇ ଗଠିତ ଖଣ୍ଡପୀଠ 'ଉତ୍ତର ପ୍ରଦେଶ ମଦ୍ରାସା ବୋର୍ଡ ଶିକ୍ଷା ଆଇନ ୨୦୦୪'କୁ 'ଅସାମ୍ବିଧାନିକ ଏବଂ ଧର୍ମନିରପେକ୍ଷତାର ପରିପନ୍ଥୀ' ଘୋଷଣା କରି ରାଜ୍ୟର ସମସ୍ତ ମଦ୍ରାସାରେ ଅଧ୍ୟୟନ କରୁଥିବା ଛାତ୍ରୀ/ଛାତ୍ରଙ୍କୁ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ଏବଂ ଏପ୍ରିଲ ୫ ତାରିଖରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ, ଜଷ୍ଟିସ ଜେ.ବି.ପରିଦବାଲା ଏବଂ ଏବଂ ଜଷ୍ଟିସ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଉପରେ ରହିତାଦେଶ ଜାରି କରିବା ପରେ ମଦ୍ରାସା ଶିକ୍ଷା ବ୍ୟବସ୍ଥା ଉପରେ ବିତର୍କ ଆରମ୍ଭ ହୋଇଯାଇଛି । ପୁନଶ୍ଚ ଅକ୍ଟୋବର ମାସରେ 'ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ' କେନ୍ଦ୍ର, ରାଜ୍ୟସମୂହ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ସମସ୍ତ ମଦ୍ରାସା ଏବଂ ମଦ୍ରାସା ବୋର୍ଡକୁ ଆର୍ଥିକ ସହାୟତା ବନ୍ଦ କରିବା ସହିତ ଜାତୀୟ ଶିକ୍ଷା ନୀତି ଉଲ୍ଲଂଘନ କରୁଥିବା ମଦ୍ରାସାଗୁଡିକୁ ବନ୍ଦ କରିଦେବା ପାଇଁ ନିର୍ଦ୍ଦେଶ ଦେବା ପରେ ମଦ୍ରାସା ଶିକ୍ଷା ବ୍ୟବସ୍ଥା ଉପରେ ଜନସାଧାରଣରେ ସନ୍ଦେହ ପ୍ରକାଶ ପାଇଛି ।

ଜାମିଆତ୍ ଉଲେମି -ଇ-ହିନ୍ଦ ଏବଂ ଆହୁରି କିଛି ସଂସ୍ଥା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବାରୁ ମାନନୀୟ ସୁପ୍ରିମକୋର୍ଟ ଅକ୍ଟୋବର ୨୧ ତାରିଖରେ ଏହି ନିର୍ଦ୍ଦେଶନାମା ଉପରେ ରହିତାଦେଶ ଜାରି କରିଛନ୍ତି । ୨୦୨୪ ମସିହା ଅକ୍ଟୋବର ୧୧ ତାରିଖରେ ଲିଖିତ ଏହି ପତ୍ର ସହିତ ଆୟୋଗ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ - 'Guardians of Faith or Oppressors of Rights : Constitutional Rights of Children vs Madrasas' ପଠାଯାଇଥିଲା । ୬୯ ପୃଷ୍ଠା ସମ୍ବଳିତ ୧୧ଟି ଅଧ୍ୟାୟରେ ବିଭକ୍ତ ଏହି ରିପୋର୍ଟରେ ମଦ୍ରାସା ଶିକ୍ଷା ବ୍ୟବସ୍ଥାର ରୁଗ୍ଣ ଚିତ୍ର ପ୍ରଦାନ କରାଯାଇଛି । ଏଥିରେ ଉଲ୍ଲେଖ ଅଛି - ଅଧିକାଂଶ ମଦ୍ରାସାରେ ଯୋଗ୍ୟତାସଂପନ୍ନ ଶିକ୍ଷକଙ୍କର ଅଭାବ ସହିତ ଶିକ୍ଷା ପ୍ରତିକୂଳ ପରିବେଶରେ ଶିଶୁମାନଙ୍କୁ ଯେମିତି ଶିକ୍ଷାଦାନ କରାଯାଉଛି ଏବଂ ଯେଉଁ ଅନିୟମିତ ପାଠ୍ୟକ୍ରମର ପ୍ରଚଳନ ଅଛି, ସେଥିରେ ଶିଶୁର ସନ୍ତୁଳିତ ବିକାଶ କେବେହେଲେ ଆଶା କରାଯାଇ ନ ପାରେ । ପ୍ରାରମ୍ଭିକ ଅଧ୍ୟାୟରେ ରିପୋର୍ଟର ଆଭିମୁଖ୍ୟ ସଂପର୍କରେ ଉଲ୍ଲେଖ ରହିଛି-'କାହାରି ଧାର୍ମିକ ଭାବନାକୁ ଆଘାତ ଦେବା କିମ୍ବା କୌଣସି ଧାର୍ମିକ ଅନୁଷ୍ଠାନକୁ ନିନ୍ଦା କରିବା ଏହି ରିପୋର୍ଟର ଉଦ୍ଦେଶ୍ୟ ନୁହେଁ । ରିପୋର୍ଟର ମୂଳ ଉଦ୍ଦେଶ୍ୟ ହେଉଛି-ପିଲାମାନେ ମୌଳିକ ଅଧିକାର ଉପଭୋଗ କରିବା ସହିତ ଅନ୍ୟ ପିଲାଙ୍କ ଭଳି ଗୁଣାତ୍ମକ ଶିକ୍ଷା ପାଇବା ନିମନ୍ତେ ସୁଯୋଗ ସୃଷ୍ଟି କରିବା । ରିପୋର୍ଟର ଭୁଲ ବ୍ୟାଖ୍ୟା କରିବା ଅର୍ଥ ସମ୍ବିଧାନ ସ୍ୱୀକୃତ ଅଧିକାର ଓ କର୍ତ୍ତବ୍ୟ ପ୍ରତି ଅସମ୍ମାନ ପ୍ରଦର୍ଶନ କରିବା ।' ସେହି ରିପୋର୍ଟ ଅନୁଶୀଳନ କରିବା ପରେ ମଦ୍ରାସା ଶିକ୍ଷା ବ୍ୟବସ୍ଥା ସହିତ ଅଧ୍ୟୟନରତ ଶିଶୁମାନଙ୍କର ଭବିଷ୍ୟତ ନେଇ ସନ୍ଦେହ ଆସିବା ସ୍ୱାଭାବିକ । ଏହା ପୂର୍ବରୁ ବିଭିନ୍ନ ଅଭିଯୋଗ ଆଧାରରେ ୨୦୨୨ ମସିହା ଡିସେମ୍ବର ମାସ ୮ ତାରିଖରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ମଦ୍ରାସାର ଶିକ୍ଷା ପରିବେଶ ଓ ଶିକ୍ଷା ବ୍ୟବସ୍ଥା ଉପରେ ରିପୋର୍ଟ ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ ।

ମଦ୍ରାସା ଶିକ୍ଷାବ୍ୟବସ୍ଥାକୁ ନେଇ ବିତର୍କ ଓ ସନ୍ଦେହର ପୃଷ୍ଠଭୂମି ଏହିଭଳି : ମହମ୍ମଦ ଜାଭେଦ ନାମକ ଜଣେ ବ୍ୟକ୍ତି ଉତ୍ତର ପ୍ରଦେଶ ଆମ୍ବେଦକର ନଗର ଜିଲ୍ଲାର ଶାହାଜାଦପୁରରେ ଅବସ୍ଥିତ ନିସାରୁଲ ଉଲୁମ ମଦ୍ରାସାରେ ୨୦୧୧ ମସିହାରୁ ମାସିକ ଚାରି ହଜାର ଟଙ୍କା ଦରମାରେ ଅସ୍ଥାୟୀ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ଦୀର୍ଘ ୮ ବର୍ଷ ପରେ ଚାକିରି ନିୟମିତ କରା ନଯିବାରୁ ସେ ରାଜ୍ୟ ସରକାର, ମଦ୍ରାସା ଶିକ୍ଷା ପରିଷଦ ଏବଂ ଜିଲ୍ଲା ସଂଖ୍ୟାଲଘୁ କଲ୍ୟାଣ ଅଧିକାରୀଙ୍କୁ ପକ୍ଷ କରି ଆହ୍ଲାବାଦ ହାଇକୋଟରେ ରିଟ୍ ପିଟିସନ ଦାଖଲ କରିଥିଲେ । ଆବେଦନ ଥିଲା- ଚାକିରି ନିୟମିତ କରିବା ସହିତ ତାଙ୍କୁ ସରକାରୀ ଶିକ୍ଷକଙ୍କ ସମତୁଲ ଦରମା ପ୍ରଦାନ କରଯାଉ ।

ମଦ୍ରାସା ଶିକ୍ଷା ଆଇନ -୨୦୦୪ ଅଧୀନରେ 'ମଦ୍ରାସା ଶିକ୍ଷା ପରିଷଦ' ଗଠିତ ହୋଇଥିବାରୁ ମାମଲାର ଶୁଣାଣୀ ସମୟରେ ଜଷ୍ଟିସ ବିବେକ ଚୌଧୁରୀ 'ମଦ୍ରାସା ଶିକ୍ଷା ଆଇନ-୨୦୦୪' ତର୍ଜମା କରିବା ସମୟରେ ଶିକ୍ଷା ପରିଷଦର ସମସ୍ତ ସଦସ୍ୟ ମୁସଲମାନ ସଂପ୍ରଦାୟର ରହିବେ ବୋଲି ଆଇନରେ ଉଲ୍ଲିଖିତ ଥିବାରୁ ସ୍ତମ୍ଭୀଭୂତ ହୋଇଗଲେ । ୨୦୧୯ ମସିହା ଅକ୍ଟୋବର ୨୩ ତାରିଖ ରାୟରେ ଜଷ୍ଟିସ ବିବେକ ଚୌଧୁରୀ ଉଲ୍ଲେଖ କରିଛନ୍ତି - 'ଧର୍ମ ନିରପେକ୍ଷ ସମ୍ବିଧାନ ଆଧାରରେ ଶିକ୍ଷା ନିମନ୍ତେ ଉଦ୍ଦିଷ୍ଟ ପରିଷଦରେ କେବଳ ନିର୍ଦ୍ଦିଷ୍ଟ ଧର୍ମର ବ୍ୟକ୍ତି ରହିବା ଉଚିତ ଅଥବା ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ବିଶାରଦମାନେ ସ୍ଥାନ ପାଇବା ଉଚିତ ? ମଦ୍ରାସା ଶିକ୍ଷା ଆଇନ ୨୦୦୪ରେ ଉଲ୍ଲେଖ ଅଛି : ମଦ୍ରାସା ଶିକ୍ଷା ପରିଷଦ ରାଜ୍ୟ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରାଳୟ ଅଧୀନରେ କାର୍ଯ୍ୟ କରିବ । ଜୈନ, ଶିଖ. ଖ୍ରୀଷ୍ଟିୟାନ ଆଦି ସଂଖ୍ୟାଲଘୁଙ୍କ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନ, ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବାବେଳେ, ମୁସଲମାନ ସଂପ୍ରଦାୟ ନିମନ୍ତେ ଏପରି ପାତର ଅନ୍ତର କାହିଁକି ? ଏହି ସମସ୍ତ ପ୍ରଶ୍ନ ମଦ୍ରସା ଅଧିନିୟମ ୨୦୦୪କୁ ପ୍ରଭାବିତ କରୁଥିବାରୁ ସେହି ନିୟମାବଳୀର ପ୍ରୟୋଗ ସଂପର୍କରେ ନିଷ୍ପତ୍ତି ନେବା ପାଇଁ ମାମଲାକୁ ବୃହତ୍ତର ଖଣ୍ଡପୀଠରେ ଉପସ୍ଥାପନା କରାଯିବା ଉଚିତ ମନେ କରୁଛି ।' ୨୦୨୩ ମସିହାରେ ଅଂଶୁମାନ ସିଂହ ରାଠୋର ନାମକ ଜଣେ ଆଇନଜୀବୀ ଉତ୍ତର ପ୍ରଦେଶ ମଦ୍ରାସା ଅଧିନିୟମ ୨୦୦୪, ଧର୍ମନିରପେକ୍ଷତା ସହିତ ସମ୍ବିଧାନର ଧାରା ୧୪(ସମସ୍ତେ ଆଇନ ଆଗରେ ସମାନ), ଧାରା ୧୫(ଯାହା ଭେଦଭାବ ବାରଣ କରେ) ଏବଂ ୨୧(କ)(ଶିକ୍ଷା ଅଧିକାର) ଉଲ୍ଲଂଘନ କରୁଛି ଦର୍ଶାଇ ତାହାର ବୈଧତାକୁ ନେଇ ଆହ୍ଲାବାଦ ହାଇକୋର୍ଟରେ ଏକ ଜନସ୍ୱାର୍ଥମାମଲା ଦାୟର କରିଥିଲେ ।

ହାଇକୋର୍ଟର ଜଷ୍ଟିସ ସୁଭାଷ ବିଦ୍ୟାର୍ଥୀ ଏବଂ ଜଷ୍ଟିସ ବିବେକ ଚୌଧୁରୀଙ୍କୁ ନେଇ ଖଣ୍ଡପୀଠ ମହମ୍ମଦ ଜାଭେଦ, ଅଂଶୁମାନ ସିଂହ ରାଠୋର ଏବଂ ମଦ୍ରାସା ସଂପର୍କୀୟ ଆହୁରି କିଛି ଆବେଦନର ଶୁଣାଣୀ ୨୦୨୩ ମସିହାରେ ଆରମ୍ଭ କଲେ । ବିଚାର ନିମନ୍ତେ ଖଣ୍ଡପୀଠ ଆଇନର ପ୍ରଶ୍ନ ଏହିପରି ପ୍ରସ୍ତୁତ କରିଥିଲେ - 'ଉତ୍ତର ପ୍ରଦେଶ ମଦ୍ରାସା ଅଧିନିୟମ ୨୦୦୪ ଧର୍ମନିରପେକ୍ଷତା, ଯାହା ସମ୍ବିଧାନର ମୌଳିକ ଢ଼ାଞ୍ଚା ତାହା ଉଲ୍ଲଂଘନ କରୁଛି କି ?' ୨୦୨୪ ମସିହା ମାର୍ଚ୍ଚ ୨୨ ତାରିଖରେ ରାୟ ପ୍ରକାଶ ପାଇଲା । ରାୟରେ ଉଲ୍ଲେଖ ଅଛି - 'ମଦ୍ରାସା ଆଇନ ୨୦୦୪ ସମ୍ବିଧାନର ମୌଳିକା ଢ଼ାଞ୍ଚା ଧର୍ମନିରପେକ୍ଷତା ସହିତ ସମ୍ବିଧାନର ଧାରା ୧୪,୨୧, ୨୧(କ) ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ କମିଶନ ଅଧିନିୟମ ୧୯୫୬ର ଧାରା ୨୨ର ଉଲ୍ଲଂଘନ କରୁଛି । ସେହି ଦୃଷ୍ଟିରୁ ମଦ୍ରାସା ଅଧିନିୟମ ୨୦୦୪କୁ ଅସାମ୍ବିଧାନିକ ଘୋଷଣା କରାଯାଉଛି ।' ହାଇକୋର୍ଟର ରାୟ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିବା ପରେ ମାମଲାର ଶୁଣାଣୀ ଚାଲିଥିବା ସମୟରେ ପୁନଶ୍ଚ ଅକ୍ଟୋବର ମାସରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିର୍ଦ୍ଦେଶନାମା ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି । ସୁପ୍ରିମକୋର୍ଟରେ ମାମଲାର ଅନ୍ତିମ ଶୁଣାଣୀ ପର୍ଯ୍ୟନ୍ତ ମଦ୍ରାସା ଶିକ୍ଷା ବ୍ୟବସ୍ଥା ବିତର୍କର ବଳୟ ମଧ୍ୟରେ ରହିବାକୁ ବାଧ୍ୟ ।

**ସେହି ଦୃଷ୍ଟିରୁ ମଦ୍ରାସା ଅଧିନିୟମ ୨୦୦୪କୁ ଅସାମ୍ବିଧାନିକ ଘୋଷଣା କରାଯାଉଛି ।' ହାଇକୋର୍ଟର ରାୟ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିବା ପରେ ମାମଲାର ଶୁଣାଣୀ ଚାଲିଥିବା ସମୟରେ ପୁନଶ୍ଚ ଅକ୍ଟୋବର ମାସରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିର୍ଦ୍ଦେଶନାମା ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି । ସୁପ୍ରିମକୋର୍ଟରେ ମାମଲାର ଅନ୍ତିମ ଶୁଣାଣୀ ପର୍ଯ୍ୟନ୍ତ ମଦ୍ରାସା ଶିକ୍ଷା ବ୍ୟବସ୍ଥା ବିତର୍କର ବଳୟ ମଧ୍ୟରେ ରହିବାକୁ ବାଧ୍ୟ ।**

ଏହାର ମୁଖ୍ୟ କାରଣ ହେଉଛି ମଦ୍ରାସାର ଶିକ୍ଷା ବ୍ୟବସ୍ଥା ଏବଂ ପ୍ରଚଳିତ ପାଠ୍ୟକ୍ରମ । ସମୟର ଚାହିଦା ଅନୁସାରେ ଯଦି ଶିକ୍ଷା ବ୍ୟବସ୍ଥା ଏବଂ ପାଠ୍ୟକ୍ରମରେ ପରିବର୍ତ୍ତନ ଅଣା ନ ଯାଏ, ତେବେ ଛାତ୍ର/ଛାତ୍ରୀମାନେ ପଛରେ ରହିଯିବା ସ୍ୱାଭାବିକ । ୧୯୯୦ ଦଶକରେ ଏବଂ ପରବର୍ତ୍ତୀ ସମୟରେ ମଦ୍ରାସା ପାଠ୍ୟକ୍ରମରେ ବିଜ୍ଞାନ, ଗଣିତ, ରାଜନୀତି ବିଜ୍ଞାନ, ଇତିହାସ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ବିଷୟବସ୍ତୁ ପ୍ରଚଳନ ନିମନ୍ତେ ସରକାରଙ୍କ ତରଫରୁ ଉଦ୍ୟମ ଜାରିହେଲା । କିନ୍ତୁ ମଦ୍ରାସାକୁ ନିୟନ୍ତ୍ରଣ କରୁଥିବା ଉଲେମାମାନେ 'ଇସଲାମ-ବିରୋଧୀ' ଆଖ୍ୟା ଦେଇ ଏହାର ବିରୋଧ କରିଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଆଜାଦ ମଦ୍ରାସାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ (ସିବିଏସ୍‌ଇ) ଢ଼ାଞ୍ଚା ରେ ସର୍ବ ଭାରତୀୟ ମଦ୍ରାସା ବୋର୍ଡ ପ୍ରତିଷ୍ଠା କରି ସେହି ଆଧାରରେ ନୂତନ ପାଠ୍ୟକ୍ରମର ପ୍ରଚଳନ ସହିତ ଶିକ୍ଷକମାନଙ୍କ ପାଇଁ ଉପଯୁକ୍ତ ତାଲିମ ଏବଂ ଛାତ୍ର/ଛାତ୍ରୀଙ୍କ ସକାଶେ ସର୍ବଭାରତୀୟସ୍ତରରେ ପରୀକ୍ଷା କରିବା ପାଇଁ ଉଦ୍ୟମ କରିଥିଲେ । ଫଳରେ ମଦ୍ରାସା ସାର୍ଟିଫିକେଟ ଆଧାରରେ କେହି ଛାତ୍ର/ଛାତ୍ରୀ କୌଣସି ବିଶ୍ୱବିଦ୍ୟାଳୟରେ ଉଚ୍ଚ ଶିକ୍ଷା ପାଇବା ପାଇଁ ସକ୍ଷମ ହୋଇ ପାରିବ । ତାଙ୍କର ଉଦ୍ଦେଶ୍ୟ ଥିଲା -ମଦ୍ରାସାରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ର/ଛାତ୍ରୀ ଅନ୍ୟମାନଙ୍କ ସହିତ ସର୍ବଭାରତୀୟ ସ୍ରୋତରେ ସାମିଲ ହୁଅନ୍ତୁ । ଏବେ ମଧ୍ୟ କିଛି ବିଶ୍ୱବିଦ୍ୟାଳୟ ଅନେକ ରାଜ୍ୟର ମଦ୍ରାସା ସାର୍ଟିଫିକେଟକୁ ମାନ୍ୟତା ପ୍ରଦାନ କରୁନାହାନ୍ତି । ମୌଲାନା ଆଜାଦଙ୍କ ବାପା ଥିଲେ ଧର୍ମଗୁରୁ ଏବଂ ତାଙ୍କରି ଠାରୁ ସେ ବାଲ୍ୟ ଶିକ୍ଷା ପାଇଥିଲେ । ତେଣୁ ସେ ମଦ୍ରାସା ଶିକ୍ଷା ବ୍ୟବସ୍ଥା ଏବଂ ପାଠ୍ୟକ୍ରମର ସଙ୍କୀର୍ଣ୍ଣ ସୀମାବଦ୍ଧତା ସଂପର୍କରେ ଅବଗତ ଥିଲେ । କିନ୍ତୁ ତାଙ୍କ ଘନିଷ୍ଠ ସହଯୋଗୀ ମୁଫତି ଆତିକୁର ରହେମାନ ଉସମାନୀ, ମୌଲାନା ହାଫିଜୁର ରହେମାନ ଏବଂ ଅନ୍ୟମାନଙ୍କ ପ୍ରବଳ ବିରୋଧ ଫଳରେ ମୌଲାନା ଆଜାଦ, ମଦ୍ରାସା ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ପ୍ରକ୍ରିୟାରୁ କ୍ଷାନ୍ତ ରହିଲେ । ସେମାନେ ସମସ୍ତେ ଥିଲେ କଠୋର ମୌଳବାଦୀ ।

୨୦୨୪-୨୫ମସିହା U-Dise ତଥ୍ୟ ଆଧାରରେ ୬-୧୩ ବର୍ଷ ବୟସ ମଧ୍ୟରେ ସମୁଦାୟ ମୁସଲମାନ ଶିଶୁଙ୍କ ସଂଖ୍ୟା ହେଉଛି ୪.୧୧ କୋଟି । ଏଥିରୁ ମାତ୍ର ୪ ପଅତିଶତ ଅର୍ଥାତ ୧୬.୪୪ ଲକ୍ଷ ମଦ୍ରାସାରେ ଏବଂ ୨.୮୫ କୋଟି ଅନ୍ୟ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି ଏବଂ ଅବଶିଷ୍ଟ ୧ କୋଟି ୧୦ ଲକ୍ଷ ବିଦ୍ୟାଳୟ ମାଟି ମାଡି ନାହାନ୍ତି ଅଥବା ଅଧାରୁ ପାଠ ଛାଡିଛନ୍ତି - ଯେଉଁମାନଙ୍କ ହାର ହେଉଛି ୨୭ ପ୍ରତିଶତ । ସର୍ବଭାରତୀୟସ୍ତରରେ ଏହି ହାର ହେଉଛି ୨୨ ପ୍ରତିଶତ । - (ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ରିପୋର୍ଟ ପୃ-୬) ଯଦି ଦେଶର ସମୁଦାୟ ଜନସଂଖ୍ୟାର ୧୪ ପ୍ରତିଶତ ବିଶିଷ୍ଟ ଗୋଟିଏ ସଂପ୍ରଦାୟର ୨୭ ପ୍ରତିଶତ ଶିଶୁ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ରୁହନ୍ତି, ତେବେ ନୀତି ନିର୍ଦ୍ଧାରଣ କରୁଥିବା ସମସ୍ତଙ୍କ ପାଇଁ ଏହା ଏକ ଆହ୍ୱାନ ।

**ଭଦ୍ରାଣୀ, ସାଲନ୍ଦୀ ନଗର,**
**ଭଦ୍ରକ-୭୫୬୧୦୦**
**ମୋ-୯୪୩୭୧ ୯୧୩୫୦**
email-saiabhay19@gmail.com

# ଗଞ୍ଜାମ ଅଞ୍ଚଳର ଗୌରବ, କୃଷ୍ଣସାର ମୃଗ

ବିଶ୍ୱବିଜୟୀ ଦାଶ

ଓଡ଼ିଶାର ଦକ୍ଷିଣ ଉପକୂଳବର୍ତ୍ତୀ ଗଞ୍ଜାମ ଜିଲ୍ଲା ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ ଓ ଜୈବ ବିବିଧତା ପାଇଁ ସୁପରିଚିତ । ଏହି ଜିଲ୍ଲାର ଅନେକ ଗୌରବମୟ ସମ୍ପଦ ମଧ୍ୟରୁ କୃଷ୍ଣସାର ମୃଗ ଏକ ଅନନ୍ୟ ପରିଚୟ ବହନ କରେ । ଏହା କେବଳ ଏକ ବନ୍ୟପ୍ରାଣୀ ନୁହେଁ, ବରଂ ଗଞ୍ଜାମର ପ୍ରାକୃତିକ ଐତିହ୍ୟ, ପରିବେଶ ସଚେତନତା ଓ ଜୈବ ବିବିଧତାର ଜୀବନ୍ତ ପ୍ରତୀକ ।

କୃଷ୍ଣସାର ମୃଗ ଭାରତର ସବୁଠାରୁ ସୁନ୍ଦର ଏବଂ ଦ୍ରୁତଗାମୀ ହରିଣ ପ୍ରଜାତିମାନଙ୍କ ମଧ୍ୟରୁ ଅନ୍ୟତମ । ପୂର୍ଣ୍ଣବୟସ୍କ ପୁରୁଷ ମୃଗର ଶରୀରର ଉପରିଭାଗ ଗାଢ଼ କଳା କିମ୍ବା କଳା-ବାଦାମୀ ରଙ୍ଗର ହୋଇଥାଏ ଓ ଏହାର ଲମ୍ବା ଶିଙ୍ଘ ଏହାକୁ ଏକ ଆକର୍ଷଣୀୟ ରୂପ ପ୍ରଦାନ କରେ । ଛୋଟ ମୃଗମାନେ ସାଧାରଣତଃ ହାଲୁକା ବାଦାମୀ ରଙ୍ଗର ହୋଇଥାନ୍ତି । ଖୋଲା ତୃଣଭୂମି ଓ ଉପକୂଳବର୍ତ୍ତୀ ଅଞ୍ଚଳ ଏମାନଙ୍କର ପ୍ରିୟ ବାସସ୍ଥାନ ।

କୃଷ୍ଣସାର ମୃଗ ପାଇଁ ଗଞ୍ଜାମର ଭେଟନଈ ଅଞ୍ଚଳ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ନ' ଅଙ୍କ ଦୁର୍ଭିକ୍ଷ ସମୟରେ ୪/୫ଟି କୃଷ୍ଣସାର ମୃଗ ଗଞ୍ଜାମର ଭେଟନଈ ଅଞ୍ଚଳକୁ ଚାଲି ଆସିଥିଲେ । ସେମାନେ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ବର୍ଷା ହେବା ସହ କୃଷିଜୀବୀଙ୍କ ମୁହଁରେ ହସ ଫୁଟି ଉଠିଥିଲା । ଫଳରେ ସ୍ଥାନୀୟ ବାସିନ୍ଦା ଏହି କୃଷ୍ଣସାର ମୃଗଙ୍କୁ ଭଗବାନଙ୍କ ଦୂତ ବୋଲି ବିବେଚନା କଲେ । ସେହିଦିନଠାରୁ ସେମାନଙ୍କୁ ସୁଖ ଆଉ ସମୃଦ୍ଧିର ପ୍ରତୀକଭାବେ ଲୋକେ ବିବେଚନା କରି ଆସୁଛନ୍ତି ।



ଏହି ପ୍ରଜାତିର ମୃଗ ଗଞ୍ଜାମ ଜିଲ୍ଲା ଘୁମୁସର ଦକ୍ଷିଣ ଖଣ୍ଡ ଏବଂ ଆସିକା, ବୁଗୁଡ଼ା ତହସିଲର ଭଞ୍ଜନଗର ରାଜସ୍ୱ ଉପଖଣ୍ଡରେ ଦେଖାଯାଆନ୍ତି । ତତ୍‌ସହିତ ଗଞ୍ଜାମ ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳ, ବିଶେଷକରି ହୁମ୍ମା,ରମ୍ଭା ଓ ଚିଲିକା ସଂଲଗ୍ନ ତୃଣଭୂମିରେ କୃଷ୍ଣସାର ମୃଗମାନଙ୍କର ଅବାଧ ବିଚରଣ ଦେଖିବାକୁ ମିଳେ । ଏହି ଅଞ୍ଚଳ ଓଡ଼ିଶାରେ କୃଷ୍ଣସାର ମୃଗ ସଂରକ୍ଷଣର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ । ପ୍ରତିବର୍ଷ ଅନେକ ପ୍ରକୃତିପ୍ରେମୀ, ବନ୍ୟଜନ୍ତୁ ଗବେଷକ ଓ ପର୍ଯ୍ୟଟକ ଏହି ମନୋରମ ପ୍ରାଣୀଙ୍କୁ ଦେଖିବା ପାଇଁ ଗଞ୍ଜାମ ଅଞ୍ଚଳକୁ ଆସିଥାନ୍ତି ।

ଏକ ସମୟରେ ବାସସ୍ଥାନ ନଷ୍ଟ ଓ ପରିବେଶୀୟ ପରିବର୍ତ୍ତନ କାରଣରୁ କୃଷ୍ଣସାର ମୃଗର ସଂଖ୍ୟା ହ୍ରାସ ପାଇଥିଲା । କିନ୍ତୁ ବନ ବିଭାଗ, ସ୍ଥାନୀୟ ଲୋକ ଓ ପରିବେଶପ୍ରେମୀ ସଂଗଠନମାନଙ୍କର ସମନ୍ୱିତ ପ୍ରୟାସ ଫଳରେ ଏହାର ସଂଖ୍ୟା ପୁଣି ବୃଦ୍ଧି ପାଇଛି । ଗଞ୍ଜାମବାସୀ କୃଷ୍ଣସାର ମୃଗକୁ ନିଜ ଅଞ୍ଚଳର ଗର୍ବ ଭାବେ ଦେଖନ୍ତି ଏବଂ ଏହାର ସୁରକ୍ଷା ପାଇଁ ସକ୍ରିୟ ସହଯୋଗ ମଧ୍ୟ କରୁଛନ୍ତି ।

କୃଷ୍ଣସାର ମୃଗର ଉପସ୍ଥିତି କେବଳ ପରିବେଶର ସନ୍ତୁଳନ ରକ୍ଷା କରେ ନାହିଁ, ବରଂ ପରିବେଶ-ପର୍ଯ୍ୟଟନର ବିକାଶରେ ମଧ୍ୟ ସହାୟକ ହୋଇଥାଏ । ଏହା ଗଞ୍ଜାମର ପ୍ରାକୃତିକ ପରିଚୟକୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଛି । ପ୍ରକୃତି ଓ ବନ୍ୟଜୀବ ସଂରକ୍ଷଣ ପ୍ରତି ଲୋକଙ୍କ ଆଗ୍ରହ ବଢ଼ାଇବାରେ ମଧ୍ୟ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

କୃଷ୍ଣସାର ମୃଗ କେବଳ ଏକ ବନ୍ୟପ୍ରାଣୀ ନୁହେଁ, ଏହା ଗଞ୍ଜାମର ପ୍ରାକୃତିକ ଗୌରବ ଓ ସଂରକ୍ଷଣର ପ୍ରତୀକ । ଚିଲିକା କୂଳବର୍ତ୍ତୀ ତୃଣଭୂମିରେ ଏହାର ଅବାଧ ବିଚରଣ ପ୍ରକୃତିପ୍ରେମୀଙ୍କୁ ବିମୋହିତ କରିବା ସହ ଓଡ଼ିଶାର ଜୈବ ବିବିଧତାକୁ ସମୃଦ୍ଧ କରୁଛି । ଏହି ଅମୂଲ୍ୟ ବନ୍ୟଜୀବ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର, ସ୍ଥାନୀୟ ଜନସାଧାରଣ ଏବଂ ପରିବେଶପ୍ରେମୀମାନଙ୍କର ସମନ୍ୱିତ ପ୍ରୟାସ ଭବିଷ୍ୟତ ପିଢ଼ି ପାଇଁ ଏକ ଅନୁକରଣୀୟ ଦୃଷ୍ଟାନ୍ତ ହୋଇ ରହିବ । ଗଞ୍ଜାମର ମାଟିରେ ଦୌଡୁଥିବା କୃଷ୍ଣସାର ମୃଗ ସଦାସର୍ବଦା ଆମ ପ୍ରାକୃତିକ ଐତିହ୍ୟର ଜୀବନ୍ତ ପରିଚୟ ହୋଇ ରହୁ ।

କୃଷ୍ଣସାରର ଦ୍ରୁତ ପଦଚାରଣାରେ ଗଞ୍ଜାମର ଗୌରବ ଦୌଡ଼ିଥାଏ, ଆଉ ତାହାର ସୁରକ୍ଷାରେ ଲୁଚି ରହିଛି ପ୍ରକୃତି ପ୍ରତି ଆମର ଦାୟିତ୍ୱ ଓ ଭବିଷ୍ୟତର ସୁନ୍ଦର ସ୍ୱପ୍ନ ।

**ପ୍ରତିଷ୍ଠାତା ସମ୍ପାଦକ**
**ବ୍ରଜବିଳାସ ସାହିତ୍ୟ ପତ୍ରିକା**
**ଅଧ୍ୟାପକ, ରସାୟନ ବିଜ୍ଞାନ ବିଭାଗ**
**ବାଲୁଗାଁ ମହାବିଦ୍ୟାଳୟ, ବାଲୁଗାଁ**
**ମୋ - ୬୩୭୦୨୦୮୪୨୮**
email-biswabijayeedash63gmail.com

# ଆତ୍ମ ଚେତନା

ପ୍ରଦୀପ୍ତ କୁମାର କର

ଫଳ ଦେଉ ନ ଥିବା ଅନେକ ଗଛ ଏ ଦୁନିଆରେ ଅଛି , କିନ୍ତୁ ଫଳ ନ ଥିବା କୌଣସି କର୍ମ ଏ ଦୁନିଆରେ ନାହିଁ । କର୍ମ ମାତ୍ରେ ହିଁ ଫଳ ନିଶ୍ଚିତ ସେ ଭଲ ହେଉ ବା ମନ୍ଦ ହେଉ । କର୍ମ ଫଳରେ ସୁଖ ଆସିପାରେ ବା ଦୁଃଖ ଆସିପାରେ । ସତ୍‌କର୍ମର ଫଳ ସୁଖ ଓ ଅସତ୍ କର୍ମର ଫଳ ଦୁଃଖ ବୋଲି ସମସ୍ତେ ଜାଣନ୍ତି । କିନ୍ତୁ ଅସତ୍ କର୍ମକୁ ଜାଣି ମଧ୍ୟ ଅନେକ ସେହି ବାଟରେ ଚାଲି ଯାଆନ୍ତି ଓ ସେହି ଅସତ୍ କର୍ମରେ ଏତେ ପରିମାଣରେ ମଜ୍ଜି ଯାଆନ୍ତି ଯେ ତାକୁ ପରିତ୍ୟାଗ କରିବା ସେମାନଙ୍କ ପାଇଁ କଷ୍ଟସାଧ ହୁଏ ।

କର୍ମ ଥିବ, କର୍ମର ଫଳ ଥିବ, କିନ୍ତୁ କର୍ମ ଫଳର ଆସକ୍ତି ନ ଥିବା ମନୁଷ୍ୟ ହିଁ ପ୍ରକୃତ ଜୀବନକୁ ହିଁ ବୁଝିପାରି ସର୍ବଦା ଶାନ୍ତିରେ ରହନ୍ତି । ଆସକ୍ତି ନ ଥିଲେ ସୁଖର ଆକର୍ଷଣ ବା ଦୁଃଖରୁ ପରିତ୍ରାଣର ଚିନ୍ତା ନ ଥାଏ ।

ଆସକ୍ତି ନ ଥିଲେ ବି କର୍ମ ଥାଏ, କର୍ତ୍ତା ଥାଏ, କର୍ମ ଫଳ ଥାଏ, ତେବେ କର୍ମ ପ୍ରବାହରେ ଛନ୍ଦି ହୋଇ ଆଉଟୁପାଉଟୁ ହେବାର ଭୟ ନ ଥାଏ । ତେବେ ଏପରି ଅବସ୍ଥା ହେଉଛି ସଚ୍ଚିଦାନନ୍ଦ ଅବସ୍ଥା ଯାହା କି ଜୀବାତ୍ମାର ସର୍ବୋତ୍ତମ ଲକ୍ଷ୍ୟ ହେବା ଉଚିତ । ନିମ୍ନ ପ୍ରକୃତିର କବଳରୁ ସମ୍ପୂର୍ଣ୍ଣ ମୁକ୍ତି ଲାଭ ଅବସ୍ଥା ହିଁ ଆତ୍ମଚେତନା । କିନ୍ତୁ ନିମ୍ନ ପ୍ରକୃତିକୁ ପରାଭୂତ କରି ତାକୁ ଆପଣା ଇଚ୍ଛାରେ ପରିଚାଳିତ କରିବାର ନାମ ହେଉଛି ସତ୍ୟଚେତନା । ଆତ୍ମଚେତନାରେ ପ୍ରତିଷ୍ଠିତ ହେଲେ ପ୍ରକୃତିର ଖେଳକୁ ଜଣେ ସାକ୍ଷୀ ଭାବରେ ଦେଖେ କିନ୍ତୁ ଏହି ଖେଳରେ ଜଡ଼ିତ ହୁଏ ନାହିଁ । ଅର୍ଥାତ୍ ଦୁଃଖ ଓ ସୁଖକୁ ଅନୁଭବ କରେ । କିନ୍ତୁ ନିଜେ ଅତି ଦୁଃଖୀ ବା ଅତି ଖୁସି ହୁଏ ନାହିଁ । ଯାହାକୁ ସ୍ଥିତପ୍ରଜ୍ଞ ବୋଲି କୁହାଯାଏ । ଥରେ ଏହି କଥାକୁ ସ୍ୱାମୀ ଶ୍ରୀଆତ୍ମାନନ୍ଦ ତାଙ୍କର ପ୍ରବଚନରେ ମନୁଷ୍ୟମାନଙ୍କୁ ସଂସାରର ଚଳଣି ଉପରେ ତାଙ୍କର ବ୍ୟାଖ୍ୟା ରଖିଥିଲେ ।

**ପ୍ଲଟ ନଂ ୨୫,ସୂର୍ଯ୍ୟ ନଗର ,ଭୁବନେଶ୍ୱର**
**ମୋ-୯୪୩୭୦୮୪୩୧୨**

## ସ୍ଥାୟୀତ୍ୱ ସପ୍ତାହ ୨୦୨୬ ମାଧ୍ୟମରେ

# ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ଏଏମ୍/ ଏନ୍‌ଏସ୍ ଇଣ୍ଡିଆ

ଭୁବନେଶ୍ୱର, (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଓଡ଼ିଶାର ବିଭିନ୍ନ କାର୍ଯ୍ୟସ୍ଥଳରେ ସ୍ଥାୟୀତ୍ୱ ସପ୍ତାହ ପାଳନ କରିଛି। ଏହି ଅବସରରେ ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମର ଚଳିତ ବର୍ଷର ବିଶ୍ୱସ୍ତରୀୟ ଥିମ୍"କ୍ଲାଇମେଟ୍ ଆକ୍ସନ୍ - ଇନ୍ସପାୟାର୍ଡ ବାଇ ନେଚର୍। ଫର୍ କ୍ଲାଇମେଟ୍ ଫର୍ ଆୱାର ଫ୍ୟୁଚର୍।" ଅନୁଯାୟୀ ପରିବେଶ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ପ୍ରଭାବଶାଳୀ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ବିଶ୍ୱ ପରିବେଶ ଦିବସ ଅବସରରେ ପାରାଦ୍ୱୀପସ୍ଥିତ ପେଲେଟ ପ୍ଲାଣ୍ଟରେ ଏକ ବୃହତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ପରେ ବାଲିଡିଆ ଅଞ୍ଚଳର ନୂଆଗଡ଼ ପଞ୍ଚାୟତ ନିକଟରେ ସମୁଦାୟ ସଦସ୍ୟମାନଙ୍କୁ ୪୦୦ଟି ଫଳଦାୟକ ଚାରା ବଣ୍ଟନ କରାଯାଇଥିଲା। ସପ୍ତାହର ପରବର୍ତ୍ତୀ ପର୍ଯ୍ୟାୟରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପାରାଦୀପ ପୌରପାଳିକା




ସହଯୋଗରେ ପାରାଦୀପ ବେଳାଭୂମିରେ ଏକ ବୃହତ ସମୁଦ୍ରତଟ ସଫେଇ ଅଭିଯାନ ଆୟୋଜନ କରିଥିଲା। ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ଥାନୀୟ ନାଟ୍ୟ ଦଳ 'ଆୱାଜ୍' ଦ୍ୱାରା ଜଳବାୟୁ ପରିବର୍ତ୍ତନ ଉପରେ ଏକ ନୁକ୍କଡ଼ ନାଟକ ପ୍ରଦର୍ଶନ କରାଯାଇଥିଲା। ଏହା କାରଖାନା ପରିସର ଏବଂ ନୂଆଗଡ଼ ପଞ୍ଚାୟତ ଉଭୟ ସ୍ଥାନରେ ମଞ୍ଚସ୍ଥ ହୋଇଥିଲା। କାରଖାନା ପରିସରରେ ପ୍ରତିଦିନ ୧୫୦ କିଲୋଗ୍ରାମ ଜୈବ ବର୍ଜ୍ୟ ପ୍ରକ୍ରିୟାକରଣ କ୍ଷମତାସମ୍ପନ୍ନ ଏକ ଅର୍ଗାନିକ୍ ୱେଷ୍ଟ କମ୍ପୋଷ୍ଟରର ଉଦ୍ଘାଟନ ମଧ୍ୟ କରାଯାଇଥିଲା। ଏହି ସପ୍ତାହରେ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ ଅଭିଯାନ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, କୁଇଜ୍ ଏବଂ ପୋଷ୍ଟର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

ସମାପନୀ ଉତ୍ସବରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ଅବଦାନ ପାଇଁ ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବିଭିନ୍ନ କାର୍ଯ୍ୟକ୍ରମରେ ଏସପିସିବି ପାରାଦୀପର ଆଞ୍ଚଳିକ ଅଧିକାରୀ ଶ୍ରୀମତୀ ବିବେଚିତା ଷଡ଼ଙ୍ଗୀ, ପରିବେଶ ଯନ୍ତ୍ରୀ ଦିବ୍ୟଲୋଚନ ମହାପାତ୍ର, ପାରାଦୀପ ପୌରପାଳିକାର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆର, ଓଡ଼ିଶା ଅପରେସନ୍ସ ମୁଖ୍ୟ ୟୁ.ଏସ୍.ଆର୍. ରାଜୁ, ପ୍ଲାଣ୍ଟ ହେଡ୍, ପାରାଦୀପ ପେଲେଟ ପ୍ଲାଣ୍ଟ, ଏସପିଏଲ୍ ଏବଂ ପାରାଦୀପ ପୋର୍ଟ ସି.ଏଚ୍. ହରି ପ୍ରସାଦ, ପାରାଦୀପ ପାୱାର ପ୍ଲାଣ୍ଟ ମୁଖ୍ୟ ରାଜର୍ଷି ସିହ୍ନା, ଓଡ଼ିଶା ଆସେଟ୍‌ର ଏଚ୍‌ଆର୍‌ଏବଂ ଆଇଆର୍ ମୁଖ୍ୟ ସୁନୀଲ ଦାସ, ଓଡ଼ିଶା ଆସେଟ୍‌ର ପରିବେଶ ମୁଖ୍ୟ ସୁଭେନ୍ଦୁ କୁମାର ଦାଶ,ଏବଂ ପାରାଦୀପର ପରିବେଶ ବିଭାଗ ପରିଚାଳକ ଦେବଦତ୍ତ ଦାସ ଉପସ୍ଥିତ ଥିଲେ। ଡାବୁନା ବେନିଫିସିଏସନ୍ ପ୍ଲାଣ୍ଟରେ ମଧ୍ୟ ସ୍ଥାୟୀତ୍ୱ ସପ୍ତାହ ପାଳନ ଅବସରରେ ବୃକ୍ଷରୋପଣ ଏବଂ ଚାରା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ପରେ କାରଖାନା ପରିସର ଏବଂ ନିକଟସ୍ଥ ସମୁଦାୟମାନଙ୍କ ମଧ୍ୟରେ ନୁକ୍କଡ଼ ନାଟକ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏଏମ୍/ଏନଏସ୍ ଇଣ୍ଡିଆର ଡାବୁନା ବେନିଫିସିଏସନ୍ ପ୍ଲାଣ୍ଟ ମୁଖ୍ୟ ଜୟବର୍ଦ୍ଧନ ପରୋହା, ଲଜିଷ୍ଟିକ୍ସ ମୁଖ୍ୟ ଜୟ କିଶନ ଶର୍ମା ଏବଂ ପ୍ରୋଜେକ୍ଟ ମୁଖ୍ୟ ଅଜିତ ସିଂହ ଉପସ୍ଥିତ ଥିଲେ।

# ମହାନଦୀବିହାରରେ ରଜ ମହୋତ୍ସବ ଉଦ୍‌ଯାପିତ

କଟକ, (ସ୍ୱପ୍ର) : କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଆୟୋଜନରେ ମହାନଦୀ ବିହାର ଡେଭେଲପମେଣ୍ଟ ଆସୋସିଏସନ (ଏମଡିଏ) ଏବଂ ମହାନଦୀ ବିହାର ମହିଳା ସମିତିର ସହଭାଗିତାରେ ମହାନଦୀବିହାର ଜଗନ୍ନାଥ ଉଦ୍ୟାନ ପରିସରରେ ତିନି ଦିନିଆ ରଜ ମହୋତ୍ସବ-୨୦୨୬ର ଉଦଯାପିତ ହୋଇଯାଇଛି । କାର୍ଯ୍ୟକ୍ରମଟି ଏମଡିଏ ସଭାପତି ସଞ୍ଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏମଡିଏ ସମ୍ପାଦକ ହିମାଂଶୁ ସଢଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ । ଏଥିରେ ସିଏମସି କମିଶନର କିରଣ ଦୀପ କୌର ସହୋତା ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ସିଡିଏ ସଦସ୍ୟ ତଥା ସିଏମସି ସିଟି ଇଂ. ଅତନୁ କୁମାର ସାମନ୍ତ, ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ଏସିପି ସୁଧାଂଶୁ ଜେନା, ବିଜେପି ନେତା ପ୍ରମୋଦ ସାହୁ, ଜ୍ୟୋତି ରଞ୍ଜନ ରାୟ, କର୍ପୋରେଟର ଇଂ. ସୁବ୍ରତ ଘଡାଇ ପ୍ରମୁଖ ଯୋଗଦେଇ ପାରମ୍ପରିକ ପର୍ବ ଆୟୋଜକମାନଙ୍କୁ



ପ୍ରଶଂସା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏମଡିଏ ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ସହ-ସମ୍ପାଦକ ଜ୍ଞାନ ଦାସ, କୋଷାଧ୍ୟକ୍ଷ ପ୍ରଭାକର ରଣା, ରବୀନ୍ଦ୍ର ତ୍ରିପାଠୀ, ରବିନାରାୟଣ ଶତପଥି, ବିଷ୍ଣୁ ନାୟକ, ଶରତ ଚନ୍ଦ୍ର କୁଣ୍ଡୁ ଏବଂ ଆହୁରି ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡିଶୀ ନୃତ୍ୟଶିଳ୍ପୀ ଅଭ୍ୟର୍ଥନା ସାମନ୍ତଙ୍କ ଦ୍ୱାରା ପରିବେଷଣ ହୋଇଥିବା ଓଡିଶୀ ନୃତ୍ୟ ବେଶ ଚିତାକର୍ଷକ ଥିଲା । ସାଇ ସୌରଭ ଜେନାଙ୍କ ଦ୍ୱାରା କାର୍ଯ୍ୟକ୍ରମର ମଞ୍ଚ ଉପସ୍ଥାପନା, ସଂଯୋଜନା ଓ କୁଇଜ ପ୍ରତିଯୋଗିତା ବେଶ୍ ଆକର୍ଷଣୀୟ କରିଥିଲା ।

## ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂଆ ପାଠ୍ୟ ପୁସ୍ତକରେ ମାଳ ମାଳ ଭୁଲ୍

# ଓଡ଼ିଆ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରୁଛନ୍ତି ସରକାର : ବିଜେଡି

ଭୁବନେଶ୍ୱର: (ସବ୍ୟୁ): ନୂତନ କରି ପ୍ରକାଶ ପାଇଥିବା ଓଡ଼ିଆ ପାଠ୍ୟପୁସ୍ତକରେ ବିରାଟ ତ୍ରୁଟି ହୋଇଛି। ଯାହାକି ଓଡିଆ ଅସ୍ମିତାର ଦ୍ୱାହି ଦେଉଥିବା ସରକାର ଓଡ଼ିଆ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରୁଥିବାର ଅଭିଯୋଗ କରିଛି ବିଜେଡ଼ି। ନୂତନ ଏନଇପି-୨୦୨୦ ଅନୁସାରେ ପ୍ରକାଶ ହୋଇଥିବା ଓଡ଼ିଆ ମାଧ୍ୟମ ପାଠ୍ୟପୁସ୍ତକରେ ଅଭୂତପୂର୍ବ ଓ ଲଜ୍ଜାଜନକ ତ୍ରୁଟି ହୋଇଛି। ଏନେଇ ବିଜେଡି ପକ୍ଷରୁ ଆହୂତ ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କୁ ତୀବ୍ର ନିନ୍ଦା କରାଯାଇଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ ଲେନିନ୍ ମହାନ୍ତି ଏହି ପାଠ୍ୟପୁସ୍ତକ ଗୁଡ଼ିକୁ "ଜାତୀୟ ଲଜ୍ଜା" ବୋଲି କହିଛନ୍ତି। ଓଡିଆ ଅସ୍ମିତା ପ୍ରତି କୋଠର ଆଘାତ କରିବା ସହ ଓଡ଼ିଆ ଭାଷା, ସଂସ୍କୃତି ଏବଂ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଉପରେ ସିଧା ଆକ୍ରମଣ ବୋଲି ମତପ୍ରକାଶ କରିଛନ୍ତି। ଓଡ଼ିଶା ପାଠ୍ୟକ୍ରମ ୨୦୨୫ ଅନୁସାରେ ଏସ୍‌ସିଇଆର୍‌ଟି ଓଡ଼ିଶା ଦ୍ୱାରା ପ୍ରସ୍ତୁତ ନୂତନ ପାଠ୍ୟପୁସ୍ତକରେ ଶ୍ରେଣୀ ୧ରୁ ୮ ପର୍ଯ୍ୟନ୍ତ ପ୍ରାୟ ୧୬୭୮ଟି ତ୍ରୁଟି ଚିହ୍ନଟ ହୋଇଛି। ସର୍ବାଧିକ ୭୦୫ଟି ତ୍ରୁଟି କେବଳ ଶ୍ରେଣୀ ୮ ପୁସ୍ତକରେ ରହିଛି। ଏଥିରେ ଜିଜ୍ଞାସାରେ ୨୯୪, ସଂସ୍କୃତରେ ୧୧୪, ସାମାଜିକ ବିଜ୍ଞାନରେ ୨୫, ସାହିତ୍ୟରେ ୩୧ ଏବଂ ଇଂରାଜୀ ଓ ଗଣିତରେ ମଧ୍ୟ ଉଲ୍ଲେଖନୀୟ ଭୁଲ୍ ରହିଛି। ଯାହାକି ଓଡିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ନଷ୍ଟ କରିବା ସହ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ଓଡ଼ିଶାର ପବିତ୍ର ନିୟମଗିରି ପାହାଡ଼କୁ ଝାରଖଣ୍ଡରେ ବୋଲି ଉଲ୍ଲେଖ ହୋଇଛି। ଗଞ୍ଜାମ ଜିଲ୍ଲାକୁ ବ୍ରହ୍ମପୁର ଜିଲ୍ଲା କୁହାଯାଇଛି। ଡ ଲେନିନ୍ ମହାନ୍ତି କହିଛନ୍ତି, "ଏଗୁଡ଼ିକ ଛୋଟ କିମ୍ବା ପରୀକ୍ଷା ମୂଳକ ତ୍ରୁଟି ନୁହେଁ। ଏହା ପିଲାଙ୍କୁ ସେମାନଙ୍କର ଇତିହାସ, ଭୂଗୋଳ, ସଂସ୍କୃତି ଓ ପରିଚୟ ବିଷୟରେ ତ୍ରୁଟି ପୂର୍ଣ୍ଣ ତଥ୍ୟ ପ୍ରଦାନ କରି ଭ୍ରାନ୍ତି ସୃଷ୍ଟି କରିବ। ତେଣୁକରି ପଦକ୍ଷେପ ଗ୍ରହଣ କରିବାକୁ ବିଜେଡି ଦାବି କରିଛନ୍ତି। ସବୁ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ତୁରନ୍ତ ପ୍ରତ୍ୟାହାର କରିବା, ପ୍ରସ୍ତୁତି ଓ ପ୍ରୁଫ୍ ରିଡିଂରେ ହୋଇଥିବା ଅବହେଳାର ଉଚ୍ଚସ୍ତରୀୟ ତଦନ୍ତ, ଦାୟୀ ଅଧିକାରୀ ଓ ମନ୍ତ୍ରୀଙ୍କ ଯାଞ୍ଚ, ଆଗାମୀ ଶୈକ୍ଷିକ ବର୍ଷ ପୂର୍ବରୁ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ପ୍ରକାଶ କରିବାକୁ ଦାବି କରିଛନ୍ତି।

## ଶୀତଳ ଷଷ୍ଠୀ ଯାତ୍ରା ପାଇଁ ସମ୍ବଲପୁର ସହରରେ

# ବିଦ୍ୟୁତ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କଲା ଟିପିଡବ୍ଲୁଓଡିଏଲ୍

ଭୁବନେଶ୍ୱର (ସବ୍ୟୁ): ପଶ୍ଚିମ ଓଡ଼ିଶାର ସର୍ବାଧିକ ଲୋକପ୍ରିୟ ଓ ଆଧ୍ୟାତ୍ମିକ ମହତ୍ତ୍ୱ ବହନ କରୁଥିବା ପର୍ବ ଶୀତଳ ଷଷ୍ଠୀ ପାଳନ ଅବସରରେ ସମ୍ବଲପୁର ସହରରେ ଲକ୍ଷାଧିକ ଶ୍ରଦ୍ଧାଳୁ ସମାଗମକୁ ଦୃଷ୍ଟିରେ ରଖି ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ବ୍ୟାପକ ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ୀକରଣ ଓ ଅନେକ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଶୋଭାଯାତ୍ରା ମାର୍ଗ ଏବଂ ପ୍ରମୁଖ ଜନସମାଗମ ସ୍ଥଳୀ ଯଥା ନନ୍ଦପଡ଼ା, ଝାଉଆପଡ଼ା, ଫେଜର୍ କ୍ଲବ, ଲଡ୍ଡୋଲିଆ, ମୁଦିପଡ଼ା, ପାଣି ଟାଙ୍କି, ପଟ୍ଟନାୟକପଡ଼ା, ଠେଲକୋପଡ଼ା, ଗୋଲ ବଜାର ଅଞ୍ଚଳରେ ନିରାପଦ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ବିରତଣ କମ୍ପାନୀ ପକ୍ଷରୁ ୭୬ଟି ଲୁହା ବିଦ୍ୟୁତ୍ ଖୁଣ୍ଟ (ଜଏଷ୍ଟ ପୋଲ୍) ଏବଂ ୬୫ଟି କଂକ୍ରିଟ୍ ବିଦ୍ୟୁତ୍ ଖୁଣ୍ଟ (ପିଏସସି ପୋଲ) ସ୍ଥାପନ କରାଯାଇଛି । ଏହାସହ ପ୍ରାୟ ୧୬ ସର୍କିଟ କିଲୋମିଟର ଏଲ୍‌ଟି ଏବି କେବୁଲ ବିଛାଇବା କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଛି । ଯାହା ଶୋଭାଯାତ୍ରାର ସୁରକ୍ଷିତ ଗତିବିଧି ନିର୍ଦ୍ଧାରଣ କରିବା ସହିତ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ପାଇଁ ଆବଶ୍ୟକୀୟ କ୍ଲିୟାରେନ୍ସ ବୃଦ୍ଧି କରୁଛି ।

ଜନସାଧାରଣଙ୍କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ୧୫ଟି ଅଧିକ ଜନଗହଳିପୂର୍ଣ୍ଣ ସ୍ଥାନରେ ବିତରଣ ଟ୍ରାନ୍ସଫର୍ମର (ଡିଟିଆର୍) ଚାରିପାଖରେ ସୁରକ୍ଷା ବାଡ଼ (ଫେନ୍ସିଂ) ବ୍ୟବସ୍ଥା କରାଯାଇଛି । ଏଥିସହ ଶୋଭାଯାତ୍ରା ମାର୍ଗରେ ଥିବା ୩୨୮ଟି ବିଦ୍ୟୁତ ଖୁଣ୍ଟର ସ୍ୱତନ୍ତ୍ର ସଫେଇ ଓ ଯାଞ୍ଚ କାର୍ଯ୍ୟ କରାଯାଇଛି । ଅସୁରକ୍ଷିତ କେବୁଲ ଗୁଡ଼ିକୁ ହଟାଇ ଅନୁମୋଦିତ ଇନସୁଲେଟେଡ୍ କେବୁଲ ଲଗାଯାଇଥିବାବେଳେ ସମସ୍ତ ଖୁଣ୍ଟରେ ଡିଷ୍ଟ୍ରିବ୍ୟୁସନ୍ ବକ୍ସ (ଡିବି) ସ୍ଥାପନ କରାଯାଇଛି । ଫଳରେ ବିଦ୍ୟୁତ୍ ବ୍ୟବସ୍ଥାର ସୁରକ୍ଷା ଓ ବିଶ୍ୱସନୀୟତା ବୃଦ୍ଧି ପାଇବା ସହ ସହରର ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ପାଇଛି । ପର୍ବ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବା ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସ୍ୱତନ୍ତ୍ର ଟିମ୍‌ଗୁଡ଼ିକୁ ୨୪ ଘଣ୍ଟିଆ ଡ୍ୟୁଟିରେ ନିୟୋଜିତ କରାଯାଇଛି । ଯେକୌଣସି ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ଦୁଇଟି ମୋବାଇଲ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର ମଧ୍ୟ ପ୍ରସ୍ତୁତ ରଖାଯାଇଛି । ଏହି ଅବସରରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, "ଶୀତଳ ଷଷ୍ଠୀ କେବଳ ଏକ ପର୍ବ ନୁହେଁ; ଏହା ଏକ ଭାବନା ଯାହା ପଶ୍ଚିମ ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କୁ ଏକାଠି କରିଥାଏ । ଏହି ପବିତ୍ର ପର୍ବ ଅବସରରେ ଶ୍ରଦ୍ଧାଳୁମାନେ ଯେପରି ସୁରକ୍ଷିତ ପରିବେଶରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇପାରିବେ, ସେଥିପାଇଁ ଆମ ଟିମ୍ ବ୍ୟାପକ ପ୍ରସ୍ତୁତି କରିଛି। ଉତ୍ସବ ସମୟରେ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ଓ ଜନସୁରକ୍ଷା ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା। ଗ୍ରାହକମାନଙ୍କୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ପ୍ରଦାନ କରିବା ସହ ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ପାଇଁ ଟିପିଡବ୍ଲୁଓଡିଏଲ୍ ସଦାସର୍ବଦା ପ୍ରତିବଦ୍ଧ ।

# ଓଡ଼ିଶା ଆମ ପରିବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରଜ ମହୋତ୍ସବ

ଭୁବନେଶ୍ୱର (ସବ୍ୟୁ): ଓଡିଶା ଆମ ପରିବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରଜ ମୋହତ୍ସବ ୨୦୨୬ ୱାର୍ଡ ନଂ ୧୮ ରେ ମହା ସମାରୋହରେ ପାଳନ କରାଯାଇ ଅଛି । ଏଥିରେ ରଜ ଦୋଳି, ପୋଡ଼ ପିଠା, ରଜ ପାନ ଓ ବିଭିନ୍ନ ପ୍ରକାରର ନାଚ ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଓଡ଼ିଶାର ବାର ମାସରେ ତେର ପର୍ବ ମଧ୍ୟରୁ ରଜ ପର୍ବ ଅନ୍ୟତମ । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାରଙ୍କ ସହାୟତାରେ ମହା ସମାରୋହ ରେ ପାଳନ କରାଯାଇ ଅଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ନିରଞ୍ଜନ ରାଉତରାୟ ରାଜ୍ୟ କୃଷକ ମୋର୍ଚ୍ଚା ର ଉପସଭାପତି, ଯଜ୍ଞାଶିଷ ମହାପାତ୍ର ରୋଟାରୀଆନ, ରବୀନ୍ଦ୍ର ଜଗଦେବ, ପ୍ରଶାନ୍ତ ଶ୍ରୀଚନ୍ଦନ ରାୟ, ଏକାଦଶୀ ବେହେରା, ନଳିନୀ ମନ୍ତ୍ରୀ, ମମତା ସ୍ୱାଇଁ, ପାର୍ବତୀ ବିଶ୍ୱାଳ, ରଶ୍ମିତା ପତ୍ର, ଶୁଭଲକ୍ଷ୍ମୀ ବାରିକ, ମହିଳା ସମାଜସେବୀ, ଛୋଟ ଛୋଟ ପିଲାମାନେ ରଜ ଦୋଳି ର ମଜା ନେଇଥିଲେ । ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଓଡିଶା ଆମ ପରିବାର ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ । ବିଚିତ୍ରାନନ୍ଦ ଖୁଣ୍ଟିଆ ପରିଚାଳନା କରିଥିଲେ ।

# ଜୁଆଆଡ୍ଡାରେ ଚଢ଼ାଉ, ୭ ଗିରଫ

ଚୌଦ୍ୱାର,(ସ.ବ୍ୟୁ.) : ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ପଦାଗାଁ ନିକଟରେ ଜୁଆଖେଳ ଚାଲିଥିବା ନେଇ ବିଶେଷସୂତ୍ରରୁ ଖବର ପାଇ ପୋଲିସ୍ ସେଠାରେ ଚଢ଼ାଉ କରିବା ସହ ଘଟଣାସ୍ଥଳରୁ ୭ଜଣଙ୍କୁ ଗିରଫ୍ କରିଥିବା ଜଣାପଡ଼ିଛି । ସେମାନଙ୍କ ନିକଟରୁ ଖେଳରେ ବ୍ୟବହୃତ ତାସ, ନଗଦ ୨୨,୩୩୦ଟଙ୍କା, ଗୋଟିଏ ଜରିପାଲ ଏବଂ ୨ଟି ଓପୋ ମୋବାଇଲ ଜବତ କରାଯାଇଛି । ଗିରଫ୍ ସମସ୍ତ ଅଭିଯୁକ୍ତ ଦିୱାନୀପାଟଣା ଅଂଚଳର ହୋଇଥିବା ବେଳେ ସେମାନେ ହେଲେ ସୁକାନ୍ତ ଜେନା (୨୯), କାହ୍ନୁ ବେହେରା (୪୩), କାଳନ୍ଦୀ ରାଉତ (୪୦), ନାରାୟଣ ପ୍ରଧାନ (୪୩), ଗୋଲକ ବସ୍ତିଆ (୪୫), ପ୍ରମୋଦ ରାଉତ (୫୩) ଓ ଦିବାକର ମହାନ୍ତି (୫୩) । ଏ ନେଇ ଚୌଦ୍ୱାର ଥାନାରେ କେସ୍ ନଂ.୩୯୨ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଜନୀକାନ୍ତ ଦାସ ସୂଚନା ପ୍ରଦାନ କରିଛନ୍ତି ।

## ଚାରୋଟି ସ୍ୱାଧୀନ କମ୍ପାନୀକୁ ବିଏସ୍‌ଇ ଏବଂ ଏନଏସଇରେ ତାଲିକାଭୁକ୍ତ କରି

# ଏକ ନୂତନ ଇତିହାସ ସୃଷ୍ଟି କଲା ବେଦାନ୍ତ

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଗ୍ରୁପ୍ ବିଏସ୍ ଇ (ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ) ଏବଂ ଏନ୍‌ଏସଇ (ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ) ରେ ଚାରୋଟି ନୂତନ କମ୍ପାନୀକୁ ତାଲିକାଭୁକ୍ତ କରି ଭାରତୀୟ କର୍ପୋରେଟ୍ ଇତିହାସରେ ଏକ ନିର୍ଣ୍ଣାୟକ ମାଇଲଖୁଣ୍ଟ ଚିହ୍ନିତ କରିଛି। ଏହି ଐତିହାସିକ ତାଲିକାଭୁକ୍ତ ରଣନୈତିକ ଧାତୁ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଆଲୁମିନିୟମ, ତୈଳ ଏବଂ ଗ୍ୟାସ, ଶକ୍ତି ଏବଂ ଲୁହା ଏବଂ ଇସ୍ପାତ କ୍ଷେତ୍ରକୁ ବିସ୍ତାରିତ କେନ୍ଦ୍ରିତ, ବିଶ୍ୱସ୍ତରୀୟ ବ୍ୟବସାୟର ଏକ ପୋର୍ଟଫୋଲିଓ ସୃଷ୍ଟି କରେ। ଏହି ବ୍ୟବସାୟ ଗୁଡ଼ିକ ଭାରତର ଦୀର୍ଘକାଳୀନ ଶିଳ୍ପ, ଭିତ୍ତିଭୂମି ଏବଂ ସ୍ୱାବଲମ୍ବନ ବ କେନ୍ଦ୍ରରେ ଅବସ୍ଥିତ। ବେଦାନ୍ତ ଆଲୁମିନିୟମ, ବେଦାନ୍ତ ତୈଳ ଏବଂ ଗ୍ୟାସ, ବେଦାନ୍ତ ଲୌହ ଏବଂ ଷ୍ଟିଲ୍ ଏବଂ ବେଦାନ୍ତ ପାୱାରର ତାଲିକାଭୁକ୍ତକରଣ, ମୂଲ୍ୟ ଅନଲକ୍ କରିବା, ବ୍ୟବସାୟିକ ଧ୍ୟାନକୁ ତୀକ୍ଷ୍ଣ




କରିବା ଏବଂ ବିଶ୍ୱସ୍ତରୀୟଅର୍ଥନୈତିକ ଏବଂ ଉତ୍ପାଦନ ଶକ୍ତିହାଉସ୍ ଭାବରେ ଭାରତର ଉଦୟ ସହିତ ସମନ୍ୱିତ କ୍ଷେତ୍ର ନେତା ସୃଷ୍ଟି କରିବା ପାଇଁ ଏକ ଭବିଷ୍ୟତ-ପ୍ରସ୍ତୁତ ପରିବର୍ତ୍ତନର ପରିଣାମକୁ ପ୍ରତିନିଧିତ୍ୱ କରେ। ଏହି ନୂତନ ତାଲିକାଭୁକ୍ତ ସଂସ୍ଥାଗୁଡ଼ିକ ଆଜି ବେଦାନ୍ତ ଲିମିଟେଡ୍ ସହିତ ବାଣିଜ୍ୟ ଆରମ୍ଭ କରୁଛନ୍ତି, ଯାହା ହିନ୍ଦୁସ୍ତାନ ଜିଙ୍କ ଦ୍ୱାରା ସଂଯୁକ୍ତ ଗୋଷ୍ଠୀର ପ୍ରମୁଖ ତାଲିକାଭୁକ୍ତ ସଂସ୍ଥା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ୟବସାୟର ଏକ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପୋର୍ଟଫୋଲିଓ ଅଟେ। ତାଲିକାଭୁକ୍ତ ସମାରୋହରେ ଭାଷଣ ଦେଇ, ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ କହିଛନ୍ତି: "ଆଜି ବେଦାନ୍ତ ପାଇଁ ଏକ ଐତିହାସିକ ଦିନ, ଏବଂ ମୋ ପାଇଁ ଏକ ଗଭୀର ଭାବପ୍ରବଣ ଦିନ। ୨୪ ବର୍ଷ ପୂର୍ବେ, ବେଦାନ୍ତ ଲଣ୍ଡନ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହୋଇଥିବା ପ୍ରଥମ ଭାରତୀୟ କମ୍ପାନୀ ହୋଇଥିଲା ଏବଂ ଏକ ଏଫଟିଏସଇ୧୦୦ କମ୍ପାନୀ ହୋଇଥିଲା। ସେହି ଦିନ ଆମେ ଯେଉଁ ବୀଜ ବୁଣିଥିଲୁ ତାହା ଏକ ବିଶାଳ ବଟବୃକ୍ଷରେ ପରିଣତ ହୋଇଛି, ଏବଂ ଏହା ତଳେ ପାଳନ କରାଯାଇଥିବା ଚାରାଗୁଡ଼ିକ ଏବେ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ବିଶାଳ ହେବାକୁ ଏବଂ ଭାରତର ଦ୍ରୁତ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାକୁ ପ୍ରସ୍ତୁତ।

# ୪୬ ବର୍ଷରେ ୬୬ ଥର ରକ୍ତ ଦାନ କଲେଣି ସାହିତ୍ୟିକ

କଟକ,(ସବ୍ୟୁ) : ଅଗ୍ରଣୀ ସାମାଜିକ ସଙ୍ଗଠନ ରମା ଦେବୀ ସେବା ସଂଗଠନର ବରେଣ୍ୟ ସଂପାଦକ ମହାନ୍ ସମାଜସେବୀ ରକ୍ତଦାତା ଖ୍ୟାତି ସମ୍ପନ୍ନ ସାହିତ୍ୟିକ ଇଂ.ଗୋପାଳ କୃଷ୍ଣ ଦାସ ୪୬ ବର୍ଷ ବୟସରେ ୬୬ ଥର ରକ୍ତଦାନ କରି ରକ୍ତଦାନ ଆନ୍ଦୋଳନର ଏକ କ୍ରାନ୍ତିକାରୀ ବଳିଷ୍ଠ ଆହ୍ୱାନ ସୃଷ୍ଟି କରିଛନ୍ତି । ସେ ଅସହାୟ ଲୋକମାନଙ୍କ ସେବା,କର୍କଟ ରୋଗୀଙ୍କୁ ସେବା ସହଯୋଗ,ରକ୍ତଦାନ ଶିବିର,ଅଙ୍ଗଦାନ ସଚେତନତା, ପରିବେଶ ସୁରକ୍ଷା,କମ୍ବଳ ଓ ଖାଦ୍ୟ ବଣ୍ଟନ,ନିୟମିତ ଏସସିବି କଟକ,ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର କଟକ ସହ ରାଜଧାନୀର ବିଭିନ୍ନ ଚିକିତ୍ସାଳୟ ମାନଙ୍କରେ ରୋଗୀଙ୍କୁ ରକ୍ତ ଯୋଗାଇବା ସହ ସେବା ସହାୟତା ପ୍ରଦାନ କରନ୍ତି । ସେ ନିଜ ଜନ୍ମ ଦିନ ଓ ବିବାହ ବାର୍ଷିକରେ ରକ୍ତଦାନ ଶିବିର ଆୟୋଜନ କରନ୍ତି ଯାହା କି ନିଆରା ସେବା କାର୍ଯ୍ୟ । ମାନବ ସମାଜ ପାଇଁ ତାଙ୍କ ବଳିଷ୍ଠ ଆହ୍ୱାନ ହେଉଛି "ନିଜେ ବଞ୍ଚିବା ସହ ସମାଜ ପାଇଁ କିଛି ଭଲ କାର୍ଯ୍ୟ କରିବା" । ତାଙ୍କ ଏହି ମହତ୍ ସେବା କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି । ସୂଚନାଯୋଗ୍ୟ ବରୀ ମାଟିର କୃତୀ ସନ୍ତାନ ବହୁମୁଖୀ ପ୍ରତିଭା ଗବେଷକ ଗୋପାଳ କୃଷ୍ଣ ସାହିତ୍ୟ ସେବା,ସଂସ୍କୃତି ସୁରକ୍ଷା, ଜନ ସଚେତନତା, ରକ୍ତଦାନ,ପରିବେଶ ସୁରକ୍ଷା ଓ ସମାଜସେବା ଦିଗରେ ନିଜର ସାଧନା ଜାରୀ ରଖି ଜଣେ ପ୍ରେରଣାଦାୟୀ ଓ ଉଦାହରଣୀୟ ବ୍ୟକ୍ତିତ୍ୱ ଭାବେ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ।

# ସ୍ଥାଣୁ ପାଲଟିଛି କମିଶନରେଟ ପୋଲିସ ବରିଷ୍ଠ ନାଗରିକ ସୁରକ୍ଷା ସେଲ

ଭୁବନେଶ୍ୱର (ପ୍ରଦୀପ୍ତ କୁମାର ଦାସ) ସ୍ଥାଣୁ ପାଲଟିଛି କମିଶନରେଟ ପୋଲିସ ସିନିଅର ସିଟିଜେନ ସିକ୍ୟୁରିଟି ସେଲ ତଥା ବରିଷ୍ଠ ନାଗରିକ ସୁରକ୍ଷା ସେଲ। ଅଛି ଖାଲି ନାଆଁକୁ ମାତ୍ର କାଗଜ ପତ୍ରରେ।ମାତ୍ର ବାସ୍ତବତା ଠାରୁ ବେଶ୍ ଦୂରେଇ ଯାଇଛି ଏହି ସରକାରୀ ସେବା ବ୍ୟବସ୍ଥା। ହେଲେ ଏଥିପ୍ରତି କାହାର ନିଘାଥିବା ଭଳି ମନେ ହେଉ ନାହିଁ। ଦ୍ୱୈତନଗରୀ(ଭୁବନେଶ୍ୱର ଓ କଟକ) ସହରାଞ୍ଚଳରେ ବସବାସ କରୁଥିବା ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ କଲ୍ୟାଣ ନିମନ୍ତେ ଏହି ବ୍ୟବସ୍ଥା ପ୍ରଚଳନ କରାଯାଇଛି। ହେଲେ ଏହାର ବାସ୍ତବଚିତ୍ର କିନ୍ତୁ ଭିନ୍ନ।ସହରାଞ୍ଚଳ ପୋଲିସ ସେବା ଯୋଗାଣ କ୍ଷେତ୍ରରେ ଏହି ଗୁରୁତ୍ୱପୂର୍ଣ୍ଣ ସେବା ବ୍ୟବସ୍ଥା ଅନ୍ତର୍ଭୁକ୍ତ ହୋଇଥିଲେହେଁ ଆବଶ୍ୟକ କର୍ମଚାରୀଙ୍କ ଅଭାବ ଯୋଗୁଁ ଏହା ଫଳପ୍ରଦ ହୋଇପାରୁନାହିଁ ବୋଲି କୁହାଯାଉଛି।ତେବେ କଦବାକ୍ୱଚିତ କମିଶନରେଟ ପୋଲିସ ପକ୍ଷରୁ ଏକ୍ଷେତ୍ରରେ କିଛିଟା କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲେହେଁ ତାହା କେବଳ ଧର୍ମକୁ ଠାର ବୋଲି ଅଭିଯୋଗ ହୋଇଛି।ସେଥିପାଇଁ ଏହି ବ୍ୟବସ୍ଥାରେ ପଞ୍ଜୀକୃତ ହୋଇଥିବା ଅଧିକାଂଶ ବରିଷ୍ଠ ନାଗରିକ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ବ୍ୟବସ୍ଥାରେ ପଞ୍ଜିକୃତ ବରିଷ୍ଠ ନାଗରିକମାନଙ୍କୁ ବିଶେଷ ସୁରକ୍ଷା ତଥା ନିରାପତ୍ତା ପ୍ରଦାନ କରିବା ଉଦ୍ଦେଶ୍ୟରେ,କମିଶନରେଟ ପୋଲିସ ପକ୍ଷରୁ ଦ୍ୱୈତ ନଗରୀ ଭୁବନେଶ୍ୱର ଓ କଟକର ସମସ୍ତ ଥାନାରେ 'ବରିଷ୍ଠ ନାଗରିକ ସୁରକ୍ଷା ସେଲ୍'(ଏସସିଏସସି ) ଆରମ୍ଭ କରାଯାଇଥିଲା। ତେବେ ଥାନା ସ୍ତରରେ ପ୍ରତ୍ୟେକ ସେଲ୍‌ର ନେତୃତ୍ୱ ଜଣେ ଜଣେ ଏସ.ଆଇ ପାହ୍ୟାର ପୋଲିସ ଅଧିକାରୀ ନେଉଛନ୍ତି,ଯାହାଙ୍କୁ 'ନୋଡାଲ ଅଫିସର'ଭାବେ ନାମିତ କରାଯାଇଛି। ସେମାନଙ୍କୁ ସହାୟତା କରିବା ପାଇଁ ଅତିକମରେ ଜଣେ କନଷ୍ଟେବଳ ଅଛନ୍ତି, ଯାହାଙ୍କୁ ସହକାରୀ ନୋଡାଲ ଅଫିସର ଭାବେ ମଧ୍ୟ ନାମିତ କରାଯାଇଛି। ଏହି ସେଲ୍‌ଗୁଡ଼ିକ ସମ୍ପୃକ୍ତ ଥାନାର ଆଇ.ଆଇ.ସି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଛି ଏବଂ ଭୁବନେଶ୍ୱରସ୍ଥିତ କମିଶନରେଟ୍ ମୁଖ୍ୟାଳୟରେ କାର୍ଯ୍ୟ କରୁଥିବା ଜଣେ ଏସିପିଙ୍କ ଦ୍ୱାରା ଏହାରସମଗ୍ରକାର୍ଯ୍ୟକାରିତାର ଅନୁଧ୍ୟାନ କରାଯିବାର ବ୍ୟବସ୍ଥା ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଗତ ୨୦୦୯ ରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲ୍ଲା ଏବଂ କଟକ ସହରାଞ୍ଚଳ ପୋଲିସ ଜିଲ୍ଲାର ୫ଟି ଥାନାରେ 'ବରିଷ୍ଠ ନାଗରିକ ସୁରକ୍ଷା ସେଲ୍' ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ



ଭୁବନେଶ୍ୱର ୟୁ.ପି.ଡିରେ ୨୧ଟି ଏବଂ କଟକ ୟୁ.ପି.ଡି.ରେ ଅନ୍ୟ ୧୭ଟି ବରିଷ୍ଠ ନାଗରିକ ସୁରକ୍ଷା ସେଲ୍ କାର୍ଯ୍ୟ କରାଗଲା। ସର୍ବମୋଟ ୨୯,୧୯୫ ଜଣ ବରିଷ୍ଠ ନାଗରିକ (୧୯.୦୭.୨୦୨୧ ସୁଦ୍ଧା) ଏହି ସେବା ବ୍ୟବସ୍ଥାରେ ପଞ୍ଜୀକୃତ ହୋଇଥିଲେ,ଯେଉଁଥିରୁ ଭୁବନେଶ୍ୱର ୟୁ.ପି. ଡି.ରେ ୧୬,୬୬୨ ଏବଂ କଟକ ୟୁ.ପି. ଡି ରେ ୧୨,୫୩୩ ଜଣ ଅଛନ୍ତି।ବରିଷ୍ଠ ନାଗରିକମାନଙ୍କ ନାମ ପଞ୍ଜୀକରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୦୫.୦୧.୨୦୧୮ ରେ ଏକ ୱେବ୍ ଆପ୍ଲିକେସନ୍‌ର ଶୁଭାରମ୍ଭ ମଧ୍ୟ କରାଯାଇଥିଲା,ଯାହା ମାଧ୍ୟମରେ ପୋଲିସ କମିଶନରେଟ୍ ସହ ଜଡ଼ିତ ହେବାକୁ ଚାହୁଁଥିବା ବରିଷ୍ଠ ନାଗରିକମାନେ ନିଜକୁ ଅନଲାଇନ୍‌ରେ ପଞ୍ଜୀକୃତ କରିବାର ବ୍ୟବସ୍ଥା ରହିଛି। ବରିଷ୍ଠ ନାଗରିକମାନଙ୍କୁ ଏକ ପରିଚୟ ପତ୍ର ସହ 'କଣ କରିବେ ଏବଂ କଣ କରିବେ ନାହିଁ' ପୁସ୍ତିକା,ଡ୍ରାଇଭିଂ ଷ୍ଟିକର ଏବଂ ଭଡ଼ାଟିଆ ଯାଞ୍ଚ ଫର୍ମ ଇତ୍ୟାଦି ପ୍ରଦାନ କରାଯିବାର ବିଧି ବ୍ୟବସ୍ଥା କରାଯାଇଛି। ତେବେ ବିଗତ ବର୍ଷଗୁଡ଼ିକ ମଧ୍ୟରେ ପୋଲିସ କମିଶନରେଟ୍‌ରେ ବରିଷ୍ଠ ନାଗରିକମାନଙ୍କ ପଞ୍ଜୀକରଣ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିବାରୁ ଏ.ଏସ.ଆଇ,ହାବିଲଦାର / କନଷ୍ଟେବଳମାନଙ୍କୁ ନୋଡାଲ ଅଫିସର ଏବଂ ସହକାରୀ ନୋଡାଲ ଅଫିସର ଭାବେ ମଧ୍ୟ ଇତିମଧ୍ୟରେ ନାମିତ କରି ଏଥିରେ ନିୟୋଜିତ କରାଯାଇଛି କ୍ଷଯେଉଁମାନଙ୍କ କାର୍ଯ୍ୟ ହେଉଛି ନିଜ ନିଜ ଥାନା ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକମାନଙ୍କ ସହ ଯୋଗାଯୋଗ ରଖିବା ସାଙ୍ଗକୁ ମତବିନିମୟ ଜରିଆରେ ସେମାନଙ୍କ ଭଲ ମନ୍ଦ ବୁଝିବା ଓ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବାବଦରେ ଅବଗତ ହେବା ସହ ଆବଶ୍ୟକ ସ୍ଥଳେ ଯଥା ସମ୍ଭବ ସହାୟତା ଯୋଗାଇଦେବା ଇତ୍ୟାଦି। ଜୋନାଲ ଏବଂ ୟୁପିଡି ସ୍ତରରେ ମଧ୍ୟ ବରିଷ୍ଠ ନାଗରିକମାନଙ୍କ ସହ ନିୟମିତ ଭାବେ ଆଲୋଚନା ଓ ମତ ବିନିମୟ କରାଯାଉଛି ବୋଲି କୁହାଯାଉଛି।ମାତ୍ର ଏଥିରେ ବାସ୍ତବତା ନାହିଁ ବୋଲି ଅନେକ ବରିଷ୍ଠ ନାଗରିକ ମତପୋଷଣ କରିଛନ୍ତି। ଅନ୍ୟ ପକ୍ଷରେ ଏନେଇ କମିଶନରେଟ ପୋଲିସ ମୁଖ୍ୟାଳୟରେ ବରିଷ୍ଠ ନାଗରିକ ସୁରକ୍ଷା ସେଲ ବିଶେଷ ଦାୟିତ୍ୱରେ ଥିବା ଏସିପି ତଥା ସହକାରୀ ପୋଲିସ କମିଶନରଙ୍କୁ ପଚାରିବାରେ ସେ ଏକ୍ଷେତ୍ରରେ ଥିବା କର୍ମଚାରୀଙ୍କ ଅଭାବ ରହିଥିଲେ ମଧ୍ୟ ଏହି ବ୍ୟବସ୍ଥାକୁ କିପରି ଅଧିକ କ୍ରିୟାଶୀଳ କରାଯାଇପାରିବ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

# ସ୍ୱାଧିନତା ସଂଗ୍ରାମୀ ଗୋକୁଳ ମୋହନ ରାୟଚୂଡ଼ାମଣିଙ୍କର ଜୟନ୍ତୀ

ଖୋର୍ଦ୍ଧା, (ସବ୍ୟୁ) ଓଡ଼ିଶାର ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟଚୁଡ଼ାମଣିଙ୍କର ୧୧୫ ତମ ଜୟନ୍ତୀ ଆଜି ଖୋର୍ଦ୍ଧାଠାରେ ପାଳିତ ହୋଇଯାଇଛି। ସ୍ଥାନୀୟ ବି.ଡ଼ି.ଏ କଲୋନୀ ଛକ ନିକଟସ୍ଥ ତାଙ୍କର ପ୍ରତିମୂର୍ତିରେ ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ପୁଷ୍ପମାଲ୍ୟ ପ୍ରଦାନ କରି ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର କମ୍ୟୁନିଷ୍ଟ ଆନ୍ଦୋଳନର ମହାନ୍ ପୁରୋଧା ୰ ରାୟ ଚୂଡ଼ାମଣି ବ୍ରିଟିଶ୍ ଶାସନର ଅନ୍ୟାୟ ବିରୋଧରେ ବାରମ୍ବାର ସ୍ୱର ଉତୋଳନ କରିବା ସହ କୃଷକ ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ, ଆଇନ୍ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ସଂଗ୍ରାମୀ ତାଲିମ ଶିବିର ପରିଚାଳନ, ଭାରତ ଛାଡ଼ ଆନ୍ଦୋଳନ ଇତ୍ୟାଦିରେ ଅଂଶ ଗ୍ରହଣ କରି ବାରମ୍ବାର କାରାବରଣ କରିଥିଲେ। ଏହି ମହାନ୍ ସ୍ୱାଧୀନତା ସଂଗ୍ରାମୀ ନିମାପଡ଼ାର ଭୋଦର ଗ୍ରାମରେ ୧୯୧୧ ମସିହାରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଐତିହାସିକ ଖୋର୍ଦ୍ଧା ମାଟି ଥିଲା ତାଙ୍କର କର୍ମଭମି ଆଜିର ଏହି ଉତ୍ସବକୁ ଖୋର୍ଦ୍ଧା ବିକାଶ ମଂଚର ସଭାପତି ନରେନ୍ଦ୍ର ପୃଷ୍ଟି ପରିଚାଳନା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପୂର୍ବତନ ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ମଜୁମ୍‌ଦାର, ଉପ ପୌରଧକ୍ଷ ସୌର୍ଯ୍ୟ ରଂଜନ ମହାନ୍ତି, ଐତିହାସିକ ସତ୍ୟବାଦୀ ବଳିଆରସିଂ, ଆମରି ସତ୍ୟର ପ୍ରତିଷ୍ଠାତା ଅଧ୍ୟାପକ ପ୍ରମୋଦ ଦାସ, ଆଇନ୍‌ଜୀବି ବିକ୍ରମ ଚମ୍ପତି, ବିଜୟ ସାମନ୍ତସିଂହାର, ବସନ୍ତ ଦାସ, ନିରଂଜନ ମହାନ୍ତି, କୃଷ୍ଣଚନ୍ଦ୍ର ହରିଚନ୍ଦନ, ରମେଶ ପଟ୍ଟନାୟକ, ପ୍ରଫୁଲ ସାମନ୍ତରାୟ, ଉମା ଶଙ୍କର ପ୍ରସାଦ, ହେମନ୍ତ କୁମାର ପାତ୍ର, ବିଜୟ ସେଠୀ, ନିକୁଞ୍ଜ ପଟ୍ଟନାୟକ, ଟି.ଯେଶୁ ଦାସ, ଅନିଲ କୁମାର ନାୟକ, ପ୍ରାଣନାଥ ମହାବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ଼ର୍ ଛାତ୍ରଛାତ୍ରୀ, ସୁବାସିନୀ ଦାସ, ସୌରଭ କୁମାର ପୃଷ୍ଟି,ସୁବ୍ରତ ମହାରଣା, ସୌମ୍ୟ ରଞ୍ଜନ ମହାପାତ୍ର, ସ୍ମୃତି ସାଗରିକା ହାତୀ ଓ ସହରର ବହୁ ବୁଦ୍ଧିଜୀବୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ରାୟ ଚୂଡ଼ାମଣିଙ୍କର ସୁପୁତ୍ରୀ ମନ୍ଦିରା ରାୟ ଚୂଡ଼ାମଣି ଧନ୍ୟବାଦ ପ୍ରଦାନ କରିଥିଲେ।

# ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭିସା ଦେଲାନି ଆମେରିକା

## ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ମଉଳି ଯାଉଛି

ୱାସିଂଟନ : ଇସ୍ରାଏଲକୁ ଆମେରିକା ଆଉ ଏକ ବଡ଼ ଝଟକା ଦେଇଛି। ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ବେନ୍ ଗଭିରଙ୍କୁ ଆମେରିକା ଭିସା ଦେବାକୁ ମନା କରାଯାଇଛି। ଇସ୍ରାଏଲୀ ଗଣମାଧ୍ୟମ ହାରେଜ୍ ଅନୁଯାୟୀ, ଗଭିର ଏକ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆମେରିକାର ମିଆମି ଯାତ୍ରା କରିବାକୁ ଯୋଜନା କରିଥିଲେ, କିନ୍ତୁ ଆମେରିକା ଦୂତାବାସରୁ ଭିସା କ୍ଲିୟରାନ୍ସ ଅଭାବରୁ ସେ ତାଙ୍କ ଯାତ୍ରା ବାତିଲ କରିଛନ୍ତି। ରିପୋର୍ଟ ଅନୁଯାୟୀ ସୋମବାର ଦିନ ଗଭୀର ତେଲ ଅଭିଭରେ ଥିବା ଆମେରିକୀୟ ଦୂତାବାସ ସହିତ ଭିସା ପାଇଁ ଯୋଗାଯୋଗ କରିଥିଲେ। ଦୂତାବାସର ଅଧିକାରୀମାନେ ତାଙ୍କୁ ବ୍ୟକ୍ତିଗତ ଭାବରେ ସେମାନଙ୍କ କାର୍ଯ୍ୟାଳୟକୁ ଆସିବାକୁ କହିଥିଲେ। ଦୂତାବାସ ବ୍ୟାଖ୍ୟା କରିଥିଲା ଯେ, ଗଭିରଙ୍କ ବିରୋଧରେ ଅନେକ ଅପରାଧିକ ମାମଲା ଅଛି। ତେଣୁ ବାୟୋମେଟ୍ରିକ୍ ତଥ୍ୟ ପ୍ରଦାନ କରିବା ଜରୁରୀ। ଯେତେବେଳେ ବେନ୍ ଗଭିର ଦୂତାବାସରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ହୋଇ ବାୟୋମେଟ୍ରିକ୍ ତଥ୍ୟ ପ୍ରଦାନ କରିବାକୁ ମନା କରିଦେଲେ, ସେତେବେଳେ ଆମେରିକା ଦୂତାବାସ ତାଙ୍କୁ ଭିସା ନ ଦେବାକୁ ନିଷ୍ପତ୍ତି ନେଇଥିଲା, ଯାହା ପରେ ଇସ୍ରାଏଲୀ ପ୍ରତିରକ୍ଷା ମନ୍ତ୍ରୀ ତାଙ୍କ ଗସ୍ତ ବାତିଲ କରିଥିଲେ। ଜେରୁସାଲେମ ପୋଷ୍ଟ ଅନୁଯାୟୀ, ପ୍ରଥମ ଥର ପାଇଁ ଆମେରିକାର ଦୂତାବାସ ଜଣେ ଇସ୍ରାଏଲୀ ମନ୍ତ୍ରୀଙ୍କ ସହ ଏପରି ବ୍ୟବହାର କରିଛି। ଇସ୍ରାଏଲୀ



ମନ୍ତ୍ରୀମାନଙ୍କୁ ଯାତ୍ରା କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ସାଧାରଣତଃ ଆମେରିକା ପକ୍ଷରୁ ସ୍ୱତନ୍ତ୍ର ଭିସା ପ୍ରଦାନ କରାଯାଇଥାଏ। ଇସ୍ରାଏଲ ଗଣମାଧ୍ୟମ ଏଭଳି ବ୍ୟବହାରକୁ କଡ଼ା ନିନ୍ଦା କରିଥିବାବେଳେ ଇସ୍ରାଏଲୀ ବୈଦେଶିକ ମନ୍ତ୍ରଣାଳୟ କୌଣସି ସରକାରୀ ମନ୍ତବ୍ୟ ଜାରି କରିନାହିଁ। ଇରାନ ଚୁକ୍ତି ଉପରେ ମତାମତ ଦେବାରେ ବେନ୍ ଗଭିର ପ୍ରଥମ ଇସ୍ରାଏଲୀ ଥିଲେ। ସେ ଚୁକ୍ତି ସମ୍ପର୍କରେ ଆମେରିକାକୁ ଆଖି ଦେଖାଇ କହିଥିଲେ ଯେ, ଇସ୍ରାଏଲ ଆମେରିକା ଚୁକ୍ତି ମାନିବାକୁ ବାଧ୍ୟ ନୁହେଁ। ସେ ସ୍ପଷ୍ଟ ଭାବରେ କହିଥିଲେ, ସେ ଲେବାନନ୍‌ରୁ ତାଙ୍କର ସୈନ୍ୟଙ୍କୁ ପ୍ରତ୍ୟାହାର କରିବେ ନାହିଁ। ଇସ୍ରାଏଲରେ ଗଭିରଙ୍କୁ ଜଣେ ଦକ୍ଷିଣପନ୍ଥୀ ନେତା ଭାବରେ ବିବେଚନା କରାଯାଏ। ପ୍ରତିରକ୍ଷା ମନ୍ତ୍ରୀ ଭାବରେ ତାଙ୍କୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିକଟତମ ବୋଲି ବିବେଚନା କରାଯାଏ। ୫୦ ବର୍ଷୀୟ ଗଭିରଙ୍କ ଜନ୍ମ ସିଓନରେ ହୋଇଥିଲା। ତାଙ୍କୁ ୨୦୨୨ ମସିହାରେ ପ୍ରଥମ ଥର ପାଇଁ ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଥିଲା। ସେ ପ୍ରଥମେ ୨୦୨୨ ମସିହାରେ ନେସେଟ ସଦସ୍ୟ ଭାବରେ ନିଯୁକ୍ତ ହୋଇଥିଲେ। ମେଣ୍ଟ ରାଜନୀତି ତାଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ପଦବୀ ସୁନିଶ୍ଚିତ କରିଥିଲା। ତାଙ୍କ ଉପରେ ଆତଙ୍କବାଦୀ ସଂଗଠନକୁ ସମର୍ଥନ କରିବା ଏବଂ ଇସ୍ରାଏଲରେ ହିଂସାକୁ ଉସକାଇବା ଆଦି ଅଭିଯୋଗ ରହିଛି।

## ଦିଲ୍ଲୀରେ ଆତଙ୍କୀ ନେଟୱର୍କର ପର୍ଦ୍ଦାଫାସ : ୭ ଗିରଫ

ନୂଆଦିଲ୍ଲୀ : ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହ ସିଧାସଳଖ ଜଡ଼ିତ ଥିବା ଏକ ଅନ୍ତର୍ଜାତୀୟ ଆତଙ୍କୀ ଅପରାଧ ସିଣ୍ଡିକେଟ୍‌ର ଏକ ବଡ଼ ଧରଣର ଆକ୍ରମଣ ଯୋଜନାକୁ ଦିଲ୍ଲୀ ପୁଲିସ ପଣ୍ଡ କରିଦେଇଛି। ଗ୍ୟାଙ୍ଗଷ୍ଟରରୁ ଆତଙ୍କବାଦୀ ହୋଇଥିବା ପାକିସ୍ତାନର ଶେହଜାଦ ଭଟ୍ଟି ଏବଂ ତା' ସହଯୋଗୀ ଅଜମଲ ଗୁଜ୍ଜର ସହ ଜଡ଼ିତ ୭ ଜଣ ସଞ୍ଚାଳକଙ୍କୁ ଦିଲ୍ଲୀ ପୁଲିସ ଗିରଫ କରିଛି। ଦିଲ୍ଲୀ ପୁଲିସ ସ୍ୱତନ୍ତ୍ର ଶାଖାର ଇଷ୍ଟର୍ଣ୍ଣ ରେଞ୍ଜ ଟିମ୍ ଏହି ୭ ସଞ୍ଚାଳକଙ୍କୁ ଗିରଫ କରିବା ସହ ଦିଲ୍ଲୀ ଏନ୍‌ସିଆରରେ ଏକ ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପଣ୍ଡ କରିଦେଇଛନ୍ତି। ପାକିସ୍ତାନ ନିର୍ଦ୍ଦେଶରେ ଏହି ମୋଡ୍ୟୁଲ୍ ଆତଙ୍କବାଦୀ ଆକ୍ରମଣ କରିବାପାଇଁ ଯୋଜନା ପ୍ରସ୍ତୁତ କରୁଥିଲା। ଏହା ଅସ୍ତ୍ର ଏବଂ ଡ୍ରଗ୍ସ ଚୋରାଚାଲାଣରେ ଜଡ଼ିତ ଥିଲା ଏବଂ କେତେକ ପ୍ରମୁଖ ଟାର୍ଗେଟ୍ ସଂକ୍ରାନ୍ତରେ ଖବର ଠୁଳ କରୁଥିଲା। ଏହି ସିଣ୍ଡିକେଟ୍ ପାକିସ୍ତାନରୁ ପଞ୍ଜାବ ଦେଇ ଭାରତକୁ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ ଏବଂ ନାର୍କୋଟିକ୍ସ ଚୋରାଚାଲାଣ କାର୍ଯ୍ୟରେ ଜଡ଼ିତ ଥିଲା। ପାକିସ୍ତାନରୁ ଅସ୍ତ୍ର ପହଞ୍ଚିବାପରେ ଏହାକୁ ଦିଲ୍ଲୀ-ଏନ୍‌ସିଆରର ବିଭିନ୍ନ ସ୍ଥାନକୁ ପଠାଯାଏ। ଅଧିକାରୀମାନେ କହିଛନ୍ତି, ଠିକ୍ ସମୟରେ ଅପରେସନ୍ ଯୋଗୁ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପଣ୍ଡ କରିହେଲା। ସେମାନେ ଦିଲ୍ଲୀରେ ଏକ ବଡ଼ ଧରଣର ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ଶେହଜାଦ ଭଟ୍ଟି ଏବଂ ଅଜମଲ ଗୁଜ୍ଜର ନିର୍ଦ୍ଦେଶରେ ମୋଡ୍ୟୁଲ୍ର ସଦସ୍ୟମାନେ ଦିଲ୍ଲୀ ଏନ୍‌ସିଆରରେ ଧାର୍ମିକ ନେତାଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ସମେତ ସମସ୍ତ ଭିଡ଼ ସ୍ଥାନ ମାନଙ୍କର ନିରୀକ୍ଷଣ କରୁଥିଲେ। ଅଭିଯୁକ୍ତମାନେ ଏହି ସ୍ଥାନମାନଙ୍କର ଫଟୋ ଉଠାଇବା ସହ ଭିଡିଓ ରେକର୍ଡ କରୁଥିଲେ ଏବଂ ଏହାକୁ ପାକିସ୍ତାନର ସଞ୍ଚାଳକମାନଙ୍କୁ ପଠାଇଥିଲେ। ପୁଲିସ ଅନୁଯାୟୀ ଏହି ଯୋଜନାର ଏକ ଅଂଶ ଭାବେ ଅଞ୍ଚଳରେ ଅନେକ ଧାର୍ମିକ ନେତାଙ୍କୁ ମଧ୍ୟ ଟାର୍ଗେଟ୍ କରାଯାଇଥିଲା। ତେବେ ଏନେଇ ଗୁଇନ୍ଦା ସୂଚନା ପାଇବାପରେ ପୁଲିସ ଟିମ୍ ଟେକନିକାଲ ସର୍ଭେଲାନ୍ସର ବ୍ୟବହାର ଏବଂ ମୋବାଇଲ ଫୋନ୍ ଡାଟା ଅନୁଶୀଳନ ପରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଗିରଫ ହୋଇଥିବା ଏହି ୭ ଜଣ ବ୍ୟକ୍ତି ହେଉଛନ୍ତି ଆନାସ ଓରଫ ଆନାସ ତ୍ୟାଗୀ (୨୬)। ସେ ହେଉଛି ଗାଜିଆବାଦର ଲୋନି ବାସିନ୍ଦା। ତା' ବିରୋଧରେ ପୂର୍ବରୁ ୩ଟି ଅପରାଧିକ ମାମଲା ରହିଛି ଏବଂ ସେ ଅଜମଲ ଗୁଜ୍ଜର ଏବଂ ଶେହଜାଦ ଭଟ୍ଟି ସହ ନିୟମିତ ଭାବେ ଯୋଗାଯୋଗରେ ରହେ ବୋଲି ଜଣାପଡ଼ିଛି। ମାମଲାରେ ଗିରଫ ହୋଇଥିବା ଅନ୍ୟ ଜଣେ ହେଉଛି ମୋହିତ ଓରଫ ଯୋଗୀ (୨୬)। ସେ ଅଜମଲ ଗୁଜ୍ଜର ସହ ସିଧାସଳଖ ଯୋଗାଯୋଗରେ ଥିଲା। ଗିରଫ ହୋଇଥିବା ଦୀପକ ଓରଫ ଦୀପକ ଅଗ୍ରୋଲା ବିରୋଧରେ ପୂର୍ବରୁ ୨୩ଟି ମାମଲା ରହିଛି। ଆରିଫ ଓରଫ ପ୍ରଧାନ ବିରୋଧରେ ପୂର୍ବରୁ ଅସ୍ତ୍ରଶସ୍ତ୍ର ଏବଂ ଏନ୍‌ଡିପିଏସ୍ ଆଇନ ଅଧୀନରେ ମାମଲା ଥିଲା। ଗିରଫ ହୋଇଥିବା ଅନ୍ୟମାନେ ହେଉଚନ୍ତି ପଞ୍ଜାବର କରନବୀର ସିଂହ, ଟେକନୋ ସହରର ଜତନ, ଗାଜିଆବାଦର ସବୀର। ପୁଲିସ ସେମାନଙ୍କୁ ଗିରଫ କରିବାପରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି।

## ୨୦ରେ ମିଳିବ ପିଏମ୍ କିଷାନର ୨୩ତମ କିସ୍ତି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ସ୍କିମର ୨୩ତମ କିସ୍ତି ଆସନ୍ତା ୨୦ ତାରିଖରେ କୃଷକମାନଙ୍କୁ ପ୍ରଦାନ କରାଯିବ। କୃଷକମାନଙ୍କୁ ଏହି ଯୋଜନାରେ ବର୍ଷକୁ ୩ ଥର ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ଉକ୍ତ ରାଶି ଚାଷୀମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ। ଗତ ମାର୍ଚ୍ଚ ୧୩ ତାରିଖରେ କେନ୍ଦ୍ର ସରକାର ୨୨ତମ କିସ୍ତି ପ୍ରଦାନ କରିଥିଲେ। ଉକ୍ତ ଯୋଜନାରେ ଦେଶରେ ୯ କୋଟିରୁ ଅଧିକ ଚାଷୀ ଉପକୃତ ହେଉଛନ୍ତି।

## ପେଟେଣ୍ଟ ରାଙ୍କିଙ୍ଗରେ ବିଶ୍ୱର ଶ୍ରେଷ୍ଠ ୨୦ ମଧ୍ୟରେ ଜିଓ

ମୁମ୍ବାଇ : ଜିଓ ପ୍ଲାଟଫର୍ମସ ବିଶ୍ୱ ପେଟେଣ୍ଟ ରାଙ୍କିଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ଲମ୍ଫ ମାରିଛି। ୱାର୍ଲଡ ଇନଟେଲେକଚୁଆଲ ପ୍ରପର୍ଟି ଅର୍ଗାନାଇଜେସନ (ଡବ୍ଲୁଆଇପିଓ) ଦ୍ୱାରା ପ୍ରକାଶିତ ସଦ୍ୟତମ ପେଟେଣ୍ଟ କୋଅପରେସନ ଟ୍ରିଟି (ପିସିଟି) ରାଙ୍କିଙ୍ଗରେ, ଜିଓ ପ୍ଲାଟଫର୍ମସ ବିଶ୍ୱର ଶ୍ରେଷ୍ଠ ୨୦ ମଧ୍ୟରେ ସ୍ଥାନ ସୁରକ୍ଷିତ କରିଛି। କମ୍ପାନୀ ୩୨୦ ସ୍ଥାନ ଉପରକୁ ଉଠି ୨୦୨୫ ତାଲିକାରେ ୨୦ ତମ ସ୍ଥାନରେ ପହଞ୍ଚିଛି। ଜିଓ ପ୍ଲାଟଫର୍ମସ ହେଉଛି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ପ୍ରଯୁକ୍ତି କମ୍ପାନୀ। ଏହି ନୂତନ ରାଙ୍କିଙ୍ଗ ସହିତ ଜିଓ ବିଶ୍ୱର ଶ୍ରେଷ୍ଠ ୨୦ ମଧ୍ୟରେ ପ୍ରବେଶ କରିବାରେ ଏକମାତ୍ର ଭାରତୀୟ ଟେକ୍ ଇନୋଭେଟର ହୋଇଛିଛ କମ୍ପାନୀ ଏବେ ହୁଆୱେଇ, ସାମସଙ୍ଗ, କ୍ୱାଲକମ, ଏଲଜି, ପାନାସୋନିକ, ନୋକିଆ, ଗୁଗୁଲ, ଆପଲ, ଏବଂ ମାଇକ୍ରୋସଫଟ ଭଳି ପ୍ରମୁଖ ବିଶ୍ୱସ୍ତରୀୟ ଟେକ୍ କମ୍ପାନୀ ସମୂହଙ୍କ ମଧ୍ୟରେ ସାମିଲ ହୋଇଛି। ଏହି ସଫଳତା ନେଇ ଜିଓ ପ୍ଲାଟଫର୍ମସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଆକାଶ ଏମ୍. ଅମ୍ବାନୀ କହିଛନ୍ତି, ଡବ୍ଲୁଆଇପିଓ ପିସିଟି ରାଙ୍କିଙ୍ଗରେ ବିଶ୍ୱସ୍ତରରେ ଶୀର୍ଷ ୨୦ ମଧ୍ୟରେ ଜିଓ ପ୍ଲାଟଫର୍ମସ ପ୍ରବେଶ କରିବା ଏକ ଡିପ୍-ଟେକ୍ କମ୍ପାନୀ ହେବା ପାଇଁ ଆମର ଯାତ୍ରାରେ ବର୍ଷ ବର୍ଷ ଧରି ରହିଥିବା କଠିନ ପରିଶ୍ରମକୁ ପ୍ରତିଫଳିତ କରୁଛି। ଏହା ଜିଓରେ ବିଭିନ୍ନ ଉନ୍ନତ ପ୍ରଯୁକ୍ତି କ୍ଷେତ୍ରରେ ହେଉଥିବା ଉଲ୍ଲେଖନୀୟ ଇନୋଭେସନ ବା ନବସୃଜନର ପ୍ରମାଣ, ଯାହା ଆଗାମୀ ବର୍ଷଗୁଡ଼ିକରେ ଆହୁରି ବୃଦ୍ଧି ପାଇବ।

# ଜନସ୍ୱାର୍ଥ ମାମଲା : କେନ୍ଦ୍ର ଓ ରାଜ୍ୟକୁ ସୁପ୍ରିମକୋର୍ଟ ନୋଟିସ୍

ନୂଆଦିଲ୍ଲୀ,: ସୁପ୍ରିମକୋର୍ଟ ମଙ୍ଗଳବାର ଦିନ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଉପରେ ବିଚାର କରିବାକୁ ରାଜି ହୋଇଛନ୍ତି, ଯେଉଁଥିରେ କେନ୍ଦ୍ର ସରକାର, ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଭାରତର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବାକୁ କୁହାଯାଇଛି ଯେ ଆଧାର କେବଳ ପରିଚୟ ପ୍ରମାଣ ଭାବରେ ବ୍ୟବହାର କରାଯିବ, ନାଗରିକତା, ବାସସ୍ଥାନ, ଠିକଣା କିମ୍ବା ଜନ୍ମ ତାରିଖର ପ୍ରମାଣ ଭାବରେ ନୁହେଁ। ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଭି.ମୋହନାଙ୍କ ଦ୍ୱାରା ଗଠିତ ଏକ ଖଣ୍ଡପୀଠ ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟଙ୍କ ଦ୍ୱାରା ଦାୟର ଏକ ଆବେଦନ ଉପରେ କେନ୍ଦ୍ର ସରକାର, ସମସ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳ, ଭାରତୀୟ ନିର୍ବାଚନ କମିସନ (ଇସିଆଇ) ଏବଂ ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ)କୁ ନୋଟିସ୍ ଜାରି କରିଛନ୍ତି। ଆଧାର ଆଇନ, ୨୦୧୬ର ଧାରା ୯ ରେ କୁହାଯାଇଛି ଯେ, ଆଧାର ନାଗରିକତା କିମ୍ବା ବାସସ୍ଥାନର ପ୍ରମାଣ ନୁହେଁ, ଯେତେବେଳେ ୟୁଆଇଡିଏଆଇ ବିଜ୍ଞପ୍ତି ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛି ଯେ, ଆଧାର କେବଳ ପରିଚୟ ପ୍ରମାଣ ଏବଂ ନାଗରିକତା, ଠିକଣା କିମ୍ବା ଜନ୍ମ ତାରିଖର ପ୍ରମାଣ ନୁହେଁ। ଆବେଦନ ଅନୁଯାୟୀ, ଆଧାର ବୟସର ପ୍ରମାଣ



ନୁହେଁ ବୋଲି ଏହି ଆଇନଗତ ସୀମାବଦ୍ଧତା ଏବଂ କୋର୍ଟଙ୍କ ନିଷ୍ପତ୍ତି ସତ୍ତ୍ୱେ, ସ୍କୁଲରେ ନାମଲେଖା, ସମ୍ପତ୍ତି କାରବାର, ଜନ୍ମ ପ୍ରମାଣପତ୍ର ପ୍ରଦାନ, ରାସନ କାର୍ଡ ଏବଂ ଡ୍ରାଇଭିଂ ଲାଇସେନ୍ସ ଭଳି ବିଭିନ୍ନ ଉଦ୍ଦେଶ୍ୟ ପାଇଁ ବୟସ, ବାସସ୍ଥାନ, ନାଗରିକତା ଏବଂ ବାସସ୍ଥାନର ପ୍ରମାଣ ଭାବରେ ଏହି ଡକ୍ୟୁମେଣ୍ଟକୁ ବ୍ୟାପକ ଭାବରେ ବ୍ୟବହାର କରାଯାଉଛି। ଜନ୍ମ ତାରିଖ ଏବଂ ବାସସ୍ଥାନର ପ୍ରମାଣ ଭାବରେ ଆଧାର ବ୍ୟବହାରକୁ ବିଶେଷ ଭାବରେ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଏହା ଯୁକ୍ତି ଦର୍ଶାଇଛି ଯେ ଏପରି ବ୍ୟବହାର ଆଧାର ଆଇନ, ୟୁଆଇଡିଏଆଇ ସୂଚନା ଅଧିକାର ଆଇନ ଏବଂ ଲୋକ ପ୍ରତିନିଧିତ୍ୱ ଆଇନର ବ୍ୟବସ୍ଥାକୁ ଉଲ୍ଲଂଘନ କରୁଛି। ଆବେଦନକାରୀ ଅଶ୍ୱିନୀ କୁମାର ଉପାଧ୍ୟାୟ କେନ୍ଦ୍ର ସରକାର, ରାଜ୍ୟ ଏବଂ ଭାରତୀୟ ନିର୍ବାଚନ କମିସନ(ଇସିଆଇ)ଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି ଯେ ଆଧାରକୁ କଠୋର ଭାବରେ ପରିଚୟ ପ୍ରମାଣ ଭାବରେ ବ୍ୟବହାର କରାଯାଉ। ଆଧାର ଆଇନ ଏବଂ ୟୁଆଇଡିଏଆଇ ନିର୍ଦ୍ଦେଶାବଳୀ ଦ୍ୱାରା ନିଷିଦ୍ଧ ଉଦ୍ଦେଶ୍ୟ ପାଇଁ ନୁହେଁ। ଆଧାର ପଞ୍ଜୀକରଣ ଢାଞ୍ଚାକୁ ଉଦ୍ଧୃତ କରି ଆବେଦନରେ ଯୁକ୍ତି ଦିଆଯାଇଛି ଯେ ଭାରତରେ ଅତି କମରେ ୧୮୨ ଦିନ ପାଇଁ ରହୁଥିବା ବିଦେଶୀ ନାଗରିକଙ୍କ ସମେତ ସମସ୍ତ ବାସିନ୍ଦା ଆଧାର ପାଇବାର ହକଦାର। ଏଥିରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଆଧାର ପଞ୍ଜୀକରଣ ସାଧାରଣ ସେବା କେନ୍ଦ୍ର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଭଡ଼ା ଚୁକ୍ତିନାମା କିମ୍ବା ପ୍ରମାଣପତ୍ର ଭଳି ସହାୟକ ଡକ୍ୟୁମେଣ୍ଟ ମାଧ୍ୟମରେ କରାଯାଇପାରିବ। ଆବେଦନରେ ଦାବି କରାଯାଇଛି ଯେ କଥିତ ଅନୁପ୍ରବେଶକାରୀ ଏବଂ ଅବୈଧ ପ୍ରବାସୀ ଦୁର୍ବଳ ଯାଞ୍ଚ ବ୍ୟବସ୍ଥା ମାଧ୍ୟମରେ ଆଧାର କାର୍ଡ ପାଇଥାନ୍ତି ଏବଂ ପରେ ରାସନ କାର୍ଡ, ଜନ୍ମ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର, ଡ୍ରାଇଭିଂ ଲାଇସେନ୍ସ ଏବଂ ଭୋଟର ପରିଚୟ ପତ୍ର ଭଳି ଅନ୍ୟାନ୍ୟ ପରିଚୟ ଏବଂ ଅଧିକାର ଡକ୍ୟୁମେଣ୍ଟ ପାଇବା ପାଇଁ ଆଧାର ବ୍ୟବହାର କରିଥାନ୍ତି। ଆବେଦନକାରୀଙ୍କ ଅନୁଯାୟୀ, ଏହି ପ୍ରକ୍ରିୟା ଆଧାର ଆଇନ ଅନୁଯାୟୀ ସୃଷ୍ଟି ହୋଇଥିବା ଚିହ୍ନଟ ଢାଞ୍ଚାର ବିଶ୍ୱସନୀୟତାକୁ କ୍ଷୁର୍ଣ୍ଣ କରୁଛି ଏବଂ ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ସବସିଡି, କଲ୍ୟାଣକାରୀ ଯୋଜନା ଏବଂ ବୈଧ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ୟାନ୍ୟ ସୁବିଧା ପାଇବାକୁ ଅନୁମତି ଦେଉଛି। ଆବେଦନରେ କୁହାଯାଇଛି ଯେ, ଏପରି ପ୍ରକ୍ରିୟା ସରକାରୀ ସମ୍ବଳର ଅପବ୍ୟବହାର କରିଥାଏ, ପ୍ରକୃତ ହିତାଧିକାରୀଙ୍କୁ ଲାଭରୁ ବଞ୍ଚିତ କରିଥାଏ ଏବଂ ସମାନତା, ନିରପେକ୍ଷତା ଏବଂ କଲ୍ୟାଣକାରୀ ଯୋଜନାର ଲକ୍ଷ୍ୟଭେଦ ବଣ୍ଟନ ଭଳି ସାମ୍ବିଧାନିକ ନୀତିକୁ ଉଲ୍ଲଂଘନ କରିଥାଏ। ଆବେଦନକାରୀ କହିଛନ୍ତି ଯେ ଆଧାର ଆଇନ ଏବଂ ୟୁଆଇଡିଏଆଇ ବିଜ୍ଞପ୍ତିଗୁଡ଼ିକ ବାରମ୍ବାର ସ୍ପଷ୍ଟ କରିଦେଉଥିଲେ ଯେ ପ୍ରମାଣ ଭାବରେ ଏହାର ମୂଲ୍ୟ ସୀମିତ, ଆଧାରର ବୈଧାନିକ ଉଦ୍ଦେଶ୍ୟ ପରିବର୍ତ୍ତେ ଅପବ୍ୟବହାରକୁ ନେଇ ଚିନ୍ତା ଉପୁଜିଥିଲା। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୭ ତାରିଖରେ ହେବ।

## ଜୀବନ ହାରିଲେ ନିଟ୍ ଆଶାୟୀ

ଜୟପୁର : ରାଜସ୍ଥାନର ସିକରରେ ପୁଣି ଜଣେ ନିଟ୍ ଆଶାୟୀ ଜୀବନ ହାରିଛନ୍ତି। ପୁଲିସ ଅନୁଯାୟୀ ଝୁନଝୁନୁରୁ ଆସିଥିବା ଏହି ଛାତ୍ର ଜଣଙ୍କ ସିକରରେ ରହି ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଆସନ୍ତା ଜୁନ୍ ୨୧ ତାରିଖରେ ସେ ନିଟ୍ ପୁନଃ ପରୀକ୍ଷା ପାଇଁ ବସିଥାନ୍ତେ। ଏହା ତାଙ୍କର ତୃତୀୟ ଉଦ୍ୟମ ଥିଲା। କିନ୍ତୁ ଏହାର ମାତ୍ର କିଛି ଦିନ ପୂର୍ବରୁ ସିକର ସ୍ଥିତ ତାଙ୍କ ଭଡ଼ା ଘରୁ ତାଙ୍କ ମୃତଦେହ ମିଳିଛି। ୨୨ ବର୍ଷୀୟ ଏହି ଛାତ୍ରଙ୍କ ବାପା ମୁମ୍ବାଇରେ କାମ କରନ୍ତି। ପୁଅକୁ ସେ ଅତି କଷ୍ଟରେ ପାଠ ପଢ଼ାଉଥିଲେ। ପୁଲିସ କହିଛି ଯେ ଛାତ୍ର ଜଣଙ୍କ ତାଙ୍କ ମା'ଙ୍କୁ ତାଙ୍କ ଗାଁରେ ଛାଡ଼ିକି ସୋମବାର ସିକର ଫେରିଥିଲେ। ତାଙ୍କ ଭାଇ ଏବଂ ଭଉଣୀ ଘରକୁ ଫେରିବାପରେ ତାଙ୍କୁ ମୃତ ଅବସ୍ଥାରେ ପାଇଥିଲେ। ପୁଲିସ ତାଙ୍କ ରୁମ୍ରୁ ଏକ ଚିଠି ପାଇଛି ଯେଉଁଥିରେ ଲେଖାଅଛି ମୁଁ ଅନେକ ଦୂରକୁ ଚାଲି ଯାଉଛି। ତେବେ ମୁଁ କେଉଁଠାକୁ ଯାଉଛି ତାହା ମୁଁ ଜାଣେନା। ସେମାନେ ସନ୍ଦେହ କରୁଛନ୍ତି ଯେ ନିଟ୍ ପୁନଃପରୀକ୍ଷା ପ୍ରସ୍ତୁତି ପାଇଁ ସେ ପ୍ରବଳ ଚାପରେ ଥିଲେ ଏବଂ ସେଥିପାଇଁ ଏହି ଚରମ ପଦକ୍ଷେପ ନେଇଛନ୍ତି।

## କୋଲକାତାରେ ପ୍ରଧାନମନ୍ତ୍ରୀଙ୍କ ଯୋଗ କାର୍ଯ୍ୟକ୍ରମକୁ ନେଇ ବିବାଦ

କୋଲକାତା : ଜୁନ୍ ୨୧ ତାରିଖରେ କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ଯୋଗ କରାଯିବ। ଏହି ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୋଲକାତାର ହଜାର ହଜାର ଲୋକଙ୍କ ସହିତ ଯୋଗ କରିବେ। କୋଲକାତାର ରେଡ୍ ରୋଡରେ ଏହି କାର୍ଯ୍ୟକ୍ରମ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପ୍ରୋଟୋକଲ ପାଇଁ କିଛି ରାସ୍ତା ମଧ୍ୟ ବନ୍ଦ ରହିବ। ଏହା ଏବେ କୋଲକାତାରେ ଉତ୍ତେଜନା ସୃଷ୍ଟି କରିଛି। ରାସ୍ତାରେ ନମାଜ୍ ପାଠ ନିଷେଧକୁ ନେଇ ମୁସଲିମ ସମ୍ପ୍ରଦାୟର କିଛି ସଦସ୍ୟ କହିଛନ୍ତି ଯେ, ରାସ୍ତାରେ ଯୋଗ କରିବା ସରକାରଙ୍କ ଦୋହରା ମାନଦଣ୍ଡକୁ ପ୍ରଦର୍ଶନ କରୁଛି। ଜୁନ୍ ୨୧ ତାରିଖରେ କୋଲକାତାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ ଯୋଗ କରିବାକୁ ପ୍ରାୟ ୩୦,୦୦୦ ଲୋକ ପ୍ରସ୍ତୁତ ହେଉଛନ୍ତି। ଏହି କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି, ପ୍ରଶାସନ ମଧ୍ୟରାତ୍ରିରୁ କାର୍ଯ୍ୟକ୍ରମ ଶେଷ ହେବା ପର୍ଯ୍ୟନ୍ତ ରେଡ୍ ରୋଡ ସମେତ ସହରର ସାତଟି ପ୍ରମୁଖ ରାସ୍ତା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। କିଛି ମୁସଲିମ ସମ୍ପ୍ରଦାୟ ପ୍ରତିନିଧି ଏବଂ ଧାର୍ମିକ ନେତାମାନେ ଦର୍ଶାଇଛନ୍ତି ଯେ, ଚଳିତ ବର୍ଷ ଇଦ୍ ନମାଜକୁ ରେଡ୍ ରୋଡରୁ ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡକୁ



ସ୍ଥାନାନ୍ତରିତ କରାଯାଇଥିଲା। ସେତେବେଳେ ଯୁକ୍ତି ଥିଲା ଯେ, ରାସ୍ତା ବନ୍ଦ ହେବା ଦ୍ୱାରା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ଯାତାୟାତ ବାଧାପ୍ରାପ୍ତ ହେଉଛି।

## ବିନା ବ୍ୟବସ୍ଥାପତ୍ରରେ ମିଳିବନି କଫ୍ ସିରଫ

ନୂଆଦିଲ୍ଲୀ : କଫ୍‌ସିରଫ କିଣିବା ନିୟମରେ କେନ୍ଦ୍ର ସରକାର ବଡ ପରିବର୍ତ୍ତନ କରିଛନ୍ତି। ବିନା ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନ୍‌ରେ କୌଣସି ଔଷଧ ଦୋକାନରୁ କଫ୍‌ସିରଫ କିଣି ହେବନାହିଁ। ସରକାର ଏହି ସିରଫର ବିନା ପ୍ରେସ୍‌କ୍ରିପ୍‌ସନ୍‌ରେ ବିକ୍ରି ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଡ୍ରଗ୍ସ ରୁଲ୍ ୧୯୮୫ର ସିଡ୍ୟୁଲ୍ କେର ବଡ ସଂଶୋଧନ କରାଯାଇ ଏହି କଟକଣା ଲାଗୁ କରାଯାଇଛି। ଯେଉଁଥିରେ ସିରଫ ମଧ୍ୟ ସାମିଲ ଥିଲା। ଏବେ ସରକାର ଏହି ତାଲିକାରେ ସିରଫ ଶବ୍ଦକୁ ହଟାଇ ଦେଇଛନ୍ତି। କିଛିବର୍ଷ ହେବ କଫ୍‌ସିରଫ ଓ ଅନ୍ୟ ତରଳ ଜାତୀୟ ଔଷଧ ଗୁଡ଼ିକ ବିନା ପ୍ରେସ୍‌କ୍ରିପ୍‌ସନ୍‌ରେ ମିଳିପାରୁଥିଲା। ସମସ୍ତ ଔଷଧ ଦୋକାନରେ ଏହା ଉପଲବ୍ଧ ହେଉଥିଲା। ମାତ୍ର ଏହି ଔଷଧର ଅପବ୍ୟବହାର ଓ ସଠିକ୍ ଡୋଜ୍ ନ ଖାଇବା ଆଦି ଚିନ୍ତାର କାରଣ ହୋଇଛି। ପରିବର୍ତ୍ତିତ ନିୟମ ଅନୁଯାୟୀ ଔଷଧ ଦୋକାନୀମାନେ ଏକ ବୈଧ ପ୍ରେସ୍‌କ୍ରିପ୍‌ସନ୍ ଦେଖିବା ପରେ ଏହି ଔଷଧ ଦେଇପାରିବେ। ଏହା କେବଳ କଫ୍‌ସିରଫ ପାଇଁ ନୁହେଁ, ଯେଉଁ ଅନ୍ୟ ଔଷଧୀୟ ସିରଫଗୁଡ଼ିକ ପୂର୍ବରୁ ବିନା ପ୍ରେସ୍‌କ୍ରିପ୍‌ସନ୍‌ରେ ମିଳୁଥିଲା ତାହାପାଇଁ ମଧ୍ୟ ଲାଗୁ ହେବ। ବିଗତ କିଛିବର୍ଷ ମଧ୍ୟରେ କେତେକ ରାଜ୍ୟରେ ବିଷାକ୍ତ କଫ୍‌ସିରଫ ପିଇବା ଯୋଗୁ ଅନେକ ଶିଶୁଙ୍କର ମୃତ୍ୟୁ ହୋଇଥିଲା। ଯେଉଁଥିରେ 'ଡାଇଏଥିଲିନ୍ ଗ୍ଲାଇକଲ୍' ଓ 'ଏଥିଲିନ୍ ଗ୍ଲାଇକଲ୍' ଭଳି ବିଷାକ୍ତ କେମିକାଲ ଥିଲା। ଏହାର ଦୁରୁପଯୋଗ ରୋକିବା ପାଇଁ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ନିଷ୍ପତ୍ତି ଆସିଛି ଯେ କଫ୍‌ସିରଫଗୁଡ଼ିକ କି ଛିବର୍ଷ ହେବ ସୁରକ୍ଷିତ ନଥିଲା। କଫ୍‌ସିରଫ ଓ ଅନ୍ୟ ଔଷଧଗୁଡ଼ିକ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଉଥିଲା। କେତେକ କ୍ଷେତ୍ରରେ ଏହାକୁ ନିଶା ପାଇଁ ମଧ୍ୟ ବ୍ୟବହାର କରାଯାଉଥିଲା।

## ୟୁପିଏସସି ପ୍ରିଲିମ ପରୀକ୍ଷା ପେପର ଲିକ୍ ଅଭିଯୋଗ

ନୂଆଦିଲ୍ଲୀ: ୟୁପିଏସସି ସିଭିଲ ସର୍ଭିସ ପ୍ରିଲିମ ପରୀକ୍ଷା ୨୦୨୬କୁ ନେଇ ଏକ ସଦ୍ୟ ବିବାଦ ଆରମ୍ଭ ହୋଇଛି। କଂଗ୍ରେସ ଦଳର ଛାତ୍ର ଶାଖା ଏନ୍‌ଏସୟୁଆଇ ( ନ୍ୟାସନାଲ ଷ୍ଟୁଡେଣ୍ଟ୍ସ ୟୁନିଅନ ଅଫ ଇଣ୍ଡିଆ) ପରୀକ୍ଷାରେ ଅନିୟମିତତା ଏବଂ ଏକ ସମ୍ଭାବ୍ୟ ପେପର ଲିକ୍କୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏନ୍‌ଏସୟୁଆଇ ଏହି ପ୍ରସଙ୍ଗରେ ୟୁପିଏସ୍ସି ( ୟୁନିଅନ ପବ୍ଲିକ ସର୍ଭିସ କମିସନ) ଠାରୁ ସ୍ପଷ୍ଟୀକରଣ ମାଗିଛି ଏବଂ ଘଟଣାରେ ଏକ ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛି। ଏନ୍‌ଏସୟୁଆଇ ଜାତୀୟ ସଭାପତି ବିନୋଦ ଜାଖର ଅଭିଯୋଗ କରିଛନ୍ତି ଯେ ୟୁପିଏସ୍ସି ପ୍ରିଲିମ୍ ୨୦୨୬ ପରୀକ୍ଷାରେ ପଡ଼ିଥିବା ୧୦୦ଟି ପ୍ରଶ୍ନରୁ ୮୨ଟି ପ୍ରଶ୍ନ ଅନନ୍ତମ ଆଇଏଏସ୍ କୋଚିଂ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ନୋଟ୍ ସହ ମେଳ ଖାଉଛି। ବିନୋଦ ଜାଖର ଅଭିଯୋଗ କରିଛନ୍ତି ଯେ କୋଚିଂ ଅନୁଷ୍ଠାନର ନୋଟ୍କୁ ପରୀକ୍ଷା ପରେ ପରିବର୍ତ୍ତନ କରାଯାଇଥିଲା ଏବଂ ତାରିଖ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ଏହି ଘଟଣା ଅତ୍ୟନ୍ତ ସାଂଘାତିକ ବୋଲି କହିବା ସହ ଏନ୍‌ଏସୟୁଆଇ ଏହି ଘଟଣାରେ ଏକ ନିରପେକ୍ଷ ତଦନ୍ତ ଦାବି କରିଛି। ଅଭିଯୋଗର ନିରପେକ୍ଷ ତଦନ୍ତ ପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ୟୁପିଏସ୍ସି ଏଯାବତ ଏହି ଅଭିଯୋଗ ଉପରେ କିଛି ଟିପ୍ପଣୀ ଦେଇନାହିଁ।

## ଇରାନକୁ ପରିଣାମ ଭୋଗିବାକୁ ପଡ଼ିବ : ଟ୍ରମ୍ପ

ୱାସିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଚେତାବନୀ ଦେଇ କହିଛନ୍ତି ଯେ ଇରାନ କଦାପି ଆଣବିକ ଅସ୍ତ୍ର ହାସଲ କରିବା ଉଚିତ ନୁହେଁ ଏବଂ



ଯଦି ଏହା ପାଖରେ ପରମାଣୁ ଅସ୍ତ୍ର ଥିବ ତା'ହେଲେ ତେବେ ଏହାର ଅବିଶ୍ୱସନୀୟ ପରିଣାମ ଭୋଗିବାକୁ ପଡ଼ିବ। ଜି-୭ ଶିଖର ସମ୍ମିଳନୀ ଅବସରରେ ସେ ଏହା କହିଛନ୍ତି। ଆଣବିକ ଅସ୍ତ୍ର ହାସଲ କରବାରୁ ଇରାନକୁ ରୋକିବା ଏକ ପ୍ରାଥମିକ ଉଦ୍ଦେଶ୍ୟ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏହା ବ୍ୟତୀତ ଆମେରିକାର ରାଷ୍ଟ୍ରପତି ପଶ୍ଚିମ ଏସିଆରେ ଚାଲିଥିବା ବିବାଦକୁ ମଧ୍ୟ ସମ୍ବୋଧିତ କରି ପରାମର୍ଶ ଦେଇଛନ୍ତି ଯେ ଲେବାନନ ଏବଂ ବେରୁଟରେ ଆବାସିକ କୋଠା ଉପରେ ସାମରିକ ଆକ୍ରମଣ ଜାରି ରଖିବା ପରିବର୍ତ୍ତେ ଇସ୍ରାଏଲ ସିରିଆକୁ ହେଜବୁଲ୍ଲାକୁ ପରିଚାଳନା କରିବାକୁ ଅନୁମତି ଦେବା ଉଚିତ। ପଶ୍ଚିମ ଏସିଆ ଶାନ୍ତି ଚୁକ୍ତି ହାସଲ କରିବା ପାଇଁ ଉଦ୍ୟମ ତୀବ୍ର ହେଉଥିବା ବେଳେ ଏହି ମନ୍ତବ୍ୟ ଆସିଛି, ଲେବାନନରେ ଇସ୍ରାଏଲର ଅଧିକ ସାମରିକ କାର୍ଯ୍ୟାନୁଷ୍ଠାନ ଚୁକ୍ତି ଭାଙ୍ଗିପାରେ ଏବଂ ପ୍ରତିଶୋଧ ନେବାକୁ ଉତ୍ତେଜିତ କରିପାରେ।

## ନିଟ୍ ୟୁଜି ପରୀକ୍ଷା : ୨୨ ପର୍ଯ୍ୟନ୍ତ ଟେଲିଗ୍ରାମ ବନ୍ଦ

ନୂଆଦିଲ୍ଲୀ, ୧୬।୬ : ପୁନଃ ନିଟ୍ ୟୁଜି ପରୀକ୍ଷାକୁ ସ୍ୱଚ୍ଛ କରିବା ଲାଗି କେନ୍ଦ୍ର ସରକାର ଟେଲିଗ୍ରାମକୁ ଜୁନ୍ ୨୨ ପର୍ଯ୍ୟନ୍ତ ବନ୍ଦ କରିଛନ୍ତି। ଏଥିଲାଗି ଅସ୍ଥାୟୀ ନିର୍ଦ୍ଦେଶନାମା ଜାରି କରାଯାଇଛି। ସମଗ୍ର ଦେଶରେ ଏହାର ଆକ୍ସେସ୍‌କୁ ନିଷିଦ୍ଧ କରାଯାଇଛି। ଏନ୍‌ଟିଏ ପକ୍ଷରୁ କୁହାଯାଇଛି ଯେ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଦ୍ୱାରା ଲାଗୁ ହୋଇଥିବା ଅସ୍ଥାୟୀ ପ୍ରତିବନ୍ଧକକୁ ସ୍ୱାଗତ କରାଯାଇଛି। ଜୁନ୍ ୨୨ ପର୍ଯ୍ୟନ୍ତ ଏହି ପ୍ରତିବନ୍ଧକ ରହିବ। ଜୁନ୍ ୨୧ ରେ ପୁନଃ ନିଟ୍ ଆପ୍ ପରୀକ୍ଷା କରାଯାଉଛି। ଏହି ପ୍ରତିବନ୍ଧକ ନିଟ୍ ୟୁଜି ୨୦୨୬ ପୁନଃ ପରୀକ୍ଷା ଦିନ ଓ ପରବର୍ତ୍ତୀ ଦିନକୁ ଅନ୍ତର୍ଭୁକ୍ତ କରିବା ଭାରତରେ ୩୦ ଜୁନ୍ ୨୦୨୬ରେ ଶେଷ ହେଉଥିବା ଏକ ନିର୍ଦ୍ଦିଷ୍ଟ ଅବଦ୍ଧି ନିମନ୍ତେ ପୂର୍ବରୁ ପୋଷ୍ଟ କରାଯାଇଥିବା ମେସେଜ୍ ନିମନ୍ତେ ମେସେଜ୍ ଏଡିଟିଂ ଫିଚରକୁ ଅଚଳ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ପ୍ଲାଟଫର୍ମକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗ ଅନୁଯାୟୀ କେତେ ଚ୍ୟାନେଲ ପରିଚାଳକ ପୁରୁଣା ବାର୍ତ୍ତାର ସମୟ ଚିହ୍ନ ଅପରିବର୍ତ୍ତିତ ରଖି ପରେ ପ୍ରକୃତ ପ୍ରଶପତ୍ର ସଂଯୋଜନ କରି ଛାତ୍ରଛାତ୍ରୀଙ୍କୁ ବିଭ୍ରାନ୍ତ କରୁଥିଲେ। ଗୃହ ମନ୍ତ୍ରଣାଳୟ ଅଧୀନ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ଏହି ପ୍ରକାର ଠକେଇ ଓ ଭୁଲ ସୂଚନା ବିରୋଧରେ ସମନ୍ୱିତ କାର୍ଯ୍ୟାନୁଷ୍ଠାକୁ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏଜେନ୍ସି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଟେଲିଗ୍ରାମ୍ ଚ୍ୟାନେଲରେ ପେପର ଲିକ୍ ନିଟ୍, ରି ନିଟ୍ - ୨୦୨୬ କିଛି ଘରୋଇ ମାଫିଆ ପୋଷ୍ଟ କରି ଲକ୍ଷାଧିକ ଟଙ୍କା ପ୍ରଶ୍ନପତ୍ର ପାଇଁ ଦାବି କରୁଛନ୍ତି। ତେବେ ଏନ୍‌ଟିଏ ପକ୍ଷରୁ କୁହାଯାଉଛି ଯେ, କୌଣସି ପ୍ରଶ୍ନପତ୍ର ଲିକ୍ ହୋଇନାହିଁ। ଏଭଳି ଜାଲ ପୋଷ୍ଟରୁ ଦୂରେଇ ରୁହନ୍ତୁ। ତେବେ ସାଇବର ସୁରକ୍ଷା ଗବେଷକ ନିଷାଗ୍ର ଅଧିକାରୀ କହିଛନ୍ତି ଯେ, ମେସେଜିଂ ପ୍ଲାଟଫର୍ମକୁ ବନ୍ଦ କରିବା ଦ୍ୱାରା ପ୍ରଶ୍ନପତ୍ର ଲିକ୍‌ର ମୂଳ କାରଣକୁ ଚିହ୍ନଟ କରିବାରେ ବିଫଳ ହୋଇଛନ୍ତି। ଟେଲିଗ୍ରାମକୁ ବ୍ଲକ କଲେ ପ୍ରଶ୍ନପତ୍ର ଲିକକୁ ବନ୍ଦ କରାଯାଇପାରିବ ନାହିଁ। ସମ୍ପୂର୍ଣ୍ଣ ଭାବେ ଟେଲିଗ୍ରାମକୁ ବନ୍ଦ କରିବା ବୈଷୟିକ ଦୃଷ୍ଟି କୋଣରୁ ଅସମ୍ଭବ। ଏହି ପ୍ଲାଟଫର୍ମକୁ ଏଭଳି ଡିଜାଇନ୍ କରାଯାଇଛି ଯେ, ବ୍ୟବହାରକାରୀ ଏହି କଟକଣାକୁ ବାଇପାସ୍ କରି ଏଥିରେ ଆକ୍ସେସ୍ କରିପାରିବ।

## ସିଜେପି ମୁଖ୍ୟଙ୍କୁ ମାଡ

# ଜାମିନରେ ମୁକୁଳିଲେ ୫ ଯୁବକ, ପିନ୍ଧିଲେ ଫୁଲମାଳ

ନୂଆଦିଲ୍ଲୀ : କକ୍ରୋଚ ଜନତା ପାର୍ଟି(ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦିପକେଙ୍କୁ ମାଡ଼ ମାରିବା ଘଟଣାରେ ଗିରଫ ୫ ଯୁବକଙ୍କୁ ଆଜି ଜାମିନ ମିଳିଛି। ସୋମବାର ରାଜସ୍ଥାନର ଯୋଧପୁର ସ୍ଥିତ ବିକ୍ଷୋଭ ସମାବେଶକୁ ଅଭିଜିତ ଯାଉଥିବା ବେଳେ କିଛି ଯୁବକ ତାଙ୍କୁ ଚାପୁଡ଼ା ପରେ ଚାପୁଡ଼ା ମାରିଥିଲେ। ଏହାପରେ ପୁଲିସ୍ ୫ ଜଣଙ୍କୁ ଗିରଫ କରିଥିଲା। ହେଲେ ୨୪ ଘଣ୍ଟା ମଧ୍ୟରେ ସେମାନଙ୍କୁ ଜାମିନ ମିଳି ଯାଇଛି। ସମସ୍ତ ଅଭିଯୁକ୍ତ ଜାମିନରେ ମୁକୁଳିବା ପରେ ସେମାନଙ୍କୁ ହିରୋଙ୍କ ଭଳି ସ୍ୱାଗତ କରାଯାଇଛି। ସେମାନେ ଜାମିନ ପାଇବା ପରେ ବିଦ୍ୟାଧର ନଗର ପୁଲିସ ଷ୍ଟେସନରୁ ବାହାରିଥିଲା। ଏହାପରେ ସମସ୍ତଙ୍କ ବେକରେ ଫୁଲ ମାଳ ପକାଇ ସମର୍ଥକମାନେ ବିଭିନ୍ନ ପ୍ରକାରର



ନାରାବାଜୀ କରିଛନ୍ତି। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଆଇନଜୀବୀ ବସନ୍ତ ପାରିକ କହିଛନ୍ତି, ସର୍ବସାଧାରଣରେ ଶାନ୍ତି ଭଙ୍ଗ କରିବା ଚାର୍ଜରେ ପୁଲିସ୍ ୫ ଜଣଙ୍କୁ ଅଟକ ରଖିଥିଲା। ଆଜି ସେମାନଙ୍କୁ ୨୦ ହଜାର ଟଙ୍କା ଲେଖାଏ ବଣ୍ଡ ବଳରେ ଜାମିନ ମିଳିଛି। ସେମାନଙ୍କ ଉପରେ ୬ ମାସର କଟକଣା ଲଗା ଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଥିବା ନିକେତ ନାମକ ଯୁବକ ନିଜେ ସିଜେପିର କର୍ମକର୍ତ୍ତା। ଆଇନଜୀବୀ ପାରିକଙ୍କ କହିବା କଥା ରୋହିତ ଶର୍ମା, ରାକେଶ ଗୁରଜର, ଅଜୟ ଶର୍ମା ଓ କୁଲଦୀପ ସିଂହ ଶେଖାୱତ ହେଉଛନ୍ତି ୪ ବନ୍ଧୁ। ସେମାନଙ୍କୁ ଶାନ୍ତିଶୃଙ୍ଖଳା ଭଙ୍ଗ କରିବା ଅଭିଯୋଗରେ ଗିରଫ କରାଯାଇଥିଲା। ବାସ୍ତବରେ ସେମାନେ ସୋମବାର ଯୋଧପୁରରେ ସିଜେପିର ବିକ୍ଷୋଭ ସମାବେଶକୁ ଦେଖିବା ପାଇଁ ଯାଇଥିଲେ। ବିଚାରଧାରାରେ ଥିବା ମତାନ୍ତର ଯୋଗୁ ବିକ୍ଷୋଭ ସ୍ଥଳରେ ସେମାନଙ୍କର ଝଗଡ଼ା ହୋଇଥିଲା। ଅଭିଯୁକ୍ତଙ୍କ ସହଯୋଗୀ ଅର୍ଜୁନ କହିଛନ୍ତି ଯେ "ଆମେ ସମାଜ ଓ ଜାତୀୟ ସ୍ୱାର୍ଥ ପାଇଁ କାମ କରୁଛୁ। ଯେଉଁମାନେ ଦେଶ ବିରୋଧରେ କହିବେ, ସେମାନଙ୍କୁ ସେହି ଅନୁସାରେ ଜବାବ ଦିଆଯିବ। ଆମେ କେବଳ ବିକ୍ଷୋଭ ଦେଖିବାକୁ ଆସିଥିଲୁ। ଆମେ ସେଠାରେ ଏମିତି କିଛି କଥା ଶୁଣିଲୁ, ଯାହା ଆମକୁ ବିଚଳିତ କରିଥିଲା। ତେଣୁ ଆମେ ଏହାକୁ ସହି ପାରି ନଥିଲୁ।" ଉପଲବ୍ଧ ଥିବା ସୂଚନା ଅନୁସାରେ, ୨ ଜଣ ଅଭିଯୁକ୍ତ ଏମବିଏ କରୁଥିବା ବେଳେ ବାକି ୩ ଜଣ ଚାକିରି ଅନ୍ୱେଷଣରେ ରହିଛନ୍ତି। ୩ ଜଣଙ୍କ ଘର ଜୟପୁରରେ ଜିଲ୍ଲାରେ, ଜଣେ ସିକର ଓ ଆଉ ଜଣେ ଯୋଧପୁରର ଯୁବକ।

# ଫିଫା ବିଶ୍ୱକପ୍

## ସାଉଦୀ - ଉରୁଗୁଏ, ସ୍ପେନ୍ - କେପ୍ ଭର୍ଡି ମ୍ୟାଚ ଡ୍ର



ନୂଆଦିଲ୍ଲୀ, ୧୬।୬(ଏଜେନ୍ସି) : ଫିଫା ବିଶ୍ୱକପ୍‌ର ଗ୍ରୁପ୍ ଏଚ୍‌ରେ ଅନୁଷ୍ଠିତ ଦୁଇଟି ମ୍ୟାଚ ଡ୍ର ରହିଛି। ଶକ୍ତିଶାଳୀ ସ୍ପେନ୍ ଓ କେପ୍ ଭର୍ଡି ମଧ୍ୟରେ ମ୍ୟାଚ ଗୋଲ ଶୂନ୍ୟ ରହିଥିବା ବେଳେ ସାଉଦି ଆରବ ଏବଂ ଉରୁଗୁଏ ମଧ୍ୟରେ ମ୍ୟାଚ ୧-୧ ଗୋଲରେ ବରାବର ରହିଛି। ତେଣୁ ଦୁଇଟିଯାକ ମ୍ୟାଚରେ ପଏଣ୍ଟ ଭାଗ ହୋଇଛି। ଅର୍ଥାତ୍ ଗ୍ରୁପ ଏଚ୍ ପର୍ଯ୍ୟାୟର ୪ ଟି ଯାକ ଦଳ ଚଳିତ ବିଶ୍ୱକପ୍ ପଦାର୍ପଣରେ ହାରିନାହାଁନ୍ତି ବରଂ ଗୋଟିଏ ଲେଖାଏଁ ପଏଣ୍ଟ ସହ ଖାତା ଖୋଲିଛନ୍ତି।

ଆଟଲାଣ୍ଟାର ମର୍ସିଡିଜ୍ ବେଞ୍ଜ୍ ଷ୍ଟାଡିୟମରେ ସ୍ପେନ୍ ଓ କେପ୍ ଭର୍ଡି ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ମ୍ୟାଚ ଏତେ ଲୋମଟାଙ୍କୁରା ଥିଲା ଯେ, ସ୍ପେନ୍ ଭଳି ଶକ୍ତିଶାଳୀ ଦଳକୁ ଗୋଲ କରିବାର ସାମାନ୍ୟତମ ସୁଯୋଗ କେପ୍ ଭର୍ଡି ଦେଇନଥିଲା। ଭାରତୀୟ ସମୟ ରାତି ୧୨ ଟା ବେଳେ ଏହି ମ୍ୟାଚ ଆରମ୍ଭ ହୋଇଥିଲା ପାଖାପାଖି ୬୮ ହଜାର ଦର୍ଶକ ଏହି ମ୍ୟାଚର ଆନନ୍ଦ ନେଇଥିଲେ।

ମିଆଁମି ଗାର୍ଡେନ୍ସର ହାଡରକ୍ ଷ୍ଟାଡିୟମରେ ସାଉଦି ଆରବ ଓ ଉରୁଗୁଏ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏହି ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିଲା। ମ୍ୟାଚର ୪୧ ତମ ମିନିଟରେ ସାଉଦି ଆରବର ଅଲ ଆମ୍ରି ଗୋଲ ସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ କରିଥିଲେ। ପାଖାପାଖି ୩୯ ମିନିଟ୍ ବ୍ୟବଧାନ ପରେ ଉରୁଗୁଏ ଗୋଲ ପରିସର କରିଥିଲା। ୮୦ ତମ ମିନିଟରେ ଏମଆରାଉଜୋ ଗୋଲ ଦେବାରୁ ବ୍ୟବଧାନ ୧-୧ ହୋଇଥିଲା। ଶେଷ ପର୍ଯ୍ୟନ୍ତ ମ୍ୟାଚ ସଂଘର୍ଷପୂର୍ଣ୍ଣ ଥିଲେ ମଧ୍ୟ ଆଉ ଗୋଲ ହୋଇନଥିଲା। ତେଣୁ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି। ଉରୁଗୁଏ ଗ୍ରୁପ ଏଚ୍ ଟେବୁଲ ଶୀର୍ଷରେ ଥିବା ବେଳେ ସାଉଦି ଆରବ ଦ୍ୱିତୀୟ, ସ୍ପେନ୍ ତୃତୀୟ ଓ କେପ୍ ଭର୍ଡି ଚତୁର୍ଥ ସ୍ଥାନରେ ରହିଛି।

ଗ୍ରୁପର ଜି ର ଦୁଇଟି ମ୍ୟାଚରେ ବେଲଜିୟମ୍ - ଇଜିପ୍ଟ (୧-୧ ଗୋଲ) ଏବଂ ଇରାନ -ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ମ୍ୟାଚ ୨-୨ ଗୋଲରେ ଡ୍ର ହେବା ସହ ପଏଣ୍ଟ ଭାଗ ହୋଇଛି। ଏହି ଗ୍ରୁପରେ ନ୍ୟୁଜିଲ୍ୟାଣ୍ଡ ଶୀର୍ଷରେ ଥିବା ବେଳେ ଇରାନ ଦ୍ୱିତୀୟ, ବେଲଜିୟମ ତୃତୀୟ ଓ ଇଜିପ୍ଟ ଚତୁର୍ଥ ସ୍ଥାନରେ ରହିଛି।

## ବିଶ୍ୱକପରେ ଚମକୁଛନ୍ତି ଏମ୍ବାପେ



ନୂଆଦିଲ୍ଲୀ, ୧୬।୬(ଏଜେନ୍ସି) : ପ୍ୟାରିସର ବୋଣ୍ଡି ସହରରୁ ଆସିଥିବା କିଲିଆନ ଏମ୍ବାପେଙ୍କ ପାଇଁ ୨୦୨୬ ଫିଫା ବିଶ୍ୱକପ୍ ଅତି ଗୁରୁତ୍ୱପୂର୍ଣ୍ଣ। ୨୦୧୮ରେ ବିଶ୍ୱକପ୍ ବିଜେତା ଏବଂ ୨୦୨୨ କାତାର ବିଶ୍ୱକପରେ ରନର୍ସଅପ୍ ହୋଇଥିବା ଫ୍ରାନ୍ସ ଦଳର ଅଧିନାୟକ ଏମ୍ବାପେ ଲଗାତାର ତୃତୀୟ ଥର ପାଇଁ ଦଳକୁ ଫାଇନାଲରେ ପହଞ୍ଚାଇବା ଲକ୍ଷ୍ୟରେ ଅଛନ୍ତି। ପଡିଆରେ ଚିତା ବାଘ ଭଳି ଦ୍ରୁତ ଗତି ଏବଂ ସାଂଘାତିକ ଫିନିସିଂ ପାଇଁ ପରିଚିତ ଏମ୍ବାପେଙ୍କୁ ନେଇ ପୂର୍ବତନ କୋଚ୍ ଥୋମାସ ତୁଚେଲ କହିଛନ୍ତି ମାନସିକତା ଦୃଷ୍ଟିରୁ ଏମ୍ବାପେ ଜଣେ ସାର୍କ ମାଛ ଭଳି। ଯିଏ ପଡିଆକୁ ଓହ୍ଲାଇଲେ ସବୁକିଛି ଜିତିବାକୁ ଚାହାଁନ୍ତି। କ୍ଲବ ସ୍ତରରେ ମୋନାକୋ, ପିଏସ୍‌ଜି ଏବଂ ରିୟଲ ମାଦ୍ରିଦ ପାଇଁ ଖେଳୁଥିବା ଏମ୍ବାପେ ଏପର୍ଯ୍ୟନ୍ତ ୧୮ ଟି ବଡ ଟ୍ରଫି ଜିତି ସାରିଲେଣି। ଏହି ବିଶ୍ୱକପ୍‌ରେ ଏମ୍ବାପେଙ୍କ ସାମ୍ନାରେ ଐତିହାସିକ ରେକର୍ଡ ଭାଙ୍ଗିବାରେ ସୁଯୋଗ ରହିଛି। ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଏମ୍ବାପେ ୧୨ ଟି ଗୋଲ କରିଛନ୍ତି। ସେ ଏହି ଟୁର୍ଣ୍ଣାମେଣ୍ଟରେ ଯଦି ଆଉ ୫ ଟି ଗୋଲ କରନ୍ତି ତେବେ ଜର୍ମାନୀର ମିରୋସ୍ଲାଭ କ୍ଲୋଜଙ୍କ ୧୬ ଗୋଲ ରେକର୍ଡକୁ ପଛରେ ପକାଇ ବିଶ୍ୱକପ୍ ଇତିହାସରେ ସର୍ବକାଳୀନ ସର୍ବାଧିକ ଗୋଲ ସ୍କୋରର ବନିଯିବେ। ମାତ୍ର ଦୁଇଟି ଗୋଲ କଲେ ସେ ଜଷ୍ଟ ଫଣ୍ଟେନଙ୍କୁ ପଛରେ ପକାଇ ଫ୍ରାନ୍ସର ୧ନଂ ସ୍କୋରର ହେବେ। ଏହା ସହ ଲିଓନେଲ ମେସିଙ୍କ ୯ ଟି ପ୍ଲେୟାର ଅଫ ଦ ମ୍ୟାଚ ରେକର୍ଡକୁ ଭାଙ୍ଗିବା ପାଇଁ ମଧ୍ୟ ଏମ୍ବାପେଙ୍କ ପାଖରେ ସୁଯୋଗ ରହିଛି। ଏଥର ଫ୍ରାନ୍ସର ପୁରା ଆଟାକିଂ ଲାଇନ୍ ଅତ୍ୟନ୍ତ ଶକ୍ତିଶାଳୀ। ୨୦୨୫ ର ଫିଫା ଶ୍ରେଷ୍ଠ ପ୍ଲେୟାର ଓସମାନେ ଡେମ୍ବେଲେ ଏବଂ ବାୟର୍ଣ୍ଣ ମ୍ୟୁନିକ୍‌ର ଷ୍ଟାର ମାଇକେଲ ଓଲିସେଙ୍କ ଭଳି ଖେଳାଳି ଏମ୍ବାପେଙ୍କୁ ସାଥ୍ ଦେଉଛନ୍ତି। ଗତ ୧୪ ବର୍ଷ ଧରି ଦଳର କୋଚ୍ ଥିବା ଡିଡିଅର ଦେସମ୍ପସଙ୍କ ପାଇଁ ଏହା ଶେଷ ବିଶ୍ୱକପ୍ ହୋଇଥିବାରୁ ଦଳ ତାଙ୍କୁ ଏକ ଐତିହାସିକ ବିଦାୟୀ ଉପହାର ଦେବାକୁ ଚାହୁଁଛି।

## ସିଦ୍ଧାନ୍ତ ମେମୋରିଆଲ ପାରାମାଉଣ୍ଟ କପ୍ କ୍ରିକେଟ୍

### ସେମିରେ ଏଲଏଲସିସି, ରେଡ ଷ୍ଟାର




ଭୁବନେଶ୍ୱର, ୧୬।୬(ସବ୍ୟୁ) : ପାରାମାଉଣ୍ଟ ସ୍ପୋର୍ଟି ଆନୁକୂଲ୍ୟରେ ଆୟୋଜିତ ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦୁଇଟି କ୍ୱାର୍ଟର ଫାଇନାଲରେ ଏଲଏଲସିସି, ରେଡ ଷ୍ଟାର ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ କ୍ୱାର୍ଟରରେ ଏଲଏଲସିସି ୧୪ ରନରେ ମନୋଜ କ୍ରିକେଟ ଏକାଡେମୀକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଏଲଏଲସିସି ୧୧୬ ରନ କରିଥିଲା। ଆଦର୍ଶ ଦାସ ୩୭ ରନ କରିଥିବା ବେଳେ ଏମସିଏ ପକ୍ଷରୁ କମଳ ୪ୱିକେଟ ନେଇଥିଲେ। ଜବାବରେ ଏମସିଏ ୧୦୨ ରନରେ ଅଲଆଉଟ୍ ହୋଇଥିଲା। ଅନମୂଲ ବାରିକ ୫ ୱିକେଟ ହାସଲ କରି ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନର ସମ୍ପାଦକ ଅଶୋକ କୁମାର ପାତ୍ର ପୁରସ୍କାର ପ୍ରଦାନ କରିଥିଲେ।

ଚତୁର୍ଥ କ୍ୱାର୍ଟର ଫାଇନାଲରେ ରେଡ ଷ୍ଟାର ୬୯ ରନ ବ୍ୟବଧାନରେ ଯୁଭେନାଇଲ କ୍ରିକେଟ୍ କ୍ଲବକୁ ପରାସ୍ତ କରିଛି। ରେଡ ଷ୍ଟାର ୨୫ ଓଭରରେ ୮ ୱିକେଟ ହରାଇ ୧୮୫ ରନ କରିଥିଲା। ସେଖ୍ ତୌଫିଲ ଅହମ୍ମଦ ୪୪ ରନ ଓ ଶ୍ରେୟଂସ ବିଧାର ୩୮ ରନ କରିଥିଲେ। ଜବାରେ ଜୁଭେନାଇଲ ୧୧୬ ରନରେ ଅଲଆଉଟ୍ ହୋଇଥିଲା। ମନ୍ମନ ମହାପାତ୍ର ୩ ୱିକେଟ ନେଇଥିବା ବେଳେ ସେଖ ତୌଫିଲ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ରଣଜୀ କ୍ରିକେଟ ଓ ବର୍ତ୍ତମାନର ଓଡିଶା କୋଚ୍ ବିଭୂଦତ୍ତ ପଣ୍ଡା ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ପାରାମାଉଣ୍ଟ ସ୍ପୋର୍ଟି ଏଲଏଲସିସି ଏବଂ ଦ୍ୱିତୀୟ ସେମିଫାଇନାଲ ରେଡ ଷ୍ଟାର -ଏମସିସି ମଧ୍ୟରେ ଖେଳାଯିବ।

## ବିଳମ୍ବରେ ଆରମ୍ଭ ହେଉଛି ଫିଫା ବିଶ୍ୱକପ୍

ନୂଆଦିଲ୍ଲୀ, ୧୬।୬(ଏଜେନ୍ସି) : ଆମେରିକା, ମେକ୍ସିକୋ ଓ କାନାଡାରେ ବିଶ୍ୱକପ୍ ଆୟୋଜିତ ହେଉଛି। ପ୍ରତ୍ୟେକ ଦେଶରେ ଟାଇମ୍‌ଜୋନ୍ ଅଲଗା। ତେଣୁ ମ୍ୟାଚଗୁଡିକ ଭିନ୍ନ ଭିନ୍ନ ସମୟରେ ଆରମ୍ଭ ହେଉଛି। ନିର୍ଦ୍ଧାରିତ ସମୟ ପରିବର୍ତ୍ତେ ପାଖାପାଖି ୬ ମିନିଟ୍ ପର୍ଯ୍ୟନ୍ତ ମ୍ୟାଚ ବିଳମ୍ବରେ ଆରମ୍ଭ ହେଉଥିବା ଦେଖାଯାଇଛି। ଟେଲିଭିଜନରେ ମ୍ୟାଚ ଦେଖୁଥିବା ଦର୍ଶକମାନେ ଏହାକୁ ନେଇ ନିରାଶାବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ ମେକ୍ସିକୋ - ଦ.ଆଫ୍ରିକା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ପରିବର୍ତ୍ତେ ଏହି ମ୍ୟାଚ ୬ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ୮ ଟି ମ୍ୟାଚରେ ଏଭଳି ସମସ୍ୟା ଦେଖାଦେଇଛି। ଦ.କୋରିଆ - ଚେକ୍ ଗଣରାଜ୍ୟ ମ୍ୟାଚ ଗୋଟିଏ ମିନିଟ, କାନାଡା -ବୋସନିଆ ମ୍ୟାଚ ୨ ମିନିଟ୍ ୨୨ ସେକେଣ୍ଡ, ଆମେରିକା - ପାରାଗୁଏ ମ୍ୟାଚ ୨ ମିନିଟ୍ ୧୯ ସେକେଣ୍ଡ, କାତାର - ସ୍ୱିଜରଲାଣ୍ଡ ମ୍ୟାଚ ୪ ମିନିଟ୍ ୫୩ ସେକେଣ୍ଡ ବିଳମ୍ବରେ ଆରମ୍ଭ ହୋଇଥିଲା। ସେହିଭଳି ବ୍ରାଜିଲ - ମରକୋ ମ୍ୟାଚ ୫ ମିନିଟ୍, ହାଇତି - ସ୍କଟଲାଣ୍ଡ ମ୍ୟାଚ ୨ ମିନିଟ୍ ୪୨ ସେକେଣ୍ଡ, ଅଷ୍ଟ୍ରେଲିଆ - ତୁର୍କୀ ମ୍ୟାଚ ଗୋଟିଏ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ଫିଫା ପକ୍ଷରୁ ଏଥର ମ୍ୟାଚ ପୂର୍ବରୁ ଜାତୀୟ ସଂଗୀତ ଗାନ ସମୟରେ ପ୍ରତ୍ୟେକ ଦଳର ୨୬ ଜଣ ଲେଖାଏଁ ଖେଳାଳି ଓ କୋଚିଂ ଷ୍ଟାର ସାମିଲ ହେବାର ନିୟମ କରିଛି। କିନ୍ତୁ ଏହି ସମୟରେ ଖେଳାଳିମାନେ ପ୍ରବେଶ କରିବା ଏବଂ ପଡିଆ ଛାଡିବାରେ ବିଳମ୍ବ କରୁଛନ୍ତି। ଏହି ସମସ୍ୟା ହିଁ ପରବର୍ତ୍ତୀ ସମସ୍ତ ପ୍ରକ୍ରିୟାକୁ ବିଳମ୍ବ କରିଦେଉଛି।

## ଭାରତକୁ ପ୍ରୋ - ଲିଗ୍ ଯୋଗ୍ୟତା




ନ୍ୟୁଜିଲାଣ୍ଡ, ୧୬।୬(ଏଜେନ୍ସି) : ଜାପାନକୁ ୨-୧ ଗୋଲରେ ହରାଇ ଭାରତୀୟ ମହିଳା ହକି ଦଳ ଚଳିତ ଏଫଆଇଏଚ୍ ନେସନ୍ସ କପ୍ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଏହି ବିଜୟ ସହିତ ଭାରତୀୟ ଦଳ ମଧ୍ୟ ଆସନ୍ତାବର୍ଷର ଏଫଆଇଏଚ୍ ପ୍ରୋ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ପ୍ରଥମ ମ୍ୟାଚ୍ରେ ଆମେରିକାକୁ ପରାସ୍ତ କରିଥିବା ଭାରତୀୟ ଦଳ ପାଇଁ ମଙ୍ଗଳବାର ଅଧିନାୟିକା ସଲିମା ଟେଟେ ଓ ଲାଲରେମସିଆମି ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଭାରତ ଦୁଇ ମ୍ୟାଚ୍ରୁ ୬ ପଏଣ୍ଟ୍ ସହ ସେମିଫାଇନାଲ୍ ପ୍ରବେଶକୁ ନିଶ୍ଚିତ କରିଛି। ୨ ମିନିଟ୍ ପରେ ଆଇ ହିମଙ୍ଗଳବାର ମ୍ୟାଚରେ ପ୍ରଥମ ଦୁଇ କ୍ୱାର୍ଟର ଗୋଲ୍ ଶୂନ୍ୟ ରହିଥିଲା। ୩୩ତମ ମିନିଟରେ ସଲିମା ଟେଟେ ଗୋଲ୍ ଦେଇଥିଲେ ମଧ୍ୟ ଜାପାନ ଏହାକୁ ତୁରନ୍ତ ଶୁଝାଇ ଦେଇଥିଲା।ରାମିତସୁ (୩୫ତମ ମିନିଟ୍) ଏହି ଗୋଲଟି ଦେଇଥିଲେ। ଚତୁର୍ଥ କ୍ୱାର୍ଟର ପ୍ରଥମରୁ ସୁଶୀଲା ଚାନୁଙ୍କ ଚମତ୍କାର ପାସରୁ ଅଭିଜ୍ଞା ଲାଲରେମସିଆମି (୪୯ ମିନିଟ୍)ଙ୍କ ନିର୍ଣ୍ଣାୟକ ଗୋଲ ଭାରତକୁ ନିଶ୍ଚିତ କରିଥିଲା। ଜାପାନ ଶେଷ କ୍ୱାର୍ଟରରେ ଜୋରଦାର ଆକ୍ରମଣ କରିଥିଲେ ମଧ୍ୟ ଭାରତର ରକ୍ଷଣଭାଗ ଏହାକୁ ପଣ୍ଡ କରିଦେବାରେ ସକ୍ଷମ ହୋଇଥିଲା। ଭାରତ ନିଜ ଶେଷ ଗ୍ରୁପ୍ ମ୍ୟାଚ୍ ଜୁନ୍ ୧୮ ତାରିଖରେ ଉରୁଗୁଏ ବିପକ୍ଷରେ ଖେଳିବ। ଅନ୍ୟ ସେମିଫାଇନାଲ୍ ସ୍ଥାନ ପାଇଁ ଆମେରିକା ଓ ଜାପାନ ଲଢ଼େଇ କରିବେ।

## ୱିମ୍ବଲଡନରେ ୱିଲିୟମ୍ସ ଭଉଣୀଙ୍କ ଏଣ୍ଟ୍ରି

ନୂଆଦିଲ୍ଲୀ, ୧୬।୬(ଏଜେନ୍ସି): ୱିମ୍ବଲଡନ ପକ୍ଷରୁ ମଙ୍ଗଳବାର ଏକ ବଡ଼ ଘୋଷଣା କରାଯାଇଛି । ଦୁନିଆର ପୂର୍ବତନ ନମ୍ବର ୱାନ୍ ଖେଳାଳି ସେରେନା ୱିଲିୟମ୍ସ ଏବଂ ଭିନସ ୱିଲିୟମ୍ସ ଆଗାମୀ ୱିମ୍ବଲଡନର ମହିଳା ଡବଲ୍ସ (ଯୁଗଳ) ବର୍ଗରେ ଏକ ଦଶନ୍ଧି ପରେ ଯୋଡ଼ି ହୋଇ ଖେଳିବେ । ଦୁଇ ସପ୍ତାହରୁ କମ୍ ସମୟ ମଧ୍ୟରେ ଆରମ୍ଭ ହେବାକୁ ଥିବା ଏହି ଗ୍ରାସ୍ କୋର୍ଟ ଗ୍ରାଣ୍ଡସ୍ଲାମ ପାଇଁ ଅଲ୍ ଇଂଲଣ୍ଡ କ୍ଲବ୍ ୱିଲିୟମ୍ସ ଭଉଣୀଙ୍କୁ 'ୱାଇଲ୍ଡ କାର୍ଡ' ନିମନ୍ତ୍ରଣ ଦେବାକୁ ଘୋଷଣା କରିଛି । ପ୍ରାୟ ଚାରି ବର୍ଷ ଧରି ପ୍ରଫେସନାଲ୍ ଟେନିସରୁ ଦୂରେଇ ରହିବା ପରେ ସେରେନା ନିକଟରେ ୪୪ ବର୍ଷ ବୟସରେ ଟେନିସକୁ ଫେରିଛନ୍ତି । ସେରେନା ଏବଂ ଭିନସ ମହିଳା ସିଙ୍ଗଲ୍ସ ବ୍ୟତୀତ ମହିଳା ଡବଲ୍ସରେ ମଧ୍ୟ ବିଶ୍ୱର ନମ୍ବର ୱାନ୍ ଖେଳାଳି ରହିସାରିଛନ୍ତି । ଅନ୍ୟପଟେ ଭିନସ ବୁଧବାର ଦିନ ୪୬ ବର୍ଷରେ ପଦାର୍ପଣ କରିଛନ୍ତି । ସେରେନା ଏବଂ ଭିନସ ମହିଳା ଡବଲ୍ସରେ ମିଳିତ ଭାବେ ୧୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିଛନ୍ତି । ଏଥିରେ ୬ଟି ୱିମ୍ବଲଡନ ସାମିଲ ଅଛି । ସେମାନେ ନିଜର ପ୍ରଥମ ୱିମ୍ବଲଡନ ଟାଇଟଲ୍ ୨୦୦୦ ମସିହାରେ ଏବଂ ଶେଷ ଟାଇଟଲ୍ ୨୦୧୬ରେ ଜିତିଥିଲେ । ୱିମ୍ବଲଡନରେ ନିଜର ପ୍ରଥମ ଦୁଇଟି ଯାକ ଟାଇଟଲ୍ (୨୦୦୦ ଏବଂ ୨୦୦୨) ୱାଇଲ୍ଡ କାର୍ଡ ଭାବରେ ହିଁ ଜିତିଥିଲେ । ସେରେନା ମଙ୍ଗଳବାର ବର୍ଲିନ ଓପନରେ କ୍ୟାରୋଲିନ ମୁଚୋଭାଙ୍କ ସହ ମହିଳା ଡବଲ୍ସରେ ଭାଗ ନେଇ ଟେନିସକୁ ପ୍ରତ୍ୟାବର୍ତ୍ତନ କରିବେ । ସେରେନା ହେଉଛନ୍ତି ଏକମାତ୍ର ମହିଳା ଖେଳାଳି ଯିଏ ସିଙ୍ଗଲ୍ସ ଏବଂ ଡବଲ୍ସ ଉଭୟରେ 'କ୍ୟାରିୟର ଗୋଲ୍ଡେନ ସ୍ଲାମ' ହାସଲ କରିଛନ୍ତି । ସେ ଓପନ୍ ଏରାରେ ସବୁଠାରୁ ଅଧିକ ୨୩ଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିଥିବା ମହିଳା ଖେଳାଳି । ସେରେନା ନିଜ କ୍ୟାରିୟରରେ ୭୩ଟି ସିଙ୍ଗଲ୍ସ ଟାଇଟଲ୍, ୪ଟି ଅଲିମ୍ପିକ ଗୋଲ୍ଡ ମେଡାଲ୍ ଜିତିଛନ୍ତି ଏବଂ ଡବ୍ଲୁଟିଏ ରାଙ୍କିଙ୍ଗରେ ୩୧୯ ସପ୍ତାହ ଧରି ନମ୍ବର ୱାନ୍ ସ୍ଥାନରେ ରହିଛନ୍ତି ।

## କାହାର ପାଦ ଛୁଇଁ ପ୍ରଣାମ କଲେ ବୈଭବ ସୂର୍ଯ୍ୟବଂଶୀ ?

ନୂଆଦିଲ୍ଲୀ, ୧୬।୬(ଏଜେନ୍ସି) : ଶ୍ରୀଲଙ୍କା ଗସ୍ତରେ ଖୁବ ଚର୍ଚ୍ଚାରେ ଅଛନ୍ତି ବୈଭବ ସୂର୍ଯ୍ୟବଂଶୀ। ହେଲେ ଏହି ଚର୍ଚ୍ଚା ତାଙ୍କର ପ୍ରଦର୍ଶନ ପାଇଁ ନୁହେଁ ବରଂ ମଇଦାନରେ ଶ୍ରୀଲଙ୍କା ଖେଳାଳିଙ୍କ ସହ ଝଗଡ଼ା କରିବା ନେଇ ହେଉଛି।ଜୁନ ୧୫ରେ ଶ୍ରୀଲଙ୍କା ଏ ବିପକ୍ଷ ତ୍ରିରାଷ୍ଟ୍ରୀୟ ସିରିଜରେ ସୁପର ଓଭରରେ ମ୍ୟାଚ୍ ହାରିବା ପରେ ସୂର୍ଯ୍ୟବଂଶୀଙ୍କ ଶ୍ରୀଲଙ୍କା ଖେଳାଳିଙ୍କ ସହ ଲଢେଇ ହୋଇଥିଲା। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଦ୍ରୁତ ବେଗରେ ଭାଇରାଲ୍ ମଧ୍ୟ ହୋଇଛି। ତେବେ ଏହି ଘଟଣା ପରେ ବୈଭବ ଜଣେ ବ୍ୟକ୍ତିଙ୍କ ପାଦ ଛୁଇଁବା ଭିଡିଓ ପୁଣି ଥରେ ସାମାଜିକ ଗଣମାଧ୍ୟମରେ ଦ୍ରୁତ ବେଗରେ ଭାଇରାଲ୍ ହେବାରେ ଲାଗିଛି। ତେବେ ସାମ୍ନାକୁ ଆସିଥିବା ଭିଡିଓଟି ହେଉଛି ମ୍ୟାଚ୍ ପରର। ଏଥିରେ ବୈଭବ ସୂର୍ଯ୍ୟବଂଶୀ ଅନୁରା ଟେନେକୁନଙ୍କ ପାଦ ଛୁଇଁ ପ୍ରଣାମ କରୁଥିବା ଦେଖିବାକୁ ମିଳିଛି। ଅନୁରା ଟେନେକୁନ ହେଉଛନ୍ତି ଶ୍ରୀଲଙ୍କା ଦିନିକିଆ ଦଳର ପ୍ରଥମ ଅଧିନାୟକ। ସେ ୧୯୭୫ ବିଶ୍ୱକପରେ ଶ୍ରୀଲଙ୍କା ଦଳର ନେତୃତ୍ୱ ନେଇଥିଲେ। ଡାମ୍ବୁଲାରେ ମ୍ୟାଚ୍ ପରେ ୧୫ ବର୍ଷୀୟ ବୈଭବ ତାଙ୍କୁ ସାକ୍ଷାତ କରିଛନ୍ତି। ଆଉ ଏହି ସାକ୍ଷାତ ସମୟରେ ହିଁ ବୈଭବ ଟେନେକୁନଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ। ତାଙ୍କୁ ଅନୁରା ଟେନେକୁନଙ୍କଠୁ ଏକ ଭଲ ପରାମର୍ଶ ମଧ୍ୟ ମିଳିଛି। ଅନୁରା କହିଛନ୍ତି, ଲୋକେ କଣ କହିବେ ତାହାକୁ ଗୁରୁତ୍ୱ ଦିଅନି ବରଂ ନିଜ ଖେଳ ଉପରେ ଅଧିକ ଧ୍ୟାନ ଦିଅ। ଭାରତୀୟ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ଏକାକୀ ସମଗ୍ର ଶ୍ରୀଲଙ୍କା ଦଳ ସହ ମୁହାଁମୁହିଁ ହେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଏହି ଘଟଣାର ଭିଡିଓ ଏବେ ଦ୍ରୁତ ଗତିରେ ଭଳି ଭାଇରାଲ୍ ହେବାରେ ଲାଗିଛି। ସୁପର ଓଭରରେ ଶ୍ରୀଲଙ୍କା ଦଳ ବିଜୟୀ ହେବା ପରେ ଏହି ସଂଘର୍ଷ ଘଟିଥିଲା। ମ୍ୟାଚ୍ ସରିବା ପରେ ବୈଭବ ସୂର୍ଯ୍ୟବଂଶୀ ଏବଂ ସୂର୍ଯ୍ୟାଂଶ ସେଡଗେ ପାଭିଲିୟନ ଫେରୁଥିବା ବେଳେ ଶ୍ରୀଲଙ୍କା ଖେଳାଳିଙ୍କ ସହ କୌଣସି କଥାକୁ ନେଇ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଧୀରେ ଧୀରେ ଏହି ପାଟିତୁଣ୍ଡ ଉଗ୍ର ରୂପ ନେଇଥିଲା ଏବଂ ଦୁଇ ପକ୍ଷ ମଧ୍ୟରେ ଧକ୍କା ଏବଂ ହାତାହାତି ଆରମ୍ଭ ହୋଇଯାଇଥିଲା। ଭିଡିଓରେ ଦେଖିବାକୁ ମିଳିଛି ଯେ ବୈଭବ ଏକାକୀ ବିପକ୍ଷ ଦଳ ସହ ଲଢିବା ସହ ଶ୍ରୀଲଙ୍କାର ଜଣେ ଖେଳାଳିଙ୍କୁ ଧକ୍କା ମାରୁଛନ୍ତି।




## ଓପନର ଭାବେ ରୋହିତ କରିପାରନ୍ତି ରେକର୍ଡ

ଲକ୍ଷ୍ନୌ, ୧୬।୬(ଏଜେନ୍ସି) : ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ଲକ୍ଷ୍ନୌର ଇକାନା ଷ୍ଟାଡିୟମରେ ଖେଳାଯିବ । ୩ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ରହିଛି । ଏହି ମ୍ୟାଚକୁ ଜିତି ଭାରତ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି । ଟିମ ଇଣ୍ଡିଆର ଓପନର ରୋହିତ ଶର୍ମାଙ୍କ ନିକଟରେ ଏହି ମ୍ୟାଚରେ ଏକ ବଡ ରେକର୍ଡ କରିବା ସୁଯୋଗ ରହିଛି । ରୋହିତ ଦ୍ୱିତୀୟ ଦିନିକିଆରେ ୧୦ ରନ କଲେ ଓପନର ଭାବେ ଭାରତ ପକ୍ଷରୁ ସର୍ବାଧିକ ଆନ୍ତର୍ଜାତୀୟ ରନ ସଂଗ୍ରହ କରିବା ଗୌରବ ଅର୍ଜନ କରିବେ । ଏହି ରେକର୍ଡ ଏବେ ବୀରେନ୍ଦ୍ର ସେହ୍ୱାଗଙ୍କ ନାମରେ ରହିଛି । ସେ ୩୩୨ ମ୍ୟାଚରେ ୧୬୧୧୯ ରନ କରିଛନ୍ତି । ରୋହିତ ୩୫୯ ମ୍ୟାଚରେ ୧୬୦୧୦ ରନ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଏହି ତାଲିକାରେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ତୃତୀୟ ସ୍ଥାନରେ ରହିଛନ୍ତି । ସେ ଓପନର ଭାବେ ୩୪୬ ମ୍ୟାଚରେ ୧୫୩୩୫ ରନ କରିଛନ୍ତି । ସୁନୀଲ ଗାଭାସ୍କର(୧୨୨୫୮) ଓ ଶିଖର ଧାୱନ(୧୦୮୬୭) ଯଥାକ୍ରମେ ଚତୁର୍ଥ ଓ ୫ମ ସ୍ଥାନରେ ରହିଛନ୍ତି । ପ୍ରଥମ ମ୍ୟାଚରେ ରୋହିତ ୧୬ ବଲରେ ୧୬ ରନ ସଂଗ୍ରହ କରିଥିଲେ । ଶୁଭମନ ଗିଲ ୮୪ ରନର ଇନିଂସ ଖେଳି ଭାରତ ବିଜୟରେ ମୁଖ୍ୟ ନାୟକ ସାଜିଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

## ଇରାନ ଖେଳାଳିଙ୍କ ବିବାଦୀୟ ସେଲିବ୍ରେସନ୍



ନୂଆଦିଲ୍ଲୀ, ୧୬।୬(ଏଜେନ୍ସି) : ଆମେରିକା ଓ ଇରାନ ଯୁଦ୍ଧ ଶେଷ ପର୍ଯ୍ୟାୟ। କିନ୍ତୁ ଫିଫା ବିଶ୍ୱକପ୍ ଏବେ ପ୍ରଗତିପଥରେ। ଆମେରିକାର ଲସ୍ ଏଞ୍ଜେଲ୍ସ ସ୍ଥିତ ସୋଫି ଷ୍ଟାଡିୟମରେ ଇରାନ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଖେଳାଯାଇଥିବା ୨୦୨୬ ଫିଫା ବିଶ୍ୱକପ୍ ମ୍ୟାଚ ଉଭୟ ପଡିଆ ଭିତରେ ଓ ବାହାରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିବା ବେଳେ ଇରାନୀ ଖେଳାଳିଙ୍କ ଗୋଲ ସେଲିବ୍ରେସନ୍ ନୂଆ ବିବାଦ ସୃଷ୍ଟି କରିଛି। ମହମ୍ମଦ ମୋହେବିଙ୍କ ବନ୍ଧୁକ ସେଲିବ୍ରେସନକୁ ନେଇ ଏହି ବିବାଦ ଦେଖାଦେଇଛି। ଇରାନର ମିଡ୍‌ଫିଲଡର ମହମ୍ମଦ ଏକ ହେଡର ମାଧ୍ୟମରେ ଦଳ ପାଇଁ ଦ୍ୱିତୀୟ ତଥା ନିର୍ଣ୍ଣାୟକ ଗୋଲ କରି ମ୍ୟାଚକୁ ଡ୍ର କରିଥିଲେ। ଗୋଲ ଦେବା ପରେ ସେ ବନ୍ଧୁକରୁ ଗୁଳି ଚଳାଇବା ଭଳି ଗନ ଫାୟାର ସେଲିବ୍ରେସନ୍ କରିଥିଲେ। ଯାହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏପରିକି ଏହା ଉପରେ ସମୀକ୍ଷା କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

ଫିଫାର ନିୟମାନୁଯାୟୀ ପଡିଆ ଭିତରେ କୌଣସି ରାଜନୈତିକ ପ୍ରଦର୍ଶନ ମନା ଥିଲେ ସୁଦ୍ଧା ଅନେକ ଦର୍ଶକ ଇରାନର ପୁରୁଣା ପତାକା ଧରି ଷ୍ଟାଡିୟମ ଭିତରେ ପ୍ରବେଶ କରିଥିଲେ। ବ୍ୟାଗ ଯାଞ୍ଚ ଓ କଡା ସୁରକ୍ଷା ସତ୍ତ୍ୱେ ଲୋକଙ୍କ ପୋଷାକ ଏବଂ ବ୍ୟାନରେ ଏ ପତାକା ଦେଖିବାକୁ ମିଳିଥିଲା। ମ୍ୟାଚ ଆରମ୍ଭ ହେବା ପୂର୍ବରୁ ଷ୍ଟାଡିୟମ ବାହାରେ ଇରାନ ସରକାରଙ୍କୁ ବିରୋଧ ପ୍ରଦର୍ଶନ କରାଯାଇଥିଲା। ମ୍ୟାଚ ପୂର୍ବରୁ ଇରାନର ଜାତୀୟ ସଂଗୀତ ଗାନ କରାଯିବା ସମୟରେ କିଛି ଦର୍ଶକ ପଡିଆ ଆଡେ ପଛ ବୁଲାଇଦେଇଥିଲେ। ଅନ୍ୟ କିଛି ଦର୍ଶକ ବିରୋଧ କରି ହୁଇସିଲ ମାରିବା ସହ ବୋଇଙ୍ଗ କରିଥିଲେ। ଯାହା ପରିବେଶକୁ ଅଧିକ ତିକ୍ତ କରିଥିଲା।

ଜାତୀୟ ସଂଗୀତକୁ ଦର୍ଶକଙ୍କ ବିରୋଧ ପ୍ରଶଙ୍ଗରେ ଇରାନର ଅନ୍ୟତମ ଗୋଲ ସ୍କୋରର ରମୀନ ରେଜାଇୟାନ କହିଛନ୍ତି ଯଦି ଆମ ଭିତରେ କିଛି ସମସ୍ୟା ଅଛି, ତେବେ ଏହା ଆମ ବ୍ୟକ୍ତିଗତ ମାମଲା। ଆମେ ସାବଧାନ ରହିବୁ ଏଥିରେ ଆପଣମାନଙ୍କର ମୁଣ୍ଡ ଖେଳାଇବାର ଆବଶ୍ୟକତା ନାହିଁ। ଇରାନର ମୁଖ୍ୟ କୋଚ୍ ଅମୀର ଘଲେନୋଇ ଆୟୋଜକଙ୍କ ଉପରେ ତୀବ୍ର ଅସନ୍ତୋଷବ୍ୟକ୍ତ କରିଛନ୍ତି। ଭିସା ସମସ୍ୟା, ଟ୍ରେନିଂ କ୍ୟାମ୍ପ ସ୍ଥାନାନ୍ତର, ଦଳର ଆଗମନରେ ବିଳମ୍ବ ଏବଂ ଖେଳାଳିଙ୍କୁ ରିକଭରି ପାଇଁ ସମୟ ନଦେଇ ଶୀଘ୍ର ଫେରିଯିବାକୁ ବାଧ୍ୟ କରାଯାଉଥିବା ନେଇ ଅଭିଯୋଗ କରିଛନ୍ତି। ଆୟୋଜକ ସ୍ଥିତିକୁ କଠିନ କରୁଥିଲେ। ସ୍ଥିତିକୁ କଷ୍ଟ କରୁଥିଲେ ସୁଦ୍ଧା ତାଙ୍କ ଦଳ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id-com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି